


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 • ISSUE-101 • SUNDAY • 04 OCTOBER 2026 • PAGE-12 • ₹ 7.00 | BHUBANESWAR | ବର୍ଷ-୪୪ • ସଂଖ୍ୟା-୧୦୧ • ରବିବାର • ୦୪ ଅକ୍ଟୋବର ୨୦୨୬ • ପୃଷ୍ଠା-୧୨ • ଟ.୭.୦୦


ଭାରତକୁ ୮୫ ପଦକ: ଏସୀୟ କ୍ରୀଡ଼ା ଉଦ୍ଯାପନ ଆଜି

# ଶେଷ ପର୍ଯ୍ୟାୟରେ ସ୍ୱର୍ଣ୍ଣ ବର୍ଷା

■ ଟୋକିଓ, ୩।୧୦ (ଏଜେନ୍ସି): ଜାପାନର ଅନ୍ୟତମ ସହର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ରୁ ଚାଲିଥିବା ୨୦ତମ ଏସିଆନ ଗେମ୍ସ ଆସନ୍ତାକାଲି ଉଦ୍ଯାପିତ ହେବ। ଉଦ୍ଯାପନୀ ସମାରୋହ ସହ ଏହି ପ୍ରତିଯୋଗିତା ଆନୁଷ୍ଠାନିକ ଉଦ୍ଯାପିତ ହେବ। ଏହା ପୂର୍ବ ଦୁଇଦିନରେ ଭାରତୀୟ ପ୍ରତିଯୋଗୀମାନେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବର୍ଷା କରିଛନ୍ତି। ଗତକାଲି ବା ଶୁକ୍ରବାର ୬ଟି ଏବଂ ଆଜି ବା ଶନିବାର ଆଉ ୫ଟି ବା ଗତ ଦୁଇଦିନରେ ଭାରତ ୧୧ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଏହା ଫଳରେ ଭାରତ ମୋଟ ୨୧ ସ୍ୱର୍ଣ୍ଣ ସହ ମୋଟ ୮୫ଟି ପଦକ ଜିତି ଗତ ସଂସ୍କରଣ ଭଳି ପଦକ ତାଲିକାରେ ଚତୁର୍ଥ ସ୍ଥାନ ବଜାୟ ରଖିଛି।

ଶନିବାର ଇଭେଣ୍ଟରେ ଭାରତ ୫ଟି ସ୍ୱର୍ଣ୍ଣପଦକ ହାସଲ କରିଛି। ଏହା ମଧ୍ୟରୁ ପୁରୁଷ କ୍ରିକେଟ, ହକି ଟିମ୍ ଓ କୁସ୍ତିରେ ଅମନ ଶେରାୱତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। କ୍ରିକେଟରେ ଅନୁଷ୍ଠିତ ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାରେ ଭାରତ ୧୯ ରନ୍‌ରେ ପାକିସ୍ତାନକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ସ୍ୱର୍ଣ୍ଣପଦକ ହାସଲ କରିଛି। ପୂର୍ବରୁ ମହିଳା ଟିମ୍ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲା। ହକିରେ ପୁରୁଷ ଦଳ ୫-୧ ଗୋଲ୍‌ରେ ମାଲେସିଆକୁ ସହଜରେ ପରାସ୍ତ କରି ମହିଳା ଟିମ୍ ଭଳି ସ୍ୱର୍ଣ୍ଣପଦକ ବଜାୟ ରଖିଛି। ହକିରେ ଉଭୟ ପୁରୁଷ ଓ ହକି ଦଳ ୨୦୨୮ ଆମେରିକାର ଲସ୍‌ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

ମହିଳା ବିଭାଗରେ ଦୁଇ ପ୍ରତିଯୋଗୀ ତୀରନ୍ଦାଜ କୁମ୍‌କୁମ୍ ମୋହୋଦ ରିକର୍ଭ କାଟେଗୋରୀରେ ଓ ଗଲ୍ଫରେ ପ୍ରଣବୀ ଅର୍ସ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟିକରିଛନ୍ତି। ଏହି ବିଭାଗରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣପଦକ। ହକି ଟିମ୍ ଭଳି କୁମ୍‌କୁମ୍ ମଧ୍ୟ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ ସଂସ୍କରଣରେ ଭାରତ ୧୦୬ଟି ପଦକ ଜିତି ତାଲିକାର ୪ର୍ଥ ସ୍ଥାନରେ ରହିଥିଲା।

| ଭାରତର ପଦକ | |
|---|---|
| ସ୍ୱର୍ଣ୍ଣ | ୨୧ |
| ରୌପ୍ୟ | ୨୭ |
| କାଂସ୍ୟ | ୩୭ |
| ମୋଟ | ୮୫ |




ଭାରତୀୟ ପୁରୁଷ ହକି ଦଳ ଓ କ୍ରିକେଟ ଟିମ୍‌କୁ ସ୍ୱର୍ଣ୍ଣ ପଦକ

କୁସ୍ତି, ତୀରନ୍ଦାଜି ଓ ଗଲ୍ଫରେ ସ୍ୱର୍ଣ୍ଣ



# ଦୁଷ୍କର୍ମ ଅଭିଯୁକ୍ତକୁ ଏନ୍‌କାଉଣ୍ଟର

ଏୟାର ଗନ୍ ସଦୃଶ ଲାଇଟର୍ ଦେଖାଇ କରିଥିଲା ଦୁଷ୍କର୍ମ

ମୋବାଇଲ ଚୋରି କରିବାକୁ ଆସିଥିଲା; ଦୁଷ୍କର୍ମ କରି ଚମ୍ପଟ୍

ଗୁରୁତର ଅବସ୍ଥାରେ ଅଭିଯୁକ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି



■ ଭୁବନେଶ୍ୱର, ୩।୧୦ (ସମିସ): ରାଜଧାନୀ ଭୁବନେଶ୍ୱରର ନୟାପଲ୍ଲୀ ଥାନା ଅଞ୍ଚଳରେ ହୋଇଥିବା ଜଘନ୍ୟ ଦୁଷ୍କର୍ମ କାଣ୍ଡର ୭୨ ଘଣ୍ଟା ମଧ୍ୟରେ କମିଶନରେଟ୍ ପୁଲିସ ଅଭିଯୁକ୍ତକୁ ଗିରଫ ବେଳେ ଏନ୍‌କାଉଣ୍ଟର କରିଛି। ଗୁରୁତର ଆହତ ଅବସ୍ଥାରେ ଅଭିଯୁକ୍ତ ଶ୍ରୀଧର ପଣ୍ଡା ଓରଫ ସନ୍ତୋଷ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛି। ଅଭିଯୁକ୍ତର ଘର ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଅଞ୍ଚଳରେ। ସେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲା। ବହୁ ଖୋଜାଖୋଜି ପରେ ପୁଲିସ ତାକୁ ଚନ୍ଦକା ଅଞ୍ଚଳରୁ ଶନିବାର ଗିରଫ କରିଛି। ଗିରଫ ବେଳେ ସେ ପେଟ୍‌କସ୍‌ରେ ପୁଲିସକୁ ଭୁସିବାକୁ ଉଦ୍ୟମ କରୁଥିଲା ବେଳେ ତାକୁ ଫାୟରିଂ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ସନ୍ତୋଷର ଡାହାଣ ଗୋଡ଼ରେ ଗୁଳି ବାଜିଛି। ପୁଲିସ କହିବା ଅନୁଯାୟୀ, ସନ୍ତୋଷ ଚୋରି କରିବାକୁ ପୀଡ଼ିତାଙ୍କ ଘରେ ପଶିଥିଲା। କିନ୍ତୁ ପରେ ସେ ଯୁବତୀଙ୍କୁ ଏକ ଲାଇଟର ସଦୃଶ ନକଲି ଏୟାରଗନ୍ ଦେଖାଇ ଭୟଭୀତ କରି ଦୁଷ୍କର୍ମ କରିଥିଲା। ୪୦ ମିନିଟ୍ ▶ପୃଷ୍ଠା-୭

## ଓଲଟ ପାଲଟ



କଟକ ସହର ଦୁର୍ଗା ପୂଜା ପାଇଁ
ହେଲାଣି ସରଗରମ,
ରାସ୍ତାଘାଟ ମରାମତି ହୋଇନାହିଁ
ଶ୍ରଦ୍ଧାଳୁ ଏ ନେବେ ନାମ।
କଟକ ଚଣ୍ଡୀ ମନ୍ଦିରର କାମ
ପଡ଼ିଅଛି ସେହିପରି,
ଷୋଡ଼ଶ ବିଧିରେ ପୂଜା ଉପଚାର
ହେବ ଏବେ କେଉଁପରି ?
କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଅଛି
ନାହିଁ ତା'ର ଆଦି ଅନ୍ତ,
ମାଆଙ୍କ ଦର୍ଶନ ପାଇଁ କି ପୂଜାରେ
ଶ୍ରଦ୍ଧାଳୁ ଏ ହନ୍ତସନ୍ତ ॥
-ଯାଯାବର



ତେଜୁଛି ଜ୍ଞାନେଶ-ବିରୋଧୀ ଆନ୍ଦୋଳନ

# ସ୍ୱର ଚାପିବାକୁ ଉଦ୍ୟମ



ଅକ୍ଟୋବର ୨ ଆନ୍ଦୋଳନ ପାଇଁ ଆଖିବୁଜା ଏତଲା

ଯନ୍ତରମନ୍ତର, ଶିବାଜୀ ପାର୍କ ଘଟଣାରେ ୫୦୦ ଏଫ୍‌ଆଇଆର୍

ଡରିବୁ ନାହିଁ; ଆନ୍ଦୋଳନ ଆହୁରି ତୀବ୍ର ହେବ: ଦୀପଙ୍କେ

■ ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି): ବିବାଦୀୟ ଏସ୍‌ଆଇଆର୍‌ର ମୁଖ୍ୟ ସୂତ୍ରଧର କୁହାଯାଉଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଆନ୍ଦୋଳନ ତୀବ୍ର ହେବାକୁ ଲାଗିଛି। ଏହି ଆନ୍ଦୋଳନରେ କକ୍ରୋଚ ଜନତା ପାର୍ଟି (ସିଜେପି) ସମେତ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସାମିଲ ହୋଇଥିବା ବେଳେ ଆନ୍ଦୋଳନ ଚପାଇବା ଲାଗି ପୁଲିସ ନାଲିଆଖି ଦେଖାଇବା ଆରମ୍ଭ କରିଛି। ଗତକାଲି ଦିଲ୍ଲୀର ଯନ୍ତରମନ୍ତର ଓ ମୁମ୍ବଇର ଶିବାଜୀ ପାର୍କରେ ଆରମ୍ଭ ହୋଇଥିବା ଆନ୍ଦୋଳନ ନେଇ ପୁଲିସ ପ୍ରାୟ ୫୦୦ ଏଫ୍‌ଆଇଆର୍ ରୁଜୁ କରିଛି। ଏହାକୁ ନେଇ ସିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଚେତାବନୀ ଦେଇଛି ଯେ ଆନ୍ଦୋଳନ ଦମନ ପାଇଁ ଉଦ୍ୟମ କରାଗଲେ ଏହାକୁ ଆହୁରି ତୀବ୍ର କରାଯିବ। ଆସନ୍ତା ୧୦ ତାରିଖରୁ ଦିଲ୍ଲୀର ଯନ୍ତରମନ୍ତରରେ ହେବାକୁ ଯାଉଥିବା ସିଜେପି ଆନ୍ଦୋଳନ ପ୍ରଥମ ପର୍ଯ୍ୟାୟ ଅପେକ୍ଷା ଆହୁରି ଅଧିକ ତୀବ୍ରତର ହେବ। ▶ପୃଷ୍ଠା-୭


29001/29/2627





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଭାରତ ପାଇଁ ସ୍ୱର୍ଣ୍ଣିମ ଗୌରବ

ଭାରତୀୟ ମହିଳା ଓ ପୁରୁଷ
ହକି ଦଳକୁ ହାର୍ଦ୍ଦିକ ଅଭିନନ୍ଦନ

ସ୍ୱର୍ଣ୍ଣ | ଏସିଆନ୍ ଗେମ୍ସ ୨୦୨୬

୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ

ଗୌରବମୟ ବିଜୟରେ ଉତ୍ସବମୁଖର ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା




OIPR-29001/29001/2/26-27/0023
କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର

## ବିଶେଷ ଟିପ୍ପଣୀ



ଦିଲ୍ଲୀ ପୁଲିସ ପ୍ରତିବାଦକାରୀ ଛାତ୍ରଛାତ୍ରୀ ଏବଂ କର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଉଚିତ। ଅକ୍ଟୋବର ୧୦ରେ ଦିଲ୍ଲୀ ଯୁବଶକ୍ତିର ସାମର୍ଥ୍ୟର ସାକ୍ଷୀ ହେବାକୁ ଯାଉଛି। ଭିନ୍ନମତ ଏକ ଗଣତାନ୍ତ୍ରିକ ଅଧିକାର। ଏହାକୁ ଧମକ କିମ୍ବା ବଳ ପ୍ରୟୋଗ କରି ଦମନ କରାଯାଇପାରିବ ନାହିଁ।

*-ଅଭିଜିତ୍ ଦିପ୍‌କେ (ସିଜେପି ପ୍ରତିଷ୍ଠାତା)*



ନିର୍ବାଚନ କମିସନଙ୍କ ବିରୋଧରେ ଆମେ ବିଶାଳ ମିଳିତ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛୁ। ଆମେ ଗତକାଲି ଶିବାଜୀ ପାର୍କରେ ଆନ୍ଦୋଳନ ଦେଖିଲୁ। ଲୋକଙ୍କ ମଧ୍ୟରେ ଯଥେଷ୍ଟ କ୍ରୋଧ ଥିଲା। ଅନ୍ୟ ରାଜନୈତିକ ସଂଗଠନ ଓ କଂଗ୍ରେସ ପାର୍ଟି ମଧ୍ୟ ଏହାକୁ ସମର୍ଥନ ଦେଇଛନ୍ତି। ବାମ ଦଳଗୁଡ଼ିକ ମଧ୍ୟ ଆମ ସହିତ ଅଛନ୍ତି।

*–ସଞ୍ଜୟ ରାଉତ, ଶିବସେନା (ୟୁବିଟି)*

## ଜେନ୍ Z

ନେହା ବୋରାଙ୍କ ସହିତ ଯୁବଶକ୍ତି ଠିଆ ହୋଇଛି। ଏଥର ଆର୍ ନହେଲେ ପାର୍ ହେବା ପରି ମନେ ହେଉଛି। ଏଥିପାଇଁ ଯୁବଶକ୍ତି ପ୍ରସ୍ତୁତ ହୋଇଛନ୍ତି। ଯୋଗେନ୍ଦ୍ର ଯାଦବ ଏବଂ ଆଇନଜୀବୀ କପିଲ ସିବଲଙ୍କ ସମେତ ଅନେକ ବରିଷ୍ଠ ନେତା ମଧ୍ୟ ପ୍ରତିବାଦରେ ଯୋଗ ଦେଇଛନ୍ତି।

- ରାମନିବାସ ଭାକର @BhakarRN

## ଫ୍ଲାଏଦୁବାଇ ସହ-ପାଇଲଟ୍‌ଙ୍କୁ ନେଇ ଚାଞ୍ଚଲ୍ୟକର ତଥ୍ୟ

# ଚରମପନ୍ଥୀ ଚିନ୍ତାଧାରା ପାଇଁ ବାରଣ କରିଥିଲା ଓମାନ

ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି): ଫ୍ଲାଏଦୁବାଇ ବିମାନରେ ଭାରତୀୟ ପାଇଲଟ୍ କ୍ୟାପ୍‌ଟେନ୍ ସ୍ମିତ ମଛାରଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ତଦନ୍ତର ସମ୍ମୁଖୀନ ଓମାନୀ ସହ-ପାଇଲଟ୍‌ଙ୍କ ପରିଚୟ ହାମାମ ଅଲହାମାମି ବୋଲି ଜଣାପଡ଼ିଛି। ତାଙ୍କୁ ନେଇ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଖୋଳତାଡ଼ କରୁଥିବା ବେଳେ, ଚରମପନ୍ଥୀ ଚିନ୍ତାଧାରା ନେଇ ପୂର୍ବରୁ ଓମାନରେ ତାଙ୍କୁ ବିମାନ ଚଳାଇବାରୁ ବାରଣ କରାଯାଇଥିବା ଦାବି ସାମ୍ନାକୁ ଆସିଛି। 'ଆଲ୍ ଆରବିୟା ଇଂଲିଶ'ର ରିପୋର୍ଟ ଅନୁଯାୟୀ, ଅଲହାମାମି ପୂର୍ବରୁ ଓମାନରେ ଉଡ଼ାଣ ସମ୍ପର୍କିତ ଦାୟିତ୍ୱରୁ ବାରଣ ହୋଇଥିଲେ। ସିରିଆରେ ରହିବା ସମୟରେ ସେ ଚରମପନ୍ଥୀ ଚିନ୍ତାଧାରାର ପ୍ରଭାବରେ ଆସିଥିବା ନେଇ ସୂତ୍ର ଦାବି କରିଛନ୍ତି।



ପରେ ସେ ଓମାନ ଛାଡ଼ି ୟୁଏଇ ଯାଇଥିବା କୁହାଯାଇଛି। ସିଏନ୍‌ଏନ୍ ରିପୋର୍ଟରେ ମଧ୍ୟ ସମାନ ଦାବି ଉଠିଛି। ଓମାନର ଜାତୀୟ ବିମାନସେବାରେ ପ୍ରଶିକ୍ଷଣ ସମୟରେ ତାଙ୍କ ଚିନ୍ତାଧାରାକୁ ନେଇ ସନ୍ଦେହ ହେବାରୁ ତାଙ୍କୁ ପ୍ରଶିକ୍ଷଣରୁ ହଟାଯାଇଥିବା ଜଣେ ଆଞ୍ଚଳିକ କୂଟନୈତିକ ସୂତ୍ର କହିଛି। ତେବେ ପରେ ତାଙ୍କୁ ବିମାନସେବାର ଅନ୍ୟ ଏକ ଦାୟିତ୍ୱ ଦିଆଯାଇଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ଅଛି।

ସୂଚନା ଅନୁଯାୟୀ, ଅଲହାମାମି ୟୁଏଇରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଓମାନୀ ଏବଂ ମା' ସିରିଆର ବୋଲି ସୂତ୍ରକୁ ଉଦ୍ଧୃତ କରି ସିଏନ୍‌ଏନ୍ କହିଛି। ସେ ଜୀବନର ଅନେକ ବର୍ଷ ୟୁଏଇରେ କାଟିଥିବା ଦାବି କରାଯାଇଛି। ସାଉଦି ଆରବର ତାବୁକ୍‌ରେ ବିମାନ ଜରୁରୀ ଅବତରଣ କରିବା ପରେ ତାଙ୍କୁ ୟୁଏଇକୁ ହସ୍ତାନ୍ତର କରାଯାଇଥିବା ଏବଂ ସେଠାରେ ଆତଙ୍କବାଦ ସମ୍ପର୍କିତ ତଦନ୍ତ ଚାଲିଥିବା ରିପୋର୍ଟରେ କୁହାଯାଇଛି। ଏହି ଘଟଣାକୁ ନେଇ ତାଙ୍କ ନିଯୁକ୍ତି ଓ ସୁରକ୍ଷା ଯାଞ୍ଚକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଅଲହାମାମି ମାତ୍ର ପ୍ରାୟ ୮ ମାସ ଧରି ଫ୍ଲାଏଦୁବାଇରେ କାମ କରୁଥିଲେ ବୋଲି ଜଣେ ଇସ୍ରାଏଲୀ ଅଧିକାରୀଙ୍କୁ ଉଦ୍ଧୃତ କରି ସିଏନ୍‌ଏନ୍ ରିପୋର୍ଟ କରିଛି। ତାଙ୍କ ପୂର୍ବ ଚାକିରିକୁ ନେଇ ମଧ୍ୟ ଭିନ୍ନ ରିପୋର୍ଟ ସାମ୍ନାକୁ ଆସିଛି। ସେପ୍ଟେମ୍ବର ୩୦ରେ ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନର କକ୍‌ପିଟ୍‌ରେ ଘଟଣାଟି ଘଟିଥିଲା। ଅଭିଯୋଗ ଅନୁଯାୟୀ, ଅଲହାମାମି କ୍ୟାପ୍‌ଟେନ୍ ସ୍ମିତ ମଛାରଙ୍କୁ ଆକ୍ରମଣ କରିଥିଲେ। ଏହା ପରେ ବିମାନଟି ଦ୍ରୁତଗତିରେ ପ୍ରାୟ ୧୬ ହଜାର ଫୁଟ୍ ତଳକୁ ଖସିଥିଲା। ପରେ ହାଇଜାକ୍ ସମ୍ପର୍କିତ ଜରୁରୀ ସଙ୍କେତ ପଠାଯାଇଥିଲା। ଗୁରୁତର ଆହତ ହୋଇଥିଲେ ମଧ୍ୟ କ୍ୟାପ୍‌ଟେନ୍ ମଛାର ପ୍ରତିରୋଧ କରି କକ୍‌ପିଟ୍‌ର ଦ୍ୱାର ଖୋଲିବାରେ ସକ୍ଷମ ହୋଇଥିଲେ। ପରେ ବିମାନର କ୍ରୁ ସଦସ୍ୟ ଓ ଯାତ୍ରୀମାନେ କକ୍‌ପିଟ୍‌ରେ ପ୍ରବେଶ କରି ଅଭିଯୁକ୍ତ ସହ ପାଇଲଟ୍‌ଙ୍କୁ କାବୁ କରିଥିଲେ। ଦୁଇଜଣ ଅନ୍ୟ ପାଇଲଟ୍ ମଧ୍ୟ ବିମାନ ନିୟନ୍ତ୍ରଣରେ ସହଯୋଗ କରିଥିଲେ। ପରେ ବିମାନଟି ସାଉଦି ଆରବର ତାବୁକ୍‌ରେ ଜରୁରୀ ଅବତରଣ କରିଥିଲା। ବିମାନରେ ଥିବା ୧୮୦ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଭାବେ ଓହ୍ଲାଇଥିଲେ। ଘଟଣାର ପ୍ରକୃତ କାରଣ, ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ଏବଂ ତାଙ୍କ ପୂର୍ବ ପୃଷ୍ଠଭୂମି ସମ୍ପର୍କିତ ତଥ୍ୟ ତଦନ୍ତ ପରେ ଅଧିକ ସ୍ପଷ୍ଟ ହେବ।



ହସ୍‌ପିଟାଲରେ ଚିକିତ୍ସାଧୀନ ଭାରତୀୟ ପାଇଲଟ ସ୍ମିତ୍ ମଛାରଙ୍କୁ ଭେଟୁଛନ୍ତି ଦୁବାଇର କ୍ରାଉନ ପ୍ରିନ୍ସ ଶେଖ୍ ହମାଦାନ ବିନ୍ ମହମ୍ମଦ ବିନ୍ ରସିଦ ଅଲ ମଖତୁମ୍। ମଛାରଙ୍କୁ ତାଙ୍କର ସାହାସ ପାଇଁ ପ୍ରଶଂସା କରିଛନ୍ତି ପ୍ରିନ୍ସ।

## ଇଣ୍ଡିଆ ମେଣ୍ଟରେ ସାମିଲ ହେଲା ଟିଭିକେ

ଚେନ୍ନାଇ,୩।୧୦(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ତାମିଲଗା ଭେଟ୍ରି କଝଗମ୍ (ଟିଭିକେ) ଇଣ୍ଡିଆ ମେଣ୍ଟ ବୈଠକରେ ଆଜି ସାମିଲ ହୋଇଛି। ତାମିଲନାଡୁ କଂଗ୍ରେସ କମିଟି (ଟିଏନ୍‌ସିସି) ସଭାପତି ମାଣିକମ୍ ଟାଗୋର ଏହାକୁ 'ଐତିହାସିକ ଦିନ' ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କ ମତରେ, ଟିଭିକେର ଅଂଶଗ୍ରହଣ ରାଜ୍ୟରେ ବିରୋଧୀ ମେଣ୍ଟକୁ ଅଧିକ ସୁଦୃଢ଼ କରିବ। ଚେନ୍ନାଇସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ହୋଇଥିବା ବୈଠକରେ କଂଗ୍ରେସ ସହ ଟିଭିକେ, ସିପିଏମ୍, ସିପିଆଇ, ଭିସିକେ, ଏମ୍‌ଡିଏମ୍‌କେ ଓ ଆଇୟୁଏମ୍‌ଏଲ୍ ପ୍ରତିନିଧି ଯୋଗଦେଇଥିଲେ। ଟିଭିକେ ପକ୍ଷରୁ ଆଧବ ଅର୍ଜୁନ ଓ ମାରିଆ ୱିଲସନ୍ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିରୋଧୀ ଦଳଗୁଡ଼ିକର ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ଟାଗୋର କହିଛନ୍ତି, ଅକ୍ଟୋବର ୧୫ରେ ଚେନ୍ନାଇରେ ମିଳିତ ପ୍ରତିବାଦ ହେବ। ଏହା ପୂର୍ବରୁ ଅକ୍ଟୋବର ୧୩ରୁ ୧୫ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯିବ ବୋଲି ଏମ୍‌ଡିଏମ୍‌କେ ନେତା ଭାଇକୋ କହିଛନ୍ତି।

## ବିଜେପି ନେତାଙ୍କ ବିରୋଧରେ ଦଳୀୟ ନେତ୍ରୀଙ୍କ ଦୁଷ୍କର୍ମ ଅଭିଯୋଗ

ବଲିଆ,୩।୧୦(ଏଜେନ୍ସି): ଉତ୍ତରପ୍ରଦେଶର ବଲିଆ ଜିଲ୍ଲାରେ ବିଜେପିର ଜଣେ ମହିଳା ନେତ୍ରୀ ନିଜ ଦଳର ଜିଲ୍ଲା ସଭାପତି ସଞ୍ଜୟ ମିଶ୍ରଙ୍କ ବିରୋଧରେ ଦୁଷ୍କର୍ମ, ଅଶ୍ଳୀଳ ଭିଡିଓ ପ୍ରସ୍ତୁତି ଏବଂ ବ୍ଲାକମେଲିଂ ଭଳି ଗୁରୁତର ଅଭିଯୋଗ କରିଛନ୍ତି। ମହିଳା ନେତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସଞ୍ଜୟ ମିଶ୍ର ଓ ତାଙ୍କ ସହଯୋଗୀମାନେ ଦୀର୍ଘ ଦିନ ଧରି ତାଙ୍କର ଶାରୀରିକ, ମାନସିକ ଓ ଆର୍ଥିକ ଶୋଷଣ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରାଯାଇଥିଲା। ପୁଲିସ ନିକଟରେ ଅଭିଯୋଗ କରିବା ପରେ ୧୫ ଦିନ ବିଳମ୍ବରେ, ସେପ୍ଟେମ୍ବର ୧୫ରେ ଏତଲା ରୁଜୁ ହୋଇଥିଲା। କିନ୍ତୁ ସଞ୍ଜୟ ମିଶ୍ର ନିଜ ପ୍ରଭାବ ଦ୍ୱାରା ମାମଲାରୁ ନିଜ ନାମ ହଟାଇ ଦେଇଥିଲେ। ଏହାସହ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଲଗାଯାଇଥିବା ଦଫାକୁ ଅଧିକ କୋହଳ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସଞ୍ଜୟ ନିଜ କାର୍ଯ୍ୟାଳୟକୁ ମହିଳାଙ୍କ ଶୋଷଣର ମାଧ୍ୟମ ରୂପେ ବ୍ୟବହାର କରୁଥିବା ସେ ଅଭିଯୋଗ କରିଛନ୍ତି। ମହିଳାମାନେ ଭୟରେ ଏହାର ବିରୋଧ କରୁ ନଥିବା ସେ କହିଛନ୍ତି। ଏହି ମାମଲାରେ ଜିଲ୍ଲା ମନ୍ତ୍ରୀ ଆଲୋକ ସିଂହ ମୋନୁ, ଗଣେଶ ଗୁପ୍ତା ଏବଂ ଅଜିତ ମିଶ୍ର ଚନ୍ଦନଙ୍କ ନାମ ମଧ୍ୟ ଅଭିଯୋଗରେ ରହିଛି। ଅନ୍ୟପଟେ, ଜିଲ୍ଲା ସଭାପତି ସଞ୍ଜୟ ମିଶ୍ର ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। କାହା ଚରିତ୍ର ଉପରେ ମିଥ୍ୟା ଅଭିଯୋଗ ଆଣିବା ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ପାଇଁ ଠିକ୍ ନୁହେଁ ବୋଲି ସେ କହିଛନ୍ତି।

## ଆମେରିକାରେ ମନ୍ଦିରରେ ଭଙ୍ଗାରୁଜା

ନ୍ୟୁୟର୍କ,୩।୧୦(ଏଜେନ୍ସି): ଆମେରିକାର ଓହାଇଓର ଗ୍ରେଟର କ୍ଲିଭ୍‌ଲ୍ୟାଣ୍ଡ ଅଞ୍ଚଳର ଏକ ହିନ୍ଦୁ ମନ୍ଦିରରେ ଇଟା ମାଡ଼ କରି ଭଙ୍ଗାରୁଜା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମୟରେ ମନ୍ଦିର ଭିତରେ ପୂଜକ ଓ କିଛି ଭକ୍ତ ଉପସ୍ଥିତ ଥିଲେ। ଏହି ଘଟଣାରେ ମନ୍ଦିରର କିଛି ଅଂଶ ଓ ଝରକା କ୍ଷତିଗ୍ରସ୍ତ ହୋଇଛି। ହିନ୍ଦୁ ସଂଗଠନ 'କୋଆଲିସନ୍ ଅଫ୍ ହିନ୍ଦୁସ୍ ଅଫ୍ ନର୍ଥ ଆମେରିକା' (କୋହ୍‌ନା) ଅନୁସାରେ, ଶୁକ୍ରବାର ଅପରାହ୍ନରେ ରିଚମଣ୍ଡ ହାଇଟ୍ସ ଅଞ୍ଚଳର 'ଶ୍ରୀ ସ୍ୱାମୀନାରାୟଣ ହିନ୍ଦୁ ମନ୍ଦିର ବଡତାଲଧାମ'ରେ ଏହି ଘଟଣା ଘଟିଥିଲା। ତେବେ ଘଟଣାରେ କେହି ଆହତ ହୋଇଛନ୍ତି କି ନାହିଁ, ସେନେଇ ସୂଚନା ମିଳିନାହିଁ। ଘଟଣାକୁ ନେଇ ସଂଗଠନ ପକ୍ଷରୁ ରିଚମଣ୍ଡ ହାଇଟ୍ସ ମେୟର କିମ୍ ଥୋମାସ ଓ ସ୍ଥାନୀୟ ପ୍ରଶାସନଙ୍କୁ ଘଟଣାର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ତୁରନ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ହିନ୍ଦୁ ଆମେରିକାନ ଫାଉଣ୍ଡେସନ ମଧ୍ୟ ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିଛି। ସଂଗଠନ ପକ୍ଷରୁ ଏହାକୁ ସମ୍ଭାବ୍ୟ ଘୃଣାଜନିତ ଅପରାଧ ବୋଲି ଉଲ୍ଲେଖ କରାଯାଇ ଘଟଣାର ଭିଡିଓ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ଦାବି କରାଯାଇଛି। ତେବେ ଆକ୍ରମଣର ଉଦ୍ଦେଶ୍ୟ ଓ ଏହା ଘୃଣାଜନିତ ଅପରାଧ କି ନୁହେଁ, ତାହା ତଦନ୍ତରୁ ସ୍ପଷ୍ଟ ହେବ। ଆଗାମୀ ଦିନରେ ନବରାତ୍ରି ଅବସରରେ ହିନ୍ଦୁ ହେରିଟେଜ୍ ମାସ ପାଳନ ପାଇଁ ଓହାଇଓର ଭାରତୀୟ-ଆମେରିକୀୟ ସମୁଦାୟ ପ୍ରସ୍ତୁତି ନେଉଥିବା ସମୟରେ ଏହି ଘଟଣା ଘଟିଛି।

## ଗୌହାଟୀ ନାଇଟ୍ କ୍ଲବ୍‌ରେ ମହିଳାଙ୍କୁ ଆକ୍ରମଣ

ଗୌହାଟୀ, ୩।୧୦(ଏଜେନ୍ସି): ଆସାମର ଗୌହାଟୀ ଖାନାପାରା ଅଞ୍ଚଳର ଏକ ନାଇଟ୍‌କ୍ଲବ୍‌ରେ ଜଣେ ମହିଳାଙ୍କୁ ମାଡ଼ ମାରିବା ଓ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ପୁଲିସ ନିଜଆଡ଼ୁ ମାମଲା ରୁଜୁ କରି ନାଇଟ୍‌କ୍ଲବ୍ ମ୍ୟାନେଜର, ଇଭେଣ୍ଟ ମ୍ୟାନେଜର ଓ ଫ୍ରଣ୍ଟ ଅଫିସ୍ କର୍ମଚାରୀଙ୍କ ସମେତ ୭ ଜଣଙ୍କୁ ଗିରଫ କରିଛି। ଅକ୍ଟୋବର ୧ ରାତିରେ 'ଦି ଲୋକାଲ୍ସ କାଫେ ଆଣ୍ଡ ଲାଉଞ୍ଜ୍'ରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଭାଇରାଲ ଭିଡିଓରେ ଜଣେ ମହିଳା ପାର୍କିଂ ଅଞ୍ଚଳରେ ଭୂମିରେ ପଡ଼ିଥିବା ଦେଖାଯାଉଛି। ଦୁଇଜଣ ମହିଳା ତାଙ୍କୁ ଗୋଇଠା ମାରୁଥିବା ଏବଂ କିଛି ପୁରୁଷ ସେଠାରେ ଠିଆ ହୋଇଥିବା ଦେଖାଯାଇଛି। କ୍ଲବ୍ ଭିତରେ ଜଣେ ବାଉନ୍ସରଙ୍କ ସହ ମହିଳାଙ୍କର ବିବାଦ ହୋଇଥିଲା। ସେ ବିୟର ବୋତଲରେ ବାଉନ୍ସରଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ରହିଛି। ପରେ ବାଉନ୍ସରମାନେ ତାଙ୍କୁ ଚତୁର୍ଥ ମହଲାରୁ ତଳକୁ ନେଇ ପାର୍କିଂ ଅଞ୍ଚଳରେ ମାଡ଼ ମାରିଥିବା ଏବଂ ପୋଷାକ ଖୋଲିଦେଇଥିବା ଅଭିଯୋଗ ହୋଇଛି। ଗିରଫ ୭ ଜଣଙ୍କ ବୟସ ୨୧ରୁ ୩୦ ବର୍ଷ ମଧ୍ୟରେ ଏବଂ ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି।

# ଭଙ୍ଗ ହେଉ ସଂସଦ, ବିଧାନସଭା

## ନିର୍ବାଚନ ବେଆଇନ, ବାଲଟ ପେପରରେ ଭୋଟ ହେଉ : କଂଗ୍ରେସ



କଲବୁର୍ଗି,୩।୧୦(ଏଜେନ୍ସି): ଏସଆଇଆର ନାମରେ କୋଟି କୋଟି ଲୋକଙ୍କ ନାମ ଭୋଟର ତାଲିକାରୁ କାଟି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଯେଉଁ କାଣ୍ଡ କରିଛନ୍ତି, ତାହା ଅକ୍ଷମଣୀୟ। ତାଙ୍କ ଅଧୀନରେ ହୋଇଥିବା ସମସ୍ତ ନିର୍ବାଚନକୁ ବେଆଇନ୍ ବୋଲି ଅଭିହିତ କରିଛନ୍ତି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ। ତେଣୁ ବାଲଟ୍ ପେପର ମାଧ୍ୟମରେ ସାନି ନିର୍ବାଚନ କରିବାକୁ ସେ ଦାବି କରିଛନ୍ତି।

ଆଜି କର୍ଣ୍ଣାଟକର କଲବୁର୍ଗିରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ଭଙ୍ଗ କରିବା ସହିତ ବାଲଟ୍ ପେପର ମାଧ୍ୟମରେ ନୂତନ ନିର୍ବାଚନ କରାଇବାକୁ ଖଡ୍‌ଗେ ଦାବି କରିଛନ୍ତି। ସେ କହିଛନ୍ତି ଯେ ସମଗ୍ର ଦେଶ ବର୍ତ୍ତମାନ ଅବୈଧ ନିର୍ବାଚନ ଦ୍ୱାରା ପରିଚାଳିତ ହେଉଛି। ନିର୍ବାଚନ କମିସନଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ଏବଂ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ର ଅପବ୍ୟବହାର ନେଇ ସେ ଗୁରୁତର ଅଭିଯୋଗ କରିଛନ୍ତି। କୌଣସି ନିର୍ଦ୍ଦିଷ୍ଟ ବୁଥ୍‌ରୁ ୫୦୦ ଭୋଟରଙ୍କ ନାମ ହଟାଯିବା ତଥା ବିଜେପି-ଆରଏସଏସ କର୍ମୀଙ୍କ ଦ୍ୱାରା ନାମ କାଟିବା ପାଇଁ ପ୍ରୟାସ ହେଉଥିବା ସେ ଅଭିଯୋଗ କରିଛନ୍ତି। ଏହା ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରୁଛି ବୋଲି ସେ ଦର୍ଶାଇଛନ୍ତି। ଖଡ୍‌ଗେ ୨୦୨୩ର ମୁଖ୍ୟ ନିର୍ବାଚନ କମିସନର ଓ ଅନ୍ୟାନ୍ୟ ନିର୍ବାଚନ କମିସନର ନିଯୁକ୍ତି ଆଇନକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଆଇନରେ ଚୟନ କମିଟିରୁ ଭାରତର ମୁଖ୍ୟ ବିଚାରପତିଙ୍କୁ ହଟାଇ ଜଣେ କେନ୍ଦ୍ରୀୟ ମନ୍ତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାସହ ବର୍ତ୍ତମାନର ଏବଂ ପୂର୍ବତନ କମିସନରମାନଙ୍କ ବିରୋଧରେ ଦେୱାନୀ କିମ୍ବା ଫୌଜଦାରୀ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ପ୍ରଦାନ କରାଯାଇଛି। ଏପରି ବ୍ୟବସ୍ଥା ଗଣତନ୍ତ୍ରକୁ ଦୁର୍ବଳ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ନିର୍ବାଚନ କମିସନଙ୍କ ଆଭ୍ୟନ୍ତରୀଣ ମତଭେଦ ସମ୍ପର୍କରେ ସେ ପ୍ରଶ୍ନ ଉଠାଇଛନ୍ତି। ଦୁଇଜଣ ନିର୍ବାଚନ କମିସନର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଚିଠି ଲେଖିଥିଲେ ମଧ୍ୟ ସେଗୁଡ଼ିକର କୌଣସି ସମାଧାନ କରାଯାଇ ନାହିଁ। ଏହି ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟ ନିଜର ଆନ୍ଦୋଳନକୁ ଆହୁରି ତୀବ୍ର କରିବ। ଅକ୍ଟୋବର ୬ରେ ବିରୋଧୀ ସାଂସଦମାନେ ନୂଆଦିଲ୍ଲୀସ୍ଥିତ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟ ଅଭିମୁଖେ ପଦଯାତ୍ରା କରିବେ ବୋଲି ସେ କହିଛନ୍ତି।

## 'ସତ୍ୟାଗ୍ରହ' ଅଭିଯାନ ଆରମ୍ଭ କଲେ ରାହୁଲ

ନୂଆଦିଲ୍ଲୀ, ୩।୧୦(ଏଜେନ୍ସି): ଦେଶର ବିଭିନ୍ନ ସ୍ଥାନରେ ଅନ୍ୟାୟ ବିରୋଧରେ ଲଢୁଥିବା ଲୋକଙ୍କ ସ୍ୱରକୁ ଏକାଠି କରିବା ପାଇଁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ସତ୍ୟାଗ୍ରହ' ନାମରେ ଏକ ନୂଆ ପୋର୍ଟାଲ ଆରମ୍ଭ କରିଛନ୍ତି। ସେ ଅନ୍ୟାୟ, ଅଧିକାର ଓ ସଂଘର୍ଷ ସମ୍ପର୍କିତ ନିଜ ଅନୁଭୂତି ଓ ସମସ୍ୟା ତାଙ୍କ ପାଖକୁ ପଠାଇବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ରାହୁଲ କହିଛନ୍ତି, ଦେଶରେ ଅନେକ ଲୋକ ନିଜ ଅଧିକାର ପାଇଁ ଏକାକୀ ସଂଘର୍ଷ କରୁଛନ୍ତି। ଏହି ସମସ୍ତ ସ୍ୱରକୁ ଏକାଠି କରିବା ହେଉଛି 'ସତ୍ୟାଗ୍ରହ' ପୋର୍ଟାଲର ଉଦ୍ଦେଶ୍ୟ। ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ ପରମ୍ପରା ସହ ଏହି ଅଭିଯାନକୁ ସେ ଯୋଡ଼ିଛନ୍ତି। ଗାନ୍ଧୀଙ୍କୁ ଜମି, ସମ୍ପତ୍ତି, କାରାଗାର ଓ ଅନ୍ୟାୟ ସମ୍ପର୍କିତ ହଜାର ହଜାର ଚିଠି ମିଳୁଥିବା ଉଲ୍ଲେଖ କରାଯାଇଛି। ଏହି ସମୟରେ ନିର୍ବାଚନ କମିସନ ଓ ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ରାଜନୈତିକ ବିବାଦ ଜାରି ରହିଛି। 'ଇଣ୍ଡିଆନ୍ ଏକ୍ସପ୍ରେସ୍' ରିପୋର୍ଟ ଅନୁଯାୟୀ, ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏସ୍‌ଆଇଆର୍ ସମ୍ପର୍କିତ ବିଭିନ୍ନ ନିଷ୍ପତ୍ତି ନେଇ ୧୦ ମାସରେ ଅତି କମ୍ ୧୪ ଥର ଆପତ୍ତି ଦର୍ଜ କରିଥିଲେ। ଏଥିରେ ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ଫର୍ମ-୬ରେ ପରିବର୍ତ୍ତନ, ଭୋଟର ତଥ୍ୟଭଣ୍ଡାରର ନିୟନ୍ତ୍ରଣ, ପଶ୍ଚିମବଙ୍ଗରେ ନାମ ବାଦ୍ ନେଇ ଆପତ୍ତି ଏବଂ ଗୋଆରେ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ସାମିଲ ନହେବା ଭଳି ପ୍ରସଙ୍ଗ ରହିଥିଲା।

## ଫ୍ରାନ୍ସରେ ଛାତ୍ର ଆନ୍ଦୋଳନ, ୪୦୦ ସ୍କୁଲ୍ ବନ୍ଦ




ପ୍ୟାରିସ୍,୩।୧୦(ଏଜେନ୍ସି): ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଓ ଭଲ ପରିସ୍ଥିତି ଦାବିରେ ଫ୍ରାନ୍ସରେ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ତୀବ୍ର ହୋଇଛି। ଶୁକ୍ରବାର ବିଭିନ୍ନ ସହରରେ ଛାତ୍ରମାନେ ସ୍କୁଲ୍ ପ୍ରବେଶପଥ ଅବରୋଧ କରିବା ସହ ନିଆଁ ଲଗାଇଥିବା ଓ ପୁଲିସ ଉପରକୁ ବସ୍ତୁ ଫିଙ୍ଗିଥିବା ରିପୋର୍ଟ ମିଳିଛି। ପୁଲିସ ପକ୍ଷରୁ ଲୁହବୁହା ଗ୍ୟାସ୍ ବ୍ୟବହାର କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଶୁକ୍ରବାର ପ୍ରାୟ ୪୦୦ ସ୍କୁଲ୍ ବନ୍ଦ ରହିଥିବା ବେଳେ ଦେଶର ୩,୭୦୦ ହାଇସ୍କୁଲ୍ ମଧ୍ୟରୁ ୫୬୪ଟିରେ ପାଠପଢ଼ା ପ୍ରଭାବିତ ହୋଇଛି। ଛାତ୍ରମାନେ ଦୀର୍ଘ ସ୍କୁଲ୍ ସମୟ, ଅତ୍ୟଧିକ ଗରମ ଶ୍ରେଣୀଗୃହ, ଅପର୍ଯ୍ୟାପ୍ତ ସୁବିଧା ଓ ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ସରକାର ଛାତ୍ରଙ୍କ ଦାବି ରଖିବା ଅଧିକାରକୁ ସ୍ୱୀକାର କରିଥିଲେ ମଧ୍ୟ ହିଂସାକୁ ନିନ୍ଦା କରିଛି। ଆନ୍ଦୋଳନ ସମୟରେ ପୁଲିସ ଅତ୍ୟଧିକ ବଳ ପ୍ରୟୋଗ କରୁଥିବା ନେଇ ଛାତ୍ରଙ୍କ ଅଭିଯୋଗ ରହିଛି। ଏହା ମଧ୍ୟରେ ପୁଲିସ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାରେ ଜଣେ ୧୭ ବର୍ଷୀୟ ଛାତ୍ର ଗିରଫ ହୋଇଛନ୍ତି। ଆନ୍‌ଦୋଳନ ଆରମ୍ଭଠାରୁ ପ୍ରାୟ ୨,୦୦୦ ଜଣଙ୍କୁ ପୁଲିସ ହେପାଜତକୁ ନେଇଥିବା ନ୍ୟାୟମନ୍ତ୍ରୀ କହିଛନ୍ତି।

## ତିରୁପତି କାରଖାନାରେ ବିସ୍ଫୋରଣ, ୫ ମୃତ



ତିରୁପତି, ୩।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲା ଅନ୍ତର୍ଗତ ଶ୍ରୀ ସିଟିରେ ଥିବା ଏକ ଫାର୍ମା କାରଖାନାରେ ବଏଲର ବିସ୍ଫୋରଣ ଘଟି ୫ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଆଉ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଉଛି। ସତ୍ୟବେଡୁ ମଣ୍ଡଳ ଅଞ୍ଚଳରେ ଦୁର୍ଘଟଣାର ଖବର ପାଇବା ପରେ ପୁଲିସ ଓ ଜରୁରୀକାଳୀନ ସେବା ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ କାରଖାନାର ଏକ ଅଂଶ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ଭଙ୍ଗା ଅବଶେଷ ତଳେ ଆହୁରି କିଛି ଲୋକ ଫସିଥିବା ଆଶଙ୍କା କରାଯାଉଛି। ଅଧିକାରୀମାନେ କହିଛନ୍ତି, ତଦନ୍ତ ଶେଷ ହେବା ପରେ ହିଁ ଦୁର୍ଘଟଣାର କାରଣ ସ୍ପଷ୍ଟ ହେବ।

## ମ୍ୟାଡ୍ ସାନ୍ଧୁଙ୍କୁ ଗୁଳିକରି ହତ୍ୟା



ଅମୃତସର,୩।୧୦(ଏଜେନ୍ସି): ପଞ୍ଜାବର ପ୍ରସିଦ୍ଧ ମେକଅପ୍ ଆର୍ଟିଷ୍ଟ ତଥା ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ମ୍ୟାଡ୍ ସାନ୍ଧୁଙ୍କୁ ଅମୃତସରରେ ଦୁର୍ବୃତ୍ତମାନେ ଗୁଳିକରି ହତ୍ୟା କରିଛନ୍ତି। ଲୋହାରକା ରାସ୍ତାରେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ। ଗୁଳିବାଜିବା ପରେ ସାନ୍ଧୁ ରାସ୍ତା ଉପରେ ଟଳିପଡ଼ିଥିବା ଏକ ଭିଡିଓ ସୋସିଆଲ ମିଡିଆରେ ସାମ୍ନାକୁ ଆସିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଉଥିବା ବେଳେ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ପୁଲିସର ଏକାଧିକ ଟିମ୍ ନିୟୋଜିତ କରାଯାଇଛି। ସାନ୍ଧୁ ସୋସିଆଲ ମିଡିଆରେ ମେକଅପ୍, ଫ୍ୟାଶନ୍ ଏବଂ ଲାଇଫଷ୍ଟାଇଲ ସମ୍ବନ୍ଧୀୟ କଣ୍ଟେଣ୍ଟ ଶେୟାର କରି ଲୋକପ୍ରିୟତା ହାସଲ କରିଥିଲେ। ପୂର୍ବରୁ ନିହଙ୍ଗ ଜାଥେଦାର ମନପ୍ରୀତ ସିଂହ ଖାଲସାଙ୍କ ସହ ଏକ ଅଡିଓ କଥାବାର୍ତ୍ତାକୁ ନେଇ ସେ ବିବାଦକୁ ଆସିଥିଲେ।

## ତୁର୍କୀରୁ ଭାରତ ଅଣାଗଲା ଡ୍ରଗ୍ କିଙ୍ଗପିନ୍

ନୂଆଦିଲ୍ଲୀ, ୩।୧୦(ଏଜେନ୍ସି): ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚାଲାଣ ମାମଲାରେ ଭାରତୀୟ ଏଜେନ୍ସିଗୁଡ଼ିକ ଖୋଜୁଥିବା ନବପ୍ରୀତ ସିଂହଙ୍କୁ ତୁର୍କୀରୁ ଭାରତ ଅଣାଯାଇଛି। ତାଙ୍କୁ ଭାରତରେ ପହଞ୍ଚିବା ପରେ ହେପାଜତକୁ ନିଆଯାଇଥିବା ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ତଦନ୍ତକାରୀ ଏଜେନ୍ସିଙ୍କ ଅନୁଯାୟୀ, ନବପ୍ରୀତ ନକଲି ପରିଚୟ 'ନବାବ ବିର୍କ' ନାମରେ ତୁର୍କୀ ନାଗରିକତା ହାସଲ କରିଥିଲେ। ସେ ବିଦେଶରୁ ଭାରତକୁ ହେରୋଇନ୍ ଓ ମେଥାମ୍‌ଫେଟାମିନ୍ ଭଳି ନିଶାଦ୍ରବ୍ୟ ଚାଲାଣ ନେଟୱର୍କ ପରିଚାଳନା କରୁଥିବା ଅଭିଯୋଗ ରହିଛି। ଅମିତ ଶାହ କହିଛନ୍ତି, ଭାରତୀୟ ଏଜେନ୍ସିଗୁଡ଼ିକ ତାଙ୍କ ପ୍ରକୃତ ପରିଚୟ ଠାବ କରି ତୁର୍କୀରୁ ତାଙ୍କୁ ଫେରାଇ ଆଣିବାରେ ସଫଳ ହୋଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ୨୦୧୯ରୁ ଅଗଷ୍ଟ ୨୦୨୬ ମଧ୍ୟରେ ଭାରତ ୩୬ଟି ଦେଶରୁ ୨୮୮ ଜଣ ପଳାତକଙ୍କୁ ଫେରାଇ ଆଣିଛି। ୨୦୨୫ ଜାନୁଆରୀରେ ଆରମ୍ଭ ହୋଇଥିବା 'ଭାରତପୋଲ୍' ବ୍ୟବସ୍ଥା ମାଧ୍ୟମରେ ଅନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକ ସହ ତଥ୍ୟ ଆଦାନପ୍ରଦାନ ଦ୍ରୁତ ହୋଇଥିବା ସରକାର କହିଛି।

## ସଂସଦୀୟ କମିଟିରେ ଅଦଳବଦଳ, ଦୁଇ ଅଧ୍ୟକ୍ଷ ପଦ ହରାଇଲା ଟିଏମ୍‌ସି

- ଆମ ପ୍ରତି ଏଭଳି ଅନ୍ୟାୟ କାହିଁକି? ପ୍ରଶ୍ନ କଲେ ମମତା ଗୋଷ୍ଠୀ
- ବିଜେପି ସହଯୋଗୀଙ୍କ ଅଧ୍ୟକ୍ଷ ପଦବୀ ବଜାୟ ରହିଲା

ନୂଆଦିଲ୍ଲୀ,୩।୧୦(ଏଜେନ୍ସି): ସଂସଦୀୟ ବିଭାଗୀୟ କମିଟିଗୁଡ଼ିକର ଅଧ୍ୟକ୍ଷ ପଦରେ ବଡ଼ ଧରଣର ଅଦଳବଦଳ ହୋଇଛି। ୨୪ଟି କମିଟି ମଧ୍ୟରୁ ୬ଟିର ଅଧ୍ୟକ୍ଷ ପଦରେ ପରିବର୍ତ୍ତନ କରାଯାଇଥିବା ବେଳେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଦୁଇଟି ଅଧ୍ୟକ୍ଷ ପଦ ହରାଇଛି। ଏହାକୁ ନେଇ ରାଜ୍ୟସଭା ଅଧ୍ୟକ୍ଷଙ୍କ ନିକଟରେ ପ୍ରତିବାଦ ଜଣାଇଛି ଟିଏମସି। ଏହାର ନେତା ଡି ଓବ୍ରାଏନ ପ୍ରଶ୍ନ କରିଛନ୍ତି ଯେ ତାଙ୍କ ଦଳ ପ୍ରତି ଅଧ୍ୟକ୍ଷ ଏମିତି ଅନ୍ୟାୟ କାହିଁକି କରୁଛନ୍ତି?

ପଶ୍ଚିମବଙ୍ଗ ନିର୍ବାଚନ ପରେ ଟିଏମ୍‌ସିର କିଛି ସାଂସଦ ଅଲଗା ଶିବିରକୁ ଯିବା ଏହି ପରିବର୍ତ୍ତନର ଏକ କାରଣ ବୋଲି କୁହାଯାଇଛି। ବାଣିଜ୍ୟ ସମ୍ପର୍କିତ କମିଟିର ଅଧ୍ୟକ୍ଷ ଟିଏମ୍‌ସି ରାଜ୍ୟସଭା ସାଂସଦ ଡୋଲା ସେନ୍‌ଙ୍କ ସ୍ଥାନରେ ବିଜେପି ରାଜ୍ୟସଭା ସାଂସଦ ସୁଧାଂଶୁ ତ୍ରିବେଦୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ରସାୟନ ଓ ସାର ସମ୍ପର୍କିତ କମିଟିର ଅଧ୍ୟକ୍ଷ କୀର୍ତ୍ତି ଆଜାଦଙ୍କ ସ୍ଥାନରେ କାକୋଲି ଘୋଷ ଦସ୍ତିଦାରଙ୍କୁ କରାଯାଇଛି। କାକୋଲିଙ୍କ ନେତୃତ୍ୱରେ ଟିଏମ୍‌ସିର ଏକ ବିଦ୍ରୋହୀ ଗୋଷ୍ଠୀ ଅଲଗା ରାଜନୈତିକ ଗୋଷ୍ଠୀ ଭାବେ ମାନ୍ୟତା ଦାବି କରିଥିବା ବେଳେ ଏହା ଏବେ ଲୋକସଭା ବାଚସ୍ପତିଙ୍କ ନିଷ୍ପତ୍ତି ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ଶିକ୍ଷା ସମ୍ପର୍କିତ କମିଟିରେ କଂଗ୍ରେସ ରାଜ୍ୟସଭା ସାଂସଦ ଦିଗ୍‌ବିଜୟ ସିଂହଙ୍କ ସ୍ଥାନରେ ଦଳର ସହଯୋଗୀ ମୁକୁଲ ୱାସନିକଙ୍କୁ ଅଧ୍ୟକ୍ଷ କରାଯାଇଛି। ବିଜେପି ମଧ୍ୟ ତିନିଟି କମିଟିର ଅଧ୍ୟକ୍ଷ ବଦଳାଇଛି। କର୍ମଚାରୀ, ଲୋକ ଅଭିଯୋଗ, ଆଇନ ଓ ନ୍ୟାୟ କମିଟିରେ ବ୍ରିଜଲାଲଙ୍କ ସ୍ଥାନରେ ସୁଜିତ କୁମାର, ଶ୍ରମ, ବୟନ ଓ ଦକ୍ଷତା ବିକାଶ କମିଟିରେ ବସବରାଜ ବୋମ୍ମାଇଙ୍କ ସ୍ଥାନରେ ଶଶାଙ୍କ ମଣି ଏବଂ ରେଳ କମିଟିରେ ସିଏମ୍ ରମେଶଙ୍କ ସ୍ଥାନରେ ସୁଧୀର ଗୁପ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି। କଂଗ୍ରେସ ସାଂସଦ ଶଶୀ ଥରୁର ବୈଦେଶିକ ବିଭାଗ ଏବଂ ଚରଣଜିତ୍ ଚନ୍ନି କୃଷି ବିଭାଗ ଅଧ୍ୟକ୍ଷ ପଦ ବଜାୟ ରଖିଛନ୍ତି। ବିଜେପିର ସହଯୋଗୀ ଜେଡିୟୁ, ଟିଡିପି ଏବଂ ଶିବ ସେନା ସାଂସଦ ସେମାନଙ୍କ ପଦ ବଜାୟ ରଖିଛନ୍ତି।

ସଂସଦରେ ମୋଟ ୨୪ଟି ବିଭାଗୀୟ ସ୍ଥାୟୀ କମିଟି ରହିଛି। ଏଥିରୁ ୮ଟି ରାଜ୍ୟସଭା ଅଧ୍ୟକ୍ଷଙ୍କ ଅଧୀନରେ ଏବଂ ୧୬ଟି ଲୋକସଭା ବାଚସ୍ପତିଙ୍କ ଅଧୀନରେ ରହିଛି। ପ୍ରତିବର୍ଷ ଏଥିରେ ପୁନର୍ଗଠନ କରାଯାଏ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-101 ◆SUNDAY ◆04 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୧ ◆ରବିବାର ◆୦୪ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ଏଲିନାଙ୍କ ନୂଆ ଲୁକ୍
▸ପୃଷ୍ଠା ୧୧ ଦେଖନ୍ତୁ...

ପୂଜ୍ୟପୂଜା ସମାରୋହ ୨୦୨୬

୪ ଅକ୍ଟୋବର ୨୦୨୬, ରବିବାର | ସ୍ଥାନ: ଜୟଶ୍ରୀ ଅଡିଟୋରିୟମ୍, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ
ଟାଙ୍ଗୀ, କଟକ, ଓଡ଼ିଶା | ସମୟ: ପୂର୍ବାହ୍ନ ୧୧:୦୦ ଘଟିକା



ମୁଖ୍ୟ ଅତିଥି
ପରମପୂଜ୍ୟ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀ ନରେନ୍ଦ୍ରାନନ୍ଦ ସରସ୍ୱତୀ
କାଶୀ ଧାମ, ବାରାଣସୀ

ସମ୍ମାନିତ ଅତିଥି
ପରମପୂଜ୍ୟ ଶ୍ରୀ ସତ୍ୟାନନ୍ଦ ଦାସ ମହାରାଜ
ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା

ସମ୍ମାନିତ ବ୍ୟକ୍ତିତ୍ୱ -୨୦୨୬



ପ୍ରଫେସର ଦାଶ ବେନହୁର – ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍
ଶ୍ରୀମତୀ ତୃପ୍ତି ଦାସ – ବିଶିଷ୍ଟ କଣ୍ଠଶିଳ୍ପୀ
ମହାନାୟକ ଶ୍ରୀ ଜନାର୍ଦ୍ଦନ ପଟ୍ଟଯୋଶୀ ମହାପାତ୍ର – ଛତିଶା ନିଯୋଗ, ଶ୍ରୀମନ୍ଦିର, ପୁରୀ
ଶ୍ରୀମତୀ ସୁଜାତା ପଟ୍ଟନାୟକ – ବିଶିଷ୍ଟ ସମାଜସେବୀ
ଶ୍ରୀ ବସନ୍ତ ମହାନ୍ତି – ଭାରତୀୟ କ୍ରିକେଟ ତାରକା

ପ୍ରଣମ୍ୟ
ଧନେଶ୍ୱର ରଥ

ଆପଣଙ୍କ ଦୂରଦୃଷ୍ଟି ଓ ମୂଲ୍ୟବୋଧର ମହନୀୟ ଭିତ୍ତିଭୂମିରେ ପ୍ରତିଷ୍ଠିତ
ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଶ୍ରୀ ଦୁର୍ଗା କଣ୍ଡେଭ୍,
ପଦ୍ମିନୀ କେୟାର ଓ ରଥ ପରିବାର ।
୩୨ତମ ପୁଣ୍ୟତିଥିରେ ଆପଣଙ୍କ
ଅମ୍ଳାନ ସ୍ମୃତି ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



୦୪.୦୭.୧୯୧୬ - ୨୮.୦୯.୧୯୯୪

## ଇଭି ନୀତିର ଅବଧି ବଢ଼ିଲା

■ଭୁବନେଶ୍ୱର,୩।୧୦(ସମିସ): ରାଜ୍ୟରେ ବିଦ୍ୟୁତ୍ ଚାଳିତ ଯାନ ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ପରିବହନ ବ୍ୟବସ୍ଥା ଦିଗରେ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି) ନୀତି-୨୦୨୧ର ବୈଧତା ଅବଧି ବଢ଼ାଇଛନ୍ତି। ଏହି ନୀତି ଏଣିକି ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଇଲେକ୍ଟ୍ରିକ୍ ଯାନର ପ୍ରସାର, ସ୍ୱଚ୍ଛ ପରିବହନକୁ ପ୍ରୋତ୍ସାହନ ଏବଂ ରାଜ୍ୟରେ ଇଭି ଇକୋସିଷ୍ଟମ୍‌ର ବିକାଶ ଦିଗରେ ଏହି ନିଷ୍ପତ୍ତି ଗୁରୁତ୍ୱ ବହନ କରୁଛି।

# ଦୁବାଇ-ଇସ୍ରାଏଲ ବିମାନ ଅଘଟଣ ପଛରେ ଆତଙ୍କୀ ଲିଙ୍କ୍

■ ଦୁବାଇ,୩।୧୦(ଏଜେନ୍ସି): ଫ୍ଲାଇଦୁବାଇର ଏଫ୍‌ଜେଡ୍-୧୦୭୩ ବିମାନର କକପିଟ୍‌ରେ ସହ-ପାଇଲଟ୍‌ଙ୍କ ଆକ୍ରମଣ ଘଟଣାକୁ 'ଆତଙ୍କବାଦୀ କାର୍ଯ୍ୟ' ବୋଲି ସ୍ୱୀକାର କରିଛନ୍ତି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସରକାର। ୟୁଏଇ ଆଟର୍ଣ୍ଣି ଜେନେରାଲଙ୍କ କହିବା ଅନୁସାରେ, ଓମାନୀ ନାଗରିକ ଥିବା ସହ-ପାଇଲଟ୍ କକପିଟ୍‌ରେ ଜରୁରୀକାଳୀନ ଅସ୍ତ୍ରରେ ଭାରତୀୟ କ୍ୟାପ୍‌ଟେନ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିବା ପରେ ବିମାନର ନିୟନ୍ତ୍ରଣ ନେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଭାରତୀୟ ପାଇଲଟଙ୍କ ସାହାସ ଯୋଗୁଁ ବଡ଼ ଅଘଟଣରୁ ବର୍ତ୍ତିଯାଇଥିଲା ବିମାନ। ସେପ୍ଟେମ୍ବର ୩୦ରେ ଦୁବାଇରୁ ଇସ୍ରାଏଲର ତେଲ ଆଭିଭ୍ ଯାଉଥିବା ଏହି ବିମାନରେ ୧୭୪ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ଥିଲେ। ଆକ୍ରମଣ ପରେ ଯାତ୍ରୀ ଓ କ୍ରୁ ସଦସ୍ୟମାନେ ହସ୍ତକ୍ଷେପ କରି ସହ-ପାଇଲଟ୍‌ଙ୍କୁ କାବୁ କରିଥିଲେ। ପରେ ବିମାନଟି ସାଉଦି ଆରବର ତାବୁକ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା।

ୟୁଏଇ ଆଟର୍ଣ୍ଣି ଜେନେରାଲ କହିଛନ୍ତି, ଘଟଣା ପଛରେ ଥିବା ଯୋଜନା, ଉଦ୍ଦେଶ୍ୟ ଓ ଅନ୍ୟ କୌଣସି ସମ୍ପର୍କ ଖୋଜିବା ପାଇଁ ତଦନ୍ତ ଜାରି ରହିଛି। ଭୌତିକ ଓ ଡିଜିଟାଲ ପ୍ରମାଣର ମଧ୍ୟ ବିଶ୍ଳେଷଣ କରାଯାଉଛି। ତେଣୁ ଘଟଣାର ସମ୍ପୂର୍ଣ୍ଣ ପୃଷ୍ଠଭୂମି ଓ ଉଦ୍ଦେଶ୍ୟ ସମ୍ପର୍କରେ ଚୂଡ଼ାନ୍ତ ନିଷ୍କର୍ଷ ତଦନ୍ତ ଶେଷ ପରେ ହିଁ ସ୍ପଷ୍ଟ ହେବ। ୟୁଏଇର ସାଧାରଣ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଭାରତୀୟ କ୍ୟାପ୍‌ଟେନ ସ୍ମିତ ମଚ୍ଛାର ଓ ଅନ୍ୟ କ୍ରୁ ସଦସ୍ୟଙ୍କ ସାହସ ଏବଂ ତ୍ୱରିତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। କର୍ତ୍ତୃପକ୍ଷଙ୍କ ଅନୁସାରେ, ସ୍ମିତ ମଚ୍ଛର ସୁରକ୍ଷିତ ଭାବେ ୟୁଏଇ ଫେରିଛନ୍ତି ଏବଂ ଚିକିତ୍ସାଧୀନ ଅଛନ୍ତି। ଘଟଣାରେ ସହ-ପାଇଲଟ୍‌ଙ୍କ ପରିଚୟ ଜଣେ ଓମାନୀ ନାଗରିକ ଭାବେ ରିପୋର୍ଟ ହୋଇଛି। ତେବେ ତାଙ୍କ ପୃଷ୍ଠଭୂମି, ସମ୍ଭାବ୍ୟ ଉଦ୍ଦେଶ୍ୟ ଓ ଘଟଣା ପୂର୍ବର ପରିସ୍ଥିତି ସମ୍ପର୍କରେ ବିଭିନ୍ନ ଦାବି ଆସିଥିଲେ ମଧ୍ୟ ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ସେଗୁଡ଼ିକୁ ସ୍ୱାଧୀନ ଭାବେ ନିଶ୍ଚିତ ବୋଲି ଧରାଯାଇନାହିଁ।





ଅପହରଣ ଉଦ୍ୟମ କରିଥିଲା ଓମାନୀ କୋ-ପାଇଲଟ୍: ୟୁଏଇ

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)
PURPOSE TO PEARL 1997 - 2027

22nd ANNUAL CONVOCATION 2026

3 - 5 October, 2026 KIIT Convention Centre

Gracious Presence following Personalities

His Excellency
**Shri Nand Kishore Yadav**
Hon'ble Governor, Nagaland

**Dr. Ashok Kumar Lahiri**
Hon'ble Vice Chairperson, NITI Aayog, Government of India

**Prof. Gobardhan Das**
Hon'ble Member, NITI Aayog, Government of India

**Congressman Michael Baumgartner**
Hon'ble Member, United States House of Representatives

**Dr. Brock Tessman**
President, Montana State University, USA

MONTANA STATE UNIVERSITY, USA
- Prof. Dilpreet Bajwa, Dept. Head, Mech. & Ind. Engg.
- Dr. Sally Mudiamu, Dean, Intl. Prog. & Global Engagement
- Mr. James Tobin

ROMANIA
- Prof. Cezar Ionut Spînu, Rector, University of Craiova
- Ms. Lia Olguta Vasilescu, Mayor, City of Craiova
- Ms. Alina Sorina Spînu
- Ms. Lidia Ramona Cazacu
- Dr. Ion Sorin Cazacu

DOMINICAN REPUBLIC
- Mr. Erik Federico Pérez Vega, Rector, APEC University
- Mrs. Ana María Pérez Mateo

ARGENTINA
- Mr. Jorge Calzoni, Rector, National University of Avellaneda (UNDAV)
- Dr. Juan Francisco Petrillo
- Mr. Santiago Tangir

This year, the KIIT Convocation will be held over three days from 3rd - 5th October 2026, discipline-wise, to facilitate greater participation of students and parents.

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in | KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

ସକାଳ THE SAKALA



www.sakalaepaper.com

## ରାଜ୍ୟ ପରିବହନ ବିଭାଗ ନିର୍ଦ୍ଦେଶକୁ ଖାତିର କରୁନାହାନ୍ତି ବସ୍ ମାଳିକ

# ଗୋଟିଏ ରୁଟ୍‌ରେ ପରମିଟ, ଅନ୍ୟ ରୁଟ୍‌ରେ ଗଡୁଛି ଗାଡ଼ି


ନକଲି


ନକଲି


ଅସଲି


ଅସଲି

- ଓଡ଼ିଶାରେ ବଢ଼ିଛି ପଶ୍ଚିମବଙ୍ଗ ଦଲାଲଙ୍କ ପ୍ରାଦୁର୍ଭାବ
- ନକଲି ପରମିଟ ଧରି କୋଲକାତାରୁ ଅନୁଗୋଳ ଚଳାଉଛନ୍ତି ବସ୍
- ଆଞ୍ଚଳିକ ପରିବହନ ଅଧିକାରୀମାନେ ଜଲକା

ଅନୁଗୋଳ,୩ ।୧୦(ସମିସ): ବ୍ୟବସାୟ ଏବଂ ଗମନାଗମନ ପାଇଁ ରାଜ୍ୟରୁ ଅନେକ ବସ୍ ରାଜ୍ୟ ବାହାରକୁ ଚଳାଚଳ କରିଥାନ୍ତି। ଅନୁଗୋଳ ଏବଂ ତାଳଚେର ଶିଳ୍ପସମୃଦ୍ଧ ଅଞ୍ଚଳ ହୋଇଥିବା ବେଳେ ରାଜ୍ୟର କୋଣ ଅନୁକୋଣରୁ ଲୋକ ଏଠାକୁ ଯାତାୟାତ କରିଥାନ୍ତି। ଅଧିକାଂଶ ମଧ୍ୟବିତ୍ତ ବସ୍ ସେବା ଉପରେ ନିର୍ଭରଶୀଳ। କିନ୍ତୁ ବସ୍ ମାଲିକମାନେ କିଛି ଦଲାଲଙ୍କୁ ହାତ କରି ଚଲାଇଛନ୍ତି କଳାବଜାରୀ। ରାଜ୍ୟ ସରକାରଙ୍କ ପରମିଟ ଗୋଟିଏ ରୁଟ୍ ପାଇଁ ଥିବା ବେଳେ ରାସ୍ତାର ବ୍ୟବଧାନ କମାଇବା ପାଇଁ ଏବଂ ତେଲ ବଞ୍ଚାଇବା ଲକ୍ଷ୍ୟରେ ବସ୍ ମାଲିକମାନେ ଆପଣାଇଛନ୍ତି ସଟକଟ। ଏଭଳି ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲାରୁ କୋଲକାତା ଯାଉଥିବା ଗୋଟିଏ ବସ୍ କ୍ଷେତ୍ରରେ।

ସାଇବାବା ନାମକ ଘରୋଇ ବସ୍ ଯାହାର ପଞ୍ଜିକୃତ ନମ୍ବର ହେଉଛି ଡବ୍ଲ୍ୟୁବି ୪୧-କେ୨୧୦୯ । ଏହି ଗାଡ଼ି କୋଲକାତା ବସ୍‌ଷ୍ଟାଣ୍ଡରୁ ଜାମଶୋଲା, କରଞ୍ଜିଆ, କେନ୍ଦୁଝର, ପାଲଲହଡ଼ା ହୋଇ ଅନୁଗୋଳ ଆସିବା କଥା ଏବଂ ଏହି ରାସ୍ତା ଦେଇ କୋଲକାତା ଫେରିବା ନେଇ ପଶ୍ଚିମବଙ୍ଗ ରାଜ୍ୟ ପରିବହନ ବିଭାଗ ପରମିଟ ଦେଇଛି। ଏହାକୁ ଓଡ଼ିଶା ରାଜ୍ୟ ପରିବହନ ବିଭାଗ ଅନୁମୋଦନ ଦେଇଛି। କିନ୍ତୁ କିଛି ଦଲାଲ ପଶ୍ଚିମବଙ୍ଗ ପରିବହନ ବିଭାଗ ଷ୍ଟାମ୍ପ ଥିବା ନକଲି ପରମିଟ ଧରି କୋଲକାତାରୁ ବାହାରି ସନ୍ତ୍ରାଗାଛି, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର ରୋଡ୍ ଦେଇ ତାଳଚେରକୁ ବସ୍ ଚଳାଚଳ କରୁଛନ୍ତି। ଯାହା ଦ୍ୱାରା ଓଡ଼ିଶା ରାଜ୍ୟ ପରିବହନ ବିଭାଗ ପରମିଟ ଦେଇଥିବା ଅଞ୍ଚଳର ଲୋକେ ସେବାରୁ ବଞ୍ଚିତ ହେଉଛନ୍ତି। ଏହାସହ ଯଦି କେବେ ବସ୍ ଦୁର୍ଘଟଣାଗ୍ରସ୍ତ ହୁଏ ତେବେ ବସ୍‌ରେ ଥିବା ଯାତ୍ରୀମାନେ ବୀମା ଅନ୍ତର୍ଭୁକ୍ତ ହେବେ ନାହିଁ। ବସ୍‌ର ମାଲିକ କୋଲକାତା ସେବକ ରୋଡ୍ ଅଞ୍ଚଳର ନିତାଇ କୁମାର ବାରିକ ହୋଇଥିବା ବେଳେ କିଛି ପଶ୍ଚିମବଙ୍ଗ ଦଲାଲଙ୍କୁ ହାତକରି ଏଭଳି ବେଆଇନ ଚଳାଚଳ କରୁଛନ୍ତି। ଏଭଳି ବ୍ୟତିକ୍ରମ ସତ୍ତ୍ୱେ ଅନୁଗୋଳ କିମ୍ବା ତାଳଚେର ବସ୍ ମାଲିକ ସଂଘ ସଭାପତି କିମ୍ବା ଆଞ୍ଚଳିକ ପରିବହନ ବିଭାଗ ଏ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିନାହାନ୍ତି କି କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେବେ ରାଜ୍ୟ ପରିବହନ ବିଭାଗ ଏବଂ ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

ଏହା ସମ୍ପୂର୍ଣ୍ଣ ବେଆଇନ। ପରମିଟ ନିୟମ ଅନୁଯାୟୀ ବସ୍ ଚଳାଚଳ କରିବା କଥା। କିନ୍ତୁ ବସ୍ ମାଲିକ ଏଭଳି ବ୍ୟତିକ୍ରମ କରୁଛନ୍ତି। ଯେହେତୁ ରାତି ବସ୍ ତେଣୁ ପ୍ରଶାସନ କିମ୍ବା ଆଞ୍ଚଳିକ ପରିବହନ ବିଭାଗ ଏସବୁ ବସ୍‌କୁ ଧରିବାରେ ବିଫଳ ହେଉଛି। ଯଦି ଆଞ୍ଚଳିକ ପରିବହନ ବିଭାଗ ଏସବୁ ବସ୍‌କୁ ଧରି ଭିସିଆର କାଟନ୍ତା ତେବେ ୩ଟି ଭିସିଆର ପରେ ବସ୍‌ର ପରମିଟ ବାତିଲ ହୋଇଯାଆନ୍ତା। ଅନ୍ୟ ପକ୍ଷେ କୋଲକାତା ଯାଉଥିବା ଅନ୍ୟ ଦୁଇଟି ବସ୍‌ର ମାଲିକ ଏହି ଘଟଣା ସମ୍ପର୍କରେ ଆରଟିଓଙ୍କୁ ଅଭିଯୋଗ କରିବା କଥା କିନ୍ତୁ ସେମାନେ କାହିଁକି ନିରବ ବସିଛନ୍ତି ତାହା ଜଣାପଡୁନାହିଁ। ଭୁଲ୍ ପରମିଟ ରାସ୍ତାରେ ବସ୍ ଚଳାଇବା ଦ୍ୱାରା ଯାତ୍ରୀ ବୀମା ଅନ୍ତର୍ଭୁକ୍ତ ହେବେ ନାହିଁ।

**ମାନସ କୁମାର ସାମଲ,**
ସଭାପତି ଅନୁଗୋଳ ବସ୍ ମାଲିକ ସଂଘ

ଓଡ଼ିଶା ରାଜ୍ୟ ପରିବହନ ବିଭାଗ ଦେଇଥିବା ପରମିଟରେ ବସ୍ ଚାଲିବାର ନିୟମ ରହିଛି। ଯଦି ପଶ୍ଚିମବଙ୍ଗ ରାଜ୍ୟ ପରିବହନ ବିଭାଗ କୌଣସି ରୋଡ୍ ପରମିଟ୍ ଦେଇଥାଏ ତେବେ ସେଥିରେ ଓଡ଼ିଶା ରାଜ୍ୟ ପରିବହନ ବିଭାଗ ଅନୁମୋଦନ ଦେବାର ନିୟମ ରହିଛି। ଯଦି ଏଭଳି କିଛି ହୋଇ ନ ଥିବ ତେବେ ଏହା ବେଆଇନ। ଘଟଣା ସମ୍ପର୍କରେ ମୁଁ ଅବଗତ ହେଲି। ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ନିଖିଲ ପଟ୍ଟନାୟକ,**
ଆଞ୍ଚଳିକ ପରିବହନ ଅଧିକାରୀ, ତାଳଚେର

ଅଭିଯୋଗ ସମ୍ପର୍କରେ ଅବଗତ ହେବା ପରେ ପ୍ରଥମେ ମୁଁ ଏହାର ପରମିଟ ଯାଞ୍ଚ କରିବି। ଯଦି କିଛି ବ୍ୟତିକ୍ରମ ଦେଖାଯାଏ ତେବେ ସମ୍ପୃକ୍ତ ବସ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କିଛି ଦଲାଲଙ୍କ ସମ୍ପୃକ୍ତି ଥାଏ ତାହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ।

**ପ୍ରସନ୍ନ କୁମାର ଦାସ,**
ଆଞ୍ଚଳିକ ପରିବହନ ଅଧିକାରୀ, ଅନୁଗୋଳ

ବସ୍ ପରମିଟ ନ ଥିବା ରୁଟ୍‌ରେ ଚାଲିବା ବେଆଇନ। ଏହାର ଯାଞ୍ଚ ହେବ। ଯଦି କିଛି ସ୍ୱତନ୍ତ୍ର ପରମିଟ ନେଇ ଚଲାଉଥିବ ତାକୁ ଦେଖିବାକୁ ପଡ଼ିବ। ଆଉ ଯଦି ପରମିଟ ନକଲି କରି ଚଲାଉଥିବ ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଶିବାଶିଷ ସାହୁ,**
ଆଞ୍ଚଳିକ ପରିବହନ ଅଧିକାରୀ, ଢେଙ୍କାନାଳ

## ପାଲଲହଡ଼ା ବିଜେଡିର ଜନସମ୍ପର୍କ ପଦଯାତ୍ରା




ପାଲଲହଡ଼ା,୩ ।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସାରା ରାଜ୍ୟରେ ବିଜେଡି ତରଫରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୨ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ପାଲଲହଡ଼ା ସଦରମହକୁମାଠାରେ ପଦଯାତ୍ରା ଶୁଭାରମ୍ଭ ହୋଇଛି। ସେବା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ସହ ବିଜେପି ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତେଇ ସରକାରକୁ ଆସିଥିବା ଏବଂ ବିଜେପିର ଅସଲ ଚେହେରାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଦଳ ପକ୍ଷରୁ ନିର୍ବାଚନ ମଣ୍ଡଳୀ ସାରା ପଦଯାତ୍ରା କରାଯିବ ବୋଲି ପୂର୍ବତନ ବିଧାୟକ ପାଲ କହିଥିଲେ। ଏଥିରେ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ବ୍ଲକ ବିଜେଡି ସଭାପତି ରଞ୍ଜିତ ବିଶ୍ୱାଳ, ଜିଲ୍ଲା ଉପ ସଭାପତି ନରେନ୍ଦ୍ର ଭୁକ୍ତା, ନଗର ସଭାପତି ଗିରିଧାରୀ ବେହେରା, ନଗର ମହିଳା ସଭାପତି ଶୁଭଲକ୍ଷ୍ମୀ ସାମଲ, ଜିଲ୍ଲାପରିଷଦ ସଭ୍ୟ ସାବିତ୍ରୀ ମାଝୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ରଣିଆକଟାରେ ସ୍ୱତନ୍ତ୍ର ଗ୍ରାମସଭା



କିଶୋରନଗର,୩ ।୧୦(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ଶୁକ୍ରବାର ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ସରପଞ୍ଚ ସୁଲୋଚନା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଝସକେତନ ସାହୁ, ଏଡିଇଓ ରୋହିନ ସାହୁ ଯୋଗଦେଇ ସଭାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତର ଜନସାଧାରଣ, ସିଆରପି, ଏମବିକେ ଯୋଗଦେଇଥିଲେ। ଗ୍ରାମଗୁଡ଼ିକରୁ ଆସିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ବ୍ଲକର ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି।

## ମହାବିଦ୍ୟାଳୟରେ ରାଧାନାଥ ଜୟନ୍ତୀ ପାଳିତ

ଛେଣ୍ଡିପଦା,୩ ।୧୦(ସମିସ): ସ୍ଥାନୀୟ ବାପୁଜୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଓ ସାରସ୍ୱତ ସାହିତ୍ୟ ସଂସଦ ମିଳିତ ସହଯୋଗରେ କବିବର ରାଧାନାଥ ରାୟ ଜୟନ୍ତୀ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଧର୍ମରାଜ ତ୍ରିପାଠୀଙ୍କ ପୌରୋହିତ୍ୟରେ




ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅଗସ୍ତି ବେହେରା ଯୋଗଦେଇ ରାଧାନାଥଙ୍କୁ ଓଡ଼ିଆ କାବ୍ୟ ସାହିତ୍ୟର ନୂତନ ଯୁଗର ପ୍ରବର୍ତ୍ତକ ଭାବେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ହିନ୍ଦୋଳ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଓଡ଼ିଆ ପ୍ରାଧ୍ୟାପକ ଡ. ଅସିତ କୁମାର ଜେନାମଣି ଯୋଗଦେଇ ରାଧାନାଥଙ୍କ କାବ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅପୂର୍ବ ସମନ୍ୱୟ ଥିବା କହିଥିଲେ। ଅଧ୍ୟକ୍ଷ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ପ୍ରିୟବ୍ରତ ସାହୁ 'ରାଧାନାଥଙ୍କ କାବ୍ୟରେ ପାଶ୍ଚାତ୍ୟର ପ୍ରଭାବ ଓ ଉତ୍କଳୀୟ ଚେତନା' ଶୀର୍ଷକ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାରସ୍ୱତ ସାହିତ୍ୟ ସଂସଦ କାର୍ଯ୍ୟକାରୀ ସଭାପତି ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ରାଧାନାଥଙ୍କ ଅନୁବାଦ କୃତି ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ଉର୍ମିଳା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାହିତ୍ୟ ସଂସଦ ଉପସଭାପତି ସୁରେନ୍ଦ୍ର ଚନ୍ଦନ, ସହସମ୍ପାଦକ ବିମଳ ରାଉଳ, ବରିଷ୍ଠ ସଭ୍ୟ ଅକ୍ଷୟ ମହାପାତ୍ର, ସୁଶାନ୍ତ ପ୍ରଧାନ, କବି ବିଜୟ ବାରିକଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ମନୋଜ ବେହେରା, ଡ. ସୁସ୍ମିତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସାହିତ୍ୟ ସଂସଦ ସମ୍ପାଦକ ଡା. ସତ୍ୟନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ● ୨୦୨୯ ସୁଦ୍ଧା ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ
## ୪୪ ଦିନିଆ ଅଭିଯାନ ଆରମ୍ଭ

ଅନୁଗୋଳ,୩ ।୧୦(ସମିସ): ଗାନ୍ଧୀ ଜୟନ୍ତୀ ଅବସରରେ ସମସ୍ତ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଛି। ଏହି ଅବସରରେ ରାଜ୍ୟ ଶ୍ରମ ବିଭାଗ ତରଫରୁ ୨୦୨୯ ସୁଦ୍ଧା ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ଲକ୍ଷ୍ୟ ନେଇ ଏକ ୪୪ ଦିନିଆ ସଚେତନତା ଅଭିଯାନ ଶୁଭାରମ୍ଭ କରାଯାଇଛି। ଜିଲ୍ଲାର ସମସ୍ତ ପଞ୍ଚାୟତରେ ଆୟୋଜିତ ଏହି ସ୍ୱତନ୍ତ୍ର ଗ୍ରାମସଭା ଏବଂ ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଆଶାକର୍ମୀ, ୱାର୍ଡ ମେମ୍ବର, ସହାୟକ ଶ୍ରମ ଅଧିକାରୀଙ୍କ ସମେତ ସ୍ଥାନୀୟ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ ଶ୍ରମର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଶପଥପାଠ କରାଯାଇଥିଲା। ପଦଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା।



## ୭୭ ଲକ୍ଷ ଟଙ୍କାର ଗଞ୍ଜେଇ ନଷ୍ଟ

ଅନୁଗୋଳ,୩ ।୧୦(ସମିସ): ଅବୈଧ ନିଶା କାରବାର ବିରୋଧରେ ଚାଲିଥିବା କ୍ରମାଗତ କାର୍ଯ୍ୟାନୁଷ୍ଠାନରେ ଅନୁଗୋଳ ପୁଲିସ ୭୭୭ କେଜି ଗଞ୍ଜେଇ ନଷ୍ଟ କରିଛି। ନାଲକୋ ଇନସିନେରେଟରରେ ଏହି ଜବତ ଗଞ୍ଜେଇକୁ ନଷ୍ଟ କରାଯାଇଛି। ନଷ୍ଟ କରାଯାଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୭ ଲକ୍ଷ ଟଙ୍କାରୁ ଅଧିକ ହେବ। ଅନୁଗୋଳ ଏସପି, ଅବକାରୀ ଅଧୀକ୍ଷକ, ଡେପୁଟି କଲେକ୍ଟର ଏବଂ ଆଇୟୁସିଏଡବ୍ଲୁର ଡିଏସପିଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ନଷ୍ଟ କରାଯାଇଛି।

## ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ




ତାଳଚେର,୩ ।୧୦(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ତାଳଚେର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ବସ୍‌ଷ୍ଟାଣ୍ଡରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରିଥିଲେ। ଦଳର ସମସ୍ତ ପଦାଧିକାରୀ, କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ପାୟୋନିୟର କ୍ଲବ ଆନୁକୂଲ୍ୟରେ ଡାକ୍ତରଖାନାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବିଧାୟକ ପ୍ରଧାନ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଅମଳପଡ଼ାଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ବିଜେଡି ତରଫରୁ ମାଲ୍ୟାର୍ପଣ କରାଯାଇଥିଲା।

**କିଶୋରନଗର:** ବାମୁର ଡାକବଙ୍ଗଳା ଓ ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ପରିସରରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ତିଳତର୍ପଣ ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଛି। ଏଥିରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବିଡିଓ ଶୁଭକାନ୍ତ ନାଏକ, ଅନୁସୂଚିତ ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ, ସମାଜସେବୀ ଡା. ଅଲେଖ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଥାନା ଆଇଆଇସି ହରେକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



### ଶିଶୁ ମନ୍ଦିରରେ ମାତୃ କର୍ମଶାଳା

ବଣ୍ଟାଁରପାଳ: ବଣ୍ଟାଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଧାରସ୍ତରୀୟ ମାତୃ କର୍ମଶାଳା ବିଦ୍ୟାଳୟର ଉପସଭାପତି ପ୍ରକାଶ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି।



ମୁଖ୍ୟଅତିଥି ଭାବେ ଚେତନାଶ୍ରୀ ସାହିତ୍ୟ ସଂସଦ ସମ୍ପାଦିକା ଗୀତାମୟୀ ମହାପାତ୍ର ଯୋଗଦେଇ ଶିଶୁର ସର୍ବାଙ୍ଗୀନ ବିକାଶରେ ମାଆମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ ଜିଲ୍ଲା ଶିଶୁବାଟିକା ପ୍ରମୁଖ ଆଚାର୍ଯ୍ୟା ମମିତା ବେହେରା ଯୋଗଦେଇ ଭାରତୀୟ ସଂସ୍କୃତି ପରମ୍ପରା ଆଧାରରେ ଶିଶୁମାନଙ୍କୁ ଗଢ଼ି ତୋଳିବାରେ ମାଆମାନଙ୍କ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଖିଳ କୁମାର ମହାପାତ୍ର, ପଦ୍ମିନୀ ବେହେରା ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସତ୍ୟବାନ ବରାହ, ସୁମନ୍ତ ସାମଲ, ଅକ୍ଷୟ କୁମାର ସେନାପତି ଉପସ୍ଥିତ ଥିଲେ। ମାଆମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯଶୋବନ୍ତୀ ଚୌଧୁରୀ ସହଯୋଗ କରିଥିଲେ।

## ବନ୍ଧୁକ ତିଆରି ସରଞ୍ଜାମ, ବାରୁଦ ଜବତ; ଜଣେ ଗିରଫ

ଛେଣ୍ଡିପଦା,୩ ।୧୦(ସମିସ): ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲ୍ଲା ପୁଲିସ ପ୍ରଶାସନ ନିର୍ଦ୍ଦେଶ କ୍ରମେ ଅପରାଧ ଦମନ ଏବଂ ଅପରାଧୀଙ୍କୁ ସାବାଡ଼ କରିବା ଲକ୍ଷ୍ୟ ନେଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଶନିବାର ସକାଳେ ଛେଣ୍ଡିପଦା ପୁଲିସ କୋଶଳା ଓ୍ୱାରଲେସ ନିକଟ ଜଙ୍ଗଲରେ ଚଢ଼ଉ କରି ଦେଶୀ ବନ୍ଧୁକ ତିଆରି ସରଞ୍ଜାମ ସହ ବାରୁଦ ଜବତ କରିଛି। ଏହି ମାମଲାରେ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୋଶଳା ଲକ୍ଷ୍ମୀବଜାର ଗ୍ରାମର ସୁରେନ୍ଦ୍ର ମାଝୀ। ତାଙ୍କ ନିକଟରୁ ୩ଟି ଲୁହା ବ୍ୟାରେଲ, ବନ୍ଧୁକ ଯନ୍ତ୍ରାଂଶ ଏବଂ ବାରୁଦ ଜବତ ହୋଇଛି। ସୁରେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ କହିଛି।



## ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ଜନସମ୍ପର୍କ ଅଭିଯାନ

ଅନୁଗୋଳ,୩ ।୧୦(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୨ ତାରିଖ ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ଏଥିସହ ଅନୁଗୋଳ ପୌରପାଳିକାରେ ଦଳର ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ତଥା ପୂର୍ବତନ ଉପ ବାଚସ୍ପତି ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କାର୍ଯ୍ୟାଳୟରୁ ଶିମିଳିପଡ଼ା ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀ ଏବଂ ବିଜୁ ମଇଦାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ମହେନ୍ଦ୍ର ବସ୍ତିଆ, ରାଜ୍ୟ ସମ୍ପାଦକ ବିପ୍ଳବ ଜେନା, ଅନୁଗୋଳ ନଗରପାଳ ଅକ୍ଷୟ ସାମନ୍ତ, ନଗର ସଭାପତି ବୃନ୍ଦାବନ ସ୍ୱାଇଁ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଛାତ୍ର ସଭାପତି ଶୁଭ୍ରାଂଶୁ ଶେଖର ଜିତ, ପୂର୍ବତନ ଛାତ୍ର ସଭାପତି ରାଜୀବ ଦାସ, କାଉନସିଲର ତଥା ଜିଲ୍ଲା ସମ୍ପାଦକ ସଦାନନ୍ଦ ପଣ୍ଡା, ରଞ୍ଜିତ୍ ମଣ୍ଡୋଠିଆ, କାଉନସିଲର ସୂର୍ଯ୍ୟାସ୍ମିତା ସାହୁ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ବଣ୍ଟାଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଜିଲ୍ଲା ପରିଷଦ ସଦସ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ମହିଳା ସଭାନେତ୍ରୀ ମାଳିନୀ ସର, ଜିଲ୍ଲା ସମ୍ପାଦକ ସୁବାସ ପଟ୍ଟନାୟକ, ଭାଗୀରଥୀ ମାଝୀ, ନକୁଳ ସାହୁ, ନଗର ଉପସଭାପତି ସୁଜିତ ନନ୍ଦ, ଅକ୍ଷୟ ଦାସ ଏବଂ ବ୍ଲକ ତଥା ନଗର ବିଜେଡିର କର୍ମକର୍ତ୍ତା ଉପସ୍ଥିତ ଥିଲେ।




## ଓଡ଼ିଶା ଇଣ୍ଟିଗ୍ରେଟେଡ୍ ରୋଡ୍ ସେଫ୍ଟି ଡାସ୍ ବୋର୍ଡ ଉପରେ ପ୍ରଶିକ୍ଷଣ

ଅନୁଗୋଳ,୩ ।୧୦(ସମିସ): ପରିବହନ ବିଭାଗର ଉତ୍ତର-କେନ୍ଦ୍ରାଞ୍ଚଳ ଜୋନ୍ ଉପ-ଆୟୁକ୍ତ ସନତ କୁମାର ଜେନାଙ୍କ ନେତୃତ୍ୱରେ ଶନିବାର ଓଡ଼ିଶା ଇଣ୍ଟିଗ୍ରେଟେଡ୍ ରୋଡ୍ ସେଫ୍ଟି ଡାସବୋର୍ଡ ଉପରେ ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିର ନାଲକୋନଗରଠାରେ ଅନୁଷ୍ଠିତ ହୋଇଛ। ମାଡ୍ରାସ୍ ଆଇଆଇଟିରୁ ଆସିଥିବା ପ୍ରଶିକ୍ଷକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳର ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ। ଏହି ଜୋନରେ ଆସୁଥିବା ଅନୁଗୋଳ ଆରଟିଓ ପ୍ରସନ୍ନ କୁମାର ଦାସ, ତାଳଚେର ଆରଟିଓ ନିଖିଲ ପଟ୍ଟନାୟକଙ୍କ ସମେତ ଢେଙ୍କାନାଳ, କେନ୍ଦୁଝର, ବଡ଼ବିଲ, ଦେବଗଡ଼ ଆଦି ୬ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ଅନୁଗୋଳ ଏମଭିଆଇ ରାଜେଶ କୁମାର ମହାପାତ୍ର, ଜୁନିଅର ଏମଭିଆଇ ସନ୍ଧ୍ୟାରାଣୀ ନାୟକ, ପରିବହନ ବିଭାଗର ଅନ୍ୟ ଅଧିକାରୀ, ପୁଲିସ ଅଧିକାରୀ, ଏନ୍‌ଏଚ୍‌ଏଆଇ, ଆର୍ ଆଣ୍ଡ ବି ଅଧିକାରୀ ଯୋଗଦେଇଥିଲେ। ତଥ୍ୟଭିତ୍ତିକ ଦୁର୍ଘଟଣା ବିଶ୍ଳେଷଣକୁ ସୁଦୃଢ଼ କରିବା, ବିପଦପୂର୍ଣ୍ଣ



କାରଣ ଓ ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରିବା ଏବଂ ସମଗ୍ର ଅଞ୍ଚଳରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଓ ଜୀବନ ରକ୍ଷା ପାଇଁ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ଗ୍ରହଣ ଏହି ପଦକ୍ଷେପର ଲକ୍ଷ୍ୟ ବୋଲି କୁହାଯାଇଛି।

# ଗୋଟିଏ ଦିନରେ ସ୍ୱାମୀ, ସ୍ତ୍ରୀଙ୍କ ମୃତ୍ୟୁ: ଅନାଥ ହୋଇଗଲା ଝିଅ

ଅନୁଗୋଳ,୩ ।୧୦(ସମିସ): ଶନିବାର ଭୋର୍ ସମୟରେ ହୃଦ୍‌ଘାତରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ ଦିନ ଧରି ଗୁରୁତର ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବା ସ୍ତ୍ରୀଙ୍କର ଅପରାହ୍ନରେ ମୃତ୍ୟୁ ହୋଇଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକମାତ୍ର ଝିଅ ଅନାଥ ହୋଇଯାଇଛନ୍ତି।

ଅନୁଗୋଳ ଜରାସିଂହା ଗ୍ରାମର ପବିତ୍ର କୁମାର ନାଏକ (୫୬) ଅନୁଗୋଳ ପ୍ରଗତି ନଗରରେ ରହୁଥିଲେ। ଦୁଇଦିନ ଧରି ସେ ଅସୁସ୍ଥ ଥିବାବେଳେ ଶନିବାର ଭୋର ପ୍ରାୟ ୪ଟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ଚିକିତ୍ସାଳୟ ନିଆଯାଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏପଟେ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ ପବିତ୍ରଙ୍କ ସ୍ତ୍ରୀ ସାବିତ୍ରୀ ମଧ୍ୟ ଗତ ୧୦ ଦିନ ଧରି ଅସୁସ୍ଥ ଥିଲେ। ଶନିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ଅନୁଗୋଳର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ଭୁବନେଶ୍ୱର ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଅପରାହ୍ନ ୪ଟାରେ ତାଙ୍କ ମୃତ୍ୟୁ ହୋଇଛି। ପବିତ୍ର ଓ ସାବିତ୍ରୀଙ୍କ ଏକମାତ୍ର ଝିଅ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଯୁକ୍ତଦୁଇ ପାଠ ପଢ଼ୁଛନ୍ତି। ସ୍କାଉଟ୍-ଗାଇଡ୍‌ର ୧୦ ଦିନିଆ କ୍ୟାମ୍ପରେ ଯୋଗଦେବା ପାଇଁ ସେ ଟ୍ରେନ୍‌ଯୋଗେ କୋଲକାତା ଅଭିମୁଖେ ବାହାରିଥିଲେ। ହେଲେ ବାପା-ମାଆ ଅସୁସ୍ଥ ଥିବା ଖବର ପାଇ ଯାତ୍ରା ବାତିଲ କରି କଟକରୁ ଅନୁଗୋଳ ଫେରିଥିଲେ। ଅନୁଗୋଳରେ ପହଞ୍ଚି ପ୍ରଥମେ ମାଆଙ୍କ ଗୁରୁତର ଅବସ୍ଥା ଦେଖିଥିଲେ। ପରେ ବାପାଙ୍କୁ ଖୋଜି ଅନ୍ୟ ଏକ ମେଡିକାଲରେ ପହଞ୍ଚିବା ପରେ ବାପାଙ୍କ ମରଶରୀର ଦେଖିଥିଲେ। ଏବେ ତାଙ୍କ ମୁଣ୍ଡ ଉପରୁ ଉଭୟ ବାପା-ମାଆଙ୍କ ଛାୟା ହଟିଯାଇଛି।



ପବିତ୍ର ଅନୁଗୋଳ ଜିଲ୍ଲା କୋର୍ଟର ଜଣେ ବରିଷ୍ଠ ଆଇନଜୀବୀ। ଏଥିସହ ଦୀର୍ଘଦିନ ଧରି ସେ ଆମ୍ବେଦକରବାଦୀ ସାମାଜିକ ଆନ୍ଦୋଳନ ସହିତ ଜଡ଼ିତ ଥିଲେ। ପବିତ୍ର ଓ ସାବିତ୍ରୀଙ୍କ ଅକାଳ ବିୟୋଗରେ ଅନୁଗୋଳରେ ଶୋକର ଛାୟା ଖେଳିଯାଇଛି। ଯେଉଁ ଝିଅ କିଛିଦିନ ତଳେ ବାପା-ମାଆଙ୍କ ଆଶୀର୍ବାଦ ସହ ନୂଆ ସ୍ୱପ୍ନ ନେଇ କୋଲକାତା ଯାଉଥିଲା, ଆଜି ସେ ଫେରିଛି ବାପା-ମାଆଙ୍କ ମୃତ୍ୟୁର ଦୁଃଖଦ ଖବର ପାଇ। ମାତ୍ର କିଛି ଘଣ୍ଟା ମଧ୍ୟରେ ପରିବାରର ଦୁଇ ସଦସ୍ୟଙ୍କ ଜୀବନ ଚାଲିଯିବା ଭଳି ହୃଦୟବିଦାରକ ଘଟଣା ଅନୁଗୋଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ଶେଷଦର୍ଶନ ପାଇଁ ପବିତ୍ରଙ୍କ କର୍ମକ୍ଷେତ୍ର ଜିଲ୍ଲା କୋର୍ଟ ପରିସରକୁ ତାଙ୍କ ପାର୍ଥିବ ଶରୀର ଅଣାଯାଇଥିଲା। ସହକର୍ମୀ ଓକିଲମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ମରଶରୀରକୁ ଆମ୍ବେଦକର ଫାଉଣ୍ଡେସନ ପରିସରକୁ ନିଆଯାଇଥିଲା। ସେଠାରେ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ବୌଦ୍ଧ ରୀତିନୀତିରେ ପଞ୍ଚଶୀଳ ନୀତି କରାଯାଇଥିଲା। ପରେ ପୈତୃକ ଗାଁ ଜରସିଂହାରେ ଶେଷକୃତ୍ୟ କରାଯାଇଛି। ଖବର ଲେଖାହେଲା ବେଳକୁ ସାବିତ୍ରୀଙ୍କ ପାର୍ଥିବ ଶରୀର ଭୁବନେଶ୍ୱରରୁ ଅନୁଗୋଳରେ ପହଞ୍ଚି ନାହିଁ।

## କ୍ଲଷ୍ଟରସ୍ତରୀୟ ସୁରଭି ପାଇଁ ଚାନ୍ଦା ଆଦାୟ ଅଭିଯୋଗ

**ଶିକ୍ଷକ ମହଲରେ ଅସନ୍ତୋଷ**

ରାଜକନିକା,୩।୧୦(ସମିସ): ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଓ ପ୍ରଦର୍ଶନ ପାଇଁ ଆୟୋଜିତ ହେଉଥିବା ଶିଶୁ ମହୋତ୍ସବ "ସୁରଭି"କୁ ନେଇ କିଛି ସ୍ଥାନରେ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମର ଆୟୋଜନ ଓ ବିଭିନ୍ନ ଖର୍ଚ୍ଚ ପାଇଁ କେତେକ ବିଦ୍ୟାଳୟରୁ ଚାନ୍ଦା ଆଦାୟ କରାଯାଉଥିବା କୁହାଯାଉଛି। ପ୍ରାଥମିକ ବିଦ୍ୟାଳୟ ୧୫୦୦, ଉଚ୍ଚପ୍ରାଥମିକ କିମ୍ବା ନୋଡାଲ ଉପ୍ରା ବିଦ୍ୟାଳୟ ୨୫୦୦ ଓ ହାଇସ୍କୁଲ ପାଇଁ ୩୦୦୦ ଟଙ୍କା ସ୍ଥିର କରାଯାଇଛି। ଏହାକୁ ନେଇ କେତେକ ଶିକ୍ଷକ ଅସନ୍ତୋଷ ପ୍ରକାଶ କରିବା ସହ ଏଭଳି ଆଦାୟର ବୈଧତା ଓ ଆର୍ଥିକ ବ୍ୟବସ୍ଥା ଉପରେ ସ୍ୱଚ୍ଛତା ଦାବି କରିଛନ୍ତି। ଶିକ୍ଷକଙ୍କ କହିବା ଅନୁଯାୟୀ, ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ପାଇଁ "ସୁରଭି" ଭଳି କାର୍ଯ୍ୟକ୍ରମ ଆବଶ୍ୟକ। ଏଥିପାଇଁ ସରକାର ସ୍ତରରେ ପ୍ରତି କ୍ଲଷ୍ଟର ପାଇଁ ୫୦୦୦ ଟଙ୍କା ଦିଆଯାଉଛି। ତେଣୁ ଏଥିପାଇଁ ଶିକ୍ଷକ କିମ୍ବା ବିଦ୍ୟାଳୟ ଉପରେ କୌଣସି ଅନୌପଚାରିକ ଆର୍ଥିକ ଭାର ପଡ଼ିବା ଉଚିତ ନୁହେଁ ବୋଲି ସେମାନେ ମତ ଦେଉଛନ୍ତି। ଅନ୍ୟପକ୍ଷରେ ପ୍ରଶାସନିକ ସ୍ତରରୁ ଏ ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶ ଓ ତଥ୍ୟ ସାର୍ବଜନୀନ କରାଯିବା ନେଇ ଶିକ୍ଷକ ମହଲରେ ଦାବି ଉଠିଛି। ଗତ ମାସରେ ୨୨ ଜଣ ଶିକ୍ଷକଙ୍କ ଦରମା ବନ୍ଦ ଥିବାବେଳେ ଏ ପ୍ରକାର ଚାନ୍ଦା କଥା ଶୁଣି ଶିକ୍ଷକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚାନ୍ଦା ଆଦାୟ ପାଇଁ କୌଣସି ଅଧିକାରୀଙ୍କ ନିର୍ଦ୍ଦେଶ ରହିଛି କି ନାହିଁ, ସେନେଇ ରାଜକନିକା ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ଚାନ୍ଦା ଆଦାୟ ପାଇଁ କାହାକୁ ନିର୍ଦ୍ଦେଶ ଦିଆଯାଇନାହିଁ, ଯଦି କେହି ବେଆଇନ ଭାବେ ଆଦାୟ କରୁଥା'ନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୮ ତାରିଖ ଓଡ଼ିଶା ବନ୍ଦ ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା/ପଞ୍ଚୁପାଣ୍ଡବ,୩।୧୦(ସମିସ): ପାଟକୁରା ନିର୍ବାଚନମଣ୍ଡଳୀ ଡେରାବିଶ ବ୍ଲକର ୧୨ ଓ ୧୩ନଂ ଜୋନ ଆନୁକୂଲ୍ୟରେ ଆସନ୍ତା ୮ ତାରିଖ ଦିନ ଓଡିଶା ବନ୍ଦକୁ ସଫଳ କରିବା ଉଦ୍ଦେଶ୍ୟରେ ଛତାଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତର କଂଗ୍ରେସ ସଭାପତି ପ୍ରବୀର ଦାସଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରତିକାନ୍ତ କାନୁନ୍‌ଗୋ ଯୋଗ ଦେଇଥିଲେ। ବୈଠକରେ ଏସଆଇଆର୍‌କୁ ନେଇ ବିବାଦ ଘେରରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ। ଏଥିସହ ଖଣି ଏମଏମଡିଆର୍ ନିୟମ ପ୍ରତ୍ୟାହାର କରିବା ସହ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ବୈଠକରେ ଜିଲ୍ଲା କଂଗ୍ରେସ ସମ୍ପାଦକ ଅଶୋକ ଜେନା, ବ୍ଲକ ସଭାପତି ରାଜୀବ ମିଶ୍ର, ଜିଲ୍ଲା କିଷାନ ସଂଘ ସଭାପତି ଜୟଦେବ ପରିଡ଼ା, ତରୁଣ ପ୍ରଧାନ, ରଶ୍ମିରଞ୍ଜନ ପଣ୍ଡା, କୃଷ୍ଣଚନ୍ଦ୍ର ଦାସ, ମନ୍ମଥ ସାହୁ, ମେହେବୁବ ଅଲ୍ଲୀ ଖାଁ ଓ ଶତାଧିକ କଂଗ୍ରେସ ନେତା, କର୍ମୀ ଯୋଗ ଦେଇଥିଲେ।

**● ଶୁଭଶ୍ରୀ ମୃତ୍ୟୁ ଘଟଣା**

## ୭ ଦିନରେ ଶୁଦ୍ଧି ହେଲେ ପରିବାର ଲୋକେ

ରାଜନଗର, ୩।୧୦(ସମିସ): ରାଜନଗର ଥାନା ଅନ୍ତର୍ଗତ ରାଜପୁର ଗାଁର ସୁବାସ ଦାସଙ୍କ ଝିଅ ଶୁଭଶ୍ରୀ ଦାସଙ୍କ ମୃତ୍ୟୁ ଓ ପରିବର୍ତ୍ତୀ ଘଟଣା ସନ୍ଦେହ ବଢାଇଛି। ୨ ଦିନ ତଳେ ଶୁଭଶ୍ରୀ ନିଖୋଜ ଥିବା ନେଇ ଜେଜେ ସୁକଦେବ ଦାସଙ୍କ ଏତଲା ଆଧାରରେ ରାଜନଗର ଥାନାରେ ୧୫୨/୨୦୨୬ରେ ମାମଲା ରୁଜୁ ହୋଇଛି। ଏପଟେ ଶୁଭଶ୍ରୀ ନିଖୋଜର ୭ ଦିନରେ ହିନ୍ଦୁ ରୀତିନୀତି ଅନୁଯାୟୀ ପରିବାର ଲୋକେ ଶୁଦ୍ଧିକ୍ରିୟା ସାରିଛନ୍ତି। ଯଦି ଶୁଭଶ୍ରୀ ନିଖୋଜ, ମୃତଦେହ ପରିବାର ଲୋକେ ପାଇନାହାନ୍ତି, ତେବେ ଶୁଦ୍ଧି ହେଲେ କିପରି ? ତାହାକୁ ନେଇ ସନ୍ଦେହ ବଢିବାରେ ଲାଗିଛି। ପରିବାର ଲୋକେ ଶୁଭଶ୍ରୀ ନିଖୋଜ ଅଛି, ଆମେ ତାଙ୍କୁ ଖୋଜୁଛୁ ବୋଲି କହୁଛନ୍ତି। ମୃତଦେହ ପାଇବା ଓ ପଥର ବାନ୍ଧି ନଦୀରେ ଫୋପାଡି ଦେବା ସମ୍ପର୍କରେ କିଛି ମୁହଁ ଖୋଲୁନାହାନ୍ତି। ଶୁଭଶ୍ରୀ ନିଖୋଜ ହେବାର ୭ ଦିନରେ ପରିବାର ଲୋକେ ବାରିକ, ବ୍ରାହ୍ମଣ ଡାକି ଶୁଦ୍ଧି ହେବା ସହ ପୂଜାପାଠ କରିବା ଘଟଣା ସନ୍ଦେହ ବଢାଇଛି। କର୍ମ କରିଥିବା ପଣ୍ଡିତ ପ୍ରମୋଦ ରଥଙ୍କ କହିବା କଥା ହେଲା ଶୁଭଶ୍ରୀର ପରିବାର ଲୋକେ ଶୁଭଶ୍ରୀ ମୃତ୍ୟୁବରଣ କରିଛି, ତା'ର ମୃତଦେହକୁ ନଦୀରେ ଭସାଇ ଦେଇଛୁ ବୋଲି କହିଥିଲେ। ଗତକାଲି ଶୁକ୍ରବାର ଶୁଭଶ୍ରୀ ମୃତ୍ୟୁର ୭ ଦିନରେ ଶୁଦ୍ଧିକର୍ମ, ଶୁଭକର୍ମ ଓ ପୂଜାପାଠ କରାଯାଇଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ହିନ୍ଦୁ ରୀତିନୀତି ଅନୁଯାୟୀ ଯଦି କେହି ନିଖୋଜ ହୁଅନ୍ତି, ତାଙ୍କର କୌଣସି ଖୋଜ ଖବର ନ ମିଳେ; ତେବେ ନିଖୋଜର ୧୨ ବର୍ଷ ପରେ ଶୁଦ୍ଧିକର୍ମ କରାଯାଇଥାଏ। ଶୁଭଶ୍ରୀ ନିଖୋଜ ବୋଲି ମୃତ୍ୟୁର ୬ ଦିନ ପରେ ଜେଜେ ଏତଲା ଦେଉଛନ୍ତି। ପୋଲିସ ପାଖରେ ଶୁଭଶ୍ରୀର ମୃତ ଫଟୋ ଥାଇ ଶବକୁ ନଦୀରେ ଖୋଜୁଥିଲେ। ଏପଟେ ପରିବାର ଲୋକେ ଶୁଭଶ୍ରୀଙ୍କୁ ଶୁଦ୍ଧି ହେବା ଓ ପୂଜକ ସତ ଖୋଲିଦେବା ପରେ ପୁଲିସ କ'ଣ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଅମୃତମଣୋହିରେ ରିଲିଫ୍ ଚାଉଳ ହଡ଼ପ ଅଭିଯୋଗ

ପଟ୍ଟାମୁଣ୍ଡାଇ, ୩।୧୦(ସମିସ): ଚଳିତ ବର୍ଷ ଲଗାତର ବନ୍ୟା ଯୋଗୁଁ ଧୋଆଞ୍ଚଳବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିଛନ୍ତି। ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ବ୍ଲକର ୧୩ଟି ପଞ୍ଚାୟତ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ୟା ଅଧ୍ୟୁଷିତ ଅଞ୍ଚଳ ପାଇଁ ୭ ଦିନିଆ ରିଲିଫ୍ ଘୋଷଣା କରିଥିଲେ। ଛୋଟ ପିଲାଙ୍କ ପାଇଁ ୫୦୦ ଗ୍ରାମ ଓ ବୟସ୍କଙ୍କ ପାଇଁ ଦୈନିକ ୧ କିଲୋ ହିସାବରେ ବ୍ଲକ ପ୍ରଶାସନ ପ୍ରତି ପଞ୍ଚାୟତକୁ ଚାଉଳ ଆବଣ୍ଟନ କରିଥିଲା। ତେବେ ଅମୃତମଣୋହି ପଞ୍ଚାୟତର ୧୧ନଂ ୱାର୍ଡରେ ଅନିୟମିତତା ଅଭିଯୋଗ ହୋଇଛି। ଏହି ୱାର୍ଡ ପାଇଁ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ୧୯ କ୍ୱିଣ୍ଟାଲ ଚାଉଳ ପଠାଇଥିବାବେଳେ ୱାର୍ଡ ସଭ୍ୟ ପ୍ରଥମ ପର୍ଯ୍ୟାୟରେ ୨୫୭ ଜଣଙ୍କୁ ମାତ୍ର ୮ କ୍ୱିଣ୍ଟାଲ ବଣ୍ଟନ କରିଥିଲେ। ଅବଶିଷ୍ଟ ଚାଉଳ ଦ୍ୱିତୀୟ ପର୍ଯ୍ୟାୟରେ ବାଣ୍ଟିବେ ବୋଲି କହିଥିଲେ। ପରେ ଆଉ ବାଣ୍ଟି ନ ଥିଲେ। ବାରମ୍ବାର ଅବଗତ କରି ନିରାଶ ହେବା ପରେ ଗ୍ରାମର ଶରତ ରାଉତ, ବିଚିତ୍ର ପାତ୍ର, ରଞ୍ଜନ ଦାସ, ରଞ୍ଜିତ ରାଉତ, ବିଦ୍ୟାଧର ସ୍ୱାଇଁ, ବାବାଜୀ ପାତ୍ର ଓ ମନୋଜ ପାତ୍ର ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଭେଟି ତଦନ୍ତ ଦାବି କରିଛନ୍ତି।

**ଲଗାଣ ବର୍ଷା ପ୍ରଭାବ**

# ଧୋଇଗଲା ବାଘୁଆମେଦି କଲଭର୍ଟ ରାସ୍ତା; ଯାତାୟାତ ଠପ୍

ମହାକାଳପଡ଼ା, ୩।୧୦ (ସମିସ)



ବାତ୍ୟା ପ୍ରଭାବରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବଜଳକଣି ପଞ୍ଚାୟତ ଅନ୍ତର୍ଗତ ବାଘୁଆମେଦି କଲଭର୍ଟ ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଛି। ଗୋବରୀ ନଦୀର ଶାଖା ମା' ରାମଚଣ୍ଡୀ ବାଲିଯୋର ଉପରେ ନିର୍ମିତ ଏହି କଲଭର୍ଟ ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଥିବାବେଳେ ଯାତାୟାତ ଠପ୍ ହୋଇଯାଇଛି। ଜୁଆର ସମୟରେ ଶାଖା ନଦୀରେ ପାଣି ବଢ଼ିବା ସହ ବାଲିଯୋରରେ କୁମ୍ଭୀର ଉପଦ୍ରବ ମଧ୍ୟ ଦେଖାଦେଉଥାଏ। ଏପରିକି ଏହି ଅଞ୍ଚଳରେ ଧନଜୀବନ କ୍ଷୟକ୍ଷତିର ଅନେକ ଦୃଷ୍ଟାନ୍ତ ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଭଳି ସ୍ଥିତିରେ କଲଭର୍ଟ ରାସ୍ତା ଧୋଇଯିବା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି। ବାଘୁଆମେଦି ଓ ଆଖପାଖ ଗ୍ରାମର ଛାତ୍ରଛାତ୍ରୀ ସ୍କୁଲ, ଅଙ୍ଗନବାଡ଼ି, କଲେଜ ଓ ବଜାରକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ଧୋଇଯିବାରୁ ଛାତ୍ରଛାତ୍ରୀଙ୍କ ସମେତ ଗର୍ଭବତୀ ମହିଳା, ବୟସ୍କ ଓ ରୋଗୀ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଘୁଆମେଦି-ରାମଚଣ୍ଡୀ ବାଲିଯୋର କଲଭର୍ଟ ରାସ୍ତା ଅଚଳ ହୋଇପଡ଼ିଥିବାରୁ ରାସ୍ତାରେ ଆମ୍ବୁଲାନ୍ସ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବାରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହାଦ୍ୱାରା ଜରୁରୀ ସ୍ୱାସ୍ଥ୍ୟସେବା ନେଇ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଛି। ଏ ନେଇ ବାଘୁଆମେଦି ୱାର୍ଡ ସଦସ୍ୟା ସାବିତ୍ରୀ ସିଂ, ସମାଜସେବୀ ପବିତ୍ର ପରିଡ଼ା, ଗୌତମ ସିଂ, ଭାରତ ସିଂ, ଗଣେଶ ସିଂ, ଗୁନା ସିଂ, ମିଥୁନ ମଣ୍ଡଳ, ମକର ସିଂଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଘଟଣାସ୍ଥଳରେ ତୁରନ୍ତ ମରାମତି କରି ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ସ୍ୱର୍ଣ୍ଣ ଓଡ଼ିଶା ପତ୍ରିକା ଉନ୍ମୋଚନ ଓ ସାରସ୍ୱତ ସମାରୋହ



ଡେରାବିଶ, ୩।୧୦(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ ଆଜି 'ସ୍ୱର୍ଣ୍ଣ ଓଡ଼ିଶା' ପତ୍ରିକା ଉନ୍ମୋଚନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଆବାସିକ ବିଦ୍ୟାଳୟରେ ଉନ୍ନତମାନର ଶିକ୍ଷା ପ୍ରଦାନ ସହ ବିଭିନ୍ନ ସାମାଜିକ କାର୍ଯ୍ୟ ସହିତ ଓଡ଼ିଆ ଭାଷାର ଉନ୍ନତି ପାଇଁ ବିଦ୍ୟାଳୟ ତରଫରୁ ତ୍ରୈମାସିକ ସାହିତ୍ୟ ପତ୍ରିକା ସ୍ୱର୍ଣ୍ଣ ଓଡ଼ିଶା ପ୍ରକାଶିତ ହୋଇଆସୁଛି। ଆଜି ଚଳିତ ବର୍ଷର ଅକ୍ଟୋବର-ଡିସେମ୍ବର ମାସର ପତ୍ରିକାର ଉନ୍ମୋଚନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବା ସହ ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ତଥା ସ୍ୱର୍ଣ୍ଣ ଓଡ଼ିଶା ପତ୍ରିକାର ସମ୍ପାଦକ ଡକ୍ଟର ମନୋଜ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡକ୍ଟର ଜନାର୍ଦ୍ଦନ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜଶ୍ରୀ କଳା ସାହିତ୍ୟ ସଂସଦର ସମ୍ପାଦକ ହେମନ୍ତ ଜେନା ଓ ସମ୍ମାନିତ ଅତିଥି ଭାବେ କଳିଙ୍ଗ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି, ସାହିତ୍ୟିକା ସସ୍ମିତା ପଣ୍ଡା, ଡେରାବିଶ ଅଗ୍ନିଶମ ବିଭାଗ ମୁଖ୍ୟ ଅଗ୍ନିଶମ ଅଧିକାରୀ ବନମାଳୀ ମାଝି ଯୋଗଦେଇ ସ୍ୱର୍ଣ୍ଣ ଓଡ଼ିଶାର ଚଳିତ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଏହା ପରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଗାଳ୍ପିକ ଓ କବି ସେମାନଙ୍କର ସ୍ୱରଚିତ ଗଳ୍ପ ଓ କବିତା ପାଠ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧିରେନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ, କାଜଲ ବେହେରା, ଅନୀତା ବେହେରା, ସୁନୀତା ପ୍ରତାପ, ଦମୟନ୍ତୀ ସ୍ୱାଇଁ, ସୁନୀତା ପଣ୍ଡା, ସବିତା ଓଝା ଓ ଦୁର୍ଗାପ୍ରସାଦ ପଣ୍ଡା, ନିଶିକାନ୍ତ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଦରିଆ ଡାକୁଛି ଆ' ପୁସ୍ତକ ଉନ୍ମୋଚିତ



ରାଜକନିକା,୩।୧୦(ସମିସ): ଆମ ନୌବାଣିଜ୍ୟ, ବନ୍ଦର ଓ ବହିତ୍ରର କଥାକୁ ନେଇ ଗବେଷକ ଅଶୋକ ପଣ୍ଡାଙ୍କ ଦ୍ୱିତୀୟ ପ୍ରବନ୍ଧ ସଂକଳନ ପୁସ୍ତକ 'ଦରିଆ ଡାକୁଛି ଆ' ପୁସ୍ତକ ମତୋ କଲ୍ୟାଣ ମଣ୍ଡପରେ ଉନ୍ମୋଚନ ହୋଇଛି। ଶିକ୍ଷାବିତ୍ ସାଧୁଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ପ୍ରଫୁଲ୍ଲ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, କବି ମନୋଜ ଭଲ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ଡ. ପ୍ରଫୁଲ୍ଲ ରଥ, ନାଟ୍ୟକାର ବିଜୟ ଦାସ, ପରିବେଶବିତ୍ ତାରାପଦ ମହାନ୍ତି, ଚାନ୍ଦବାଲି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ତରଣୀସେନ ପଣ୍ଡା, ପୁସ୍ତକର ପ୍ରକାଶକ ଶ୍ରୀ ଗୋବିନ୍ଦ, କବି ସଞ୍ଜିତ ବଳ, ପ୍ରାକ୍ତନ ଏବିଇଓ ଜୟକୃଷ୍ଣ ନାୟକ, ପରିବେଶବିତ୍ ବିଶ୍ୱକେଶରୀ ମହାନ୍ତି, ଶିକ୍ଷାବିତ୍ ରବୀନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇଥିଲେ। କବି ମଙ୍ଗୁଳି ଚରଣ ବେହେରା ପୁସ୍ତକର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଜୀବନବୀମା ଉପଦେଷ୍ଟା ପ୍ରଭାକର ବିଶ୍ୱାଳ, ଶିକ୍ଷକ ନେତା ନବଘନ ସାମଲ ଓ ଅଶୋକ ବାରିକ, ଅବସରପ୍ରାପ୍ତ ସେନା କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆଇନଜୀବୀ ନରେନ୍ଦ୍ର ବିଶ୍ୱାଳ, ଇଂ. କିଶୋର ନାୟକ, ଡାକ୍ତର ପୁରୁଷୋତ୍ତମ ନାୟକ, ସୁକାନ୍ତ ଦାଶ, କବି ସୁବାସ ମହାନ୍ତି, କୃଷକ ନେତା ବେଣୁଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ହ୍ୟାକାଥନ ପ୍ରତିଯୋଗିତାରେ ଆୟେବା ବିଦ୍ୟାଳୟର ସଫଳତା




ଭୁବନେଶ୍ୱର, ୩।୧୦(ସମିସ): ଓଡ଼ିଶା ସରକାରଙ୍କ ଷ୍ଟାର ଯୋଜନା ଅଧୀନରେ ଆଇଆଇଟି ଭୁବନେଶ୍ୱର, ଉଚ୍ଚମାଧ୍ୟମିକ ନିର୍ଦ୍ଦେଶାଳୟ ଓ ୟୁନିସେଫ ସହଭାଗିତାରେ ରାଜ୍ୟସ୍ତରୀୟ ହ୍ୟାକାଥନ ତଥା ଓଡ଼ିଶା ପ୍ରେନ୍ୟୁର ୩.୦ ଆଇଆଇଟି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଆୟବାସ୍ଥ ସରକାରୀ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୨ଟି ପ୍ରକଳ୍ପ ପ୍ରକଳ୍ପ ପ୍ରଦର୍ଶିତ ହୋଇ ପ୍ରଶଂସା ଲାଭ କରିଛି। ଅଧ୍ୟାପିକା ଶ୍ରୀମତୀ ବିନ୍ଦୁସ୍ମିତା ସାହୁଙ୍କ ମାର୍ଗଦର୍ଶନରେ ଛାତ୍ରୀ ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ଅଙ୍କିତା ମଲ୍ଲିକ, ସ୍ୱପ୍ନାରାଣୀ ସାହୁ, ମୋନାଲିସା ପ୍ରଧାନ ଓ ଆରପି ସ୍ମୃତି ସାହୁଙ୍କୁ ନେଇ ଗଠିତ ଗ୍ରୁପର ପ୍ରକଳ୍ପ "ହାତ ମୁକ୍ତ ହୁଇଲଚେୟାର' ରାଜ୍ୟସ୍ତରରେ ପ୍ରଦର୍ଶିତ ହୋଇଥିବା ୧୦୧ଟି ପ୍ରକଳ୍ପ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରକଳ୍ପଟି ଭବିଷ୍ୟତରେ ସମ୍ପୂର୍ଣ୍ଣ ପକ୍ଷାଘାତ ରୋଗୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

## ଫର୍ମ-୬ ଦାଖଲ ନେଇ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳଙ୍କ ସୂଚନା

କେନ୍ଦ୍ରାପଡ଼ା,୩।୧୦(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପରେ ଭୋଟର ତାଲିକାରେ ନାମ ନ ଥିବା ଯୋଗ୍ୟ ନାଗରିକଙ୍କ ନାମ ପଞ୍ଜୀକରଣ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ ସୂଚନା ଦେଇଛନ୍ତି ଜିଲ୍ଲାପାଳ ରଘୁରାମ ଆର ଆୟର। ଜିଲ୍ଲାପାଳ କହିଛନ୍ତି, ବର୍ତ୍ତମାନର ଭୋଟର ତାଲିକାରେ ନାମ ନ ଥିବା ଯୋଗ୍ୟ ନାଗରିକ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଭୋଟର ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏସଆଇଆର ସମୟରେ କୌଣସି କାରଣରୁ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିଲେ ମଧ୍ୟ ଫର୍ମ-୬ ମାଧ୍ୟମରେ ପୁନର୍ବାର ନାମ ପଞ୍ଜୀକରଣ ପାଇଁ ଆବେଦନ କରିହେବ। ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, ଏଣିକି ଫର୍ମ-୬ ଦାଖଲ ସମୟରେ ୨୦୦୨ର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ଘୋଷଣାନାମା କିମ୍ବା ତଥ୍ୟ ଦେବା ଆବଶ୍ୟକ ନାହିଁ। ଏଥିସହ ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା-ଜେଜେମାଆଙ୍କ ନାମ ୨୦୦୨ର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦେବାକୁ ପଡ଼ିବନାହିଁ। ଜିଲ୍ଲାପାଳ ଜନସାଧାରଣଙ୍କୁ ସୂଚାଇଛନ୍ତି ଯେ, କେବଳ ଫର୍ମ-୬ ଦାଖଲ କରିଦେଲେ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବନାହିଁ। ଆବେଦନକାରୀଙ୍କ ଯୋଗ୍ୟତା, ଆବେଦନରେ ଦିଆଯାଇଥିବା ତଥ୍ୟ ଓ ଆବଶ୍ୟକୀୟ ଦସ୍ତାବିଜର ନିର୍ଦ୍ଧାରିତ ଯାଞ୍ଚ ପରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଜିଲ୍ଲାପାଳ ଆହୁରି କହିଛନ୍ତି, ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକ ନିଜର ନାମ ଭୋଟର ତାଲିକାରେ ରହିଛି କି ନାହିଁ ଯାଞ୍ଚ କରନ୍ତୁ। ନାମ ନ ଥିଲେ ନିର୍ଦ୍ଧାରିତ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ କରାନ୍ତୁ।

## ନଦୀରେ ବୁଡ଼ି ବୃଦ୍ଧା ମୃତ

ଗରଦପୁର,୩।୧୦(ସମିସ): ପାଟକୁରା ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମର ପ୍ରଫୁଲ ନାୟକଙ୍କ ପତ୍ନୀ ନିର୍ମଳା ନାୟକ ଘରପାଖ ଚିତ୍ରୋତ୍ପଳା ନଦୀକୁ ଗାଧୋଇବାକୁ ଯାଇ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ପରିବାର ଲେକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ପୂର୍ବାହ୍ନ ୧୨ଟା ସମୟରେ ନିକଟସ୍ଥ କାଳୀଗଡା ନିକଟରେ ମାଛଧରା ଜାଲରେ ଜଣେ ମହିଳାଙ୍କ ମୃତଦେହ ଲାଗିଥିବା ଖବର ପାଇ ସ୍ଥାନୀୟ ଲୋକ ସେଠାରେ ଭିଡ ଜମାଇଥିଲେ। ପରିବାର ଲୋକ ସେଠାରେ ପହଞ୍ଚି ମୃତଦେହ ନିର୍ମଳାଙ୍କର ଚିହ୍ନଟ କରିଥିଲେ। ଏ ନେଇ ପାଟକୁରା ଥାନା ଓ ଗରଦପୁର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପାଟକୁରା ଅଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ ଓ ଅତିରିକ୍ତ ଥାନା ଅଧିକାରିଣୀ ଶ୍ରୀମତୀ ନିଲମ ସୋରେନ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

## ପାଲ ତଳେ ବିତୁଛି ଜୀବନ, ଦୁଃଖ ଶୁଣିଲେ ଚିତ୍ତରଞ୍ଜନ



ମାର୍ଶାଘାଇ,୩।୧୦ (ସମିସ): ଦୀର୍ଘ ୭ ବର୍ଷ ହେବ ପାଲ ତଳେ ଜୀବନ ବିତାଉଛନ୍ତି ଅଶୋକ ମହାପାତ୍ରଙ୍କ ପରିବାର। ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତର ତାଳସଙ୍ଗା ଗ୍ରାମର ଅଶୋକ ମହାପାତ୍ରଙ୍କ ପରିବାର ଦୀର୍ଘଦିନ ଧରି ଅତ୍ୟନ୍ତ ଦୁର୍ଦ୍ଦଶାରେ ଦିନ କାଟୁଥିବା ଜଣାପଡ଼ିଛି। ପରିବାରର ଏଭଳି ଦୟନୀୟ ଅବସ୍ଥା ସମ୍ପର୍କରେ ଖବର ପାଇ ଜନନେତା ଚିତ୍ତରଞ୍ଜନ ଦାସ ତାଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କ ସହ ଆଲୋଚନା କରି ସମସ୍ୟା ବୁଝିଥିଲେ। ଏଥିସହ ସେ ପରିବାରକୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅଶୋକଙ୍କ ପରିବାରର ଦୁର୍ଦ୍ଦଶା ଦୂର କରିବା ସହ ତାଙ୍କୁ ସରକାରୀ ଯୋଜନା ଓ ଅନୁଦାନର ସୁବିଧା ଯୋଗାଇ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଚିତ୍ତରଞ୍ଜନ ଦାସ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୩।୧୦(ସମିସ): ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପଟ୍ଟାମୁଣ୍ଡାଇ କ୍ଲଷ୍ଟର ପକ୍ଷରୁ କ୍ରେଡିଟ୍ ଆଉଟରିଚ୍ ପ୍ରୋଗ୍ରାମ ସଫଳତାର ସହ ସମ୍ପନ୍ନ ହୋଇଛି। ପଟ୍ଟାମୁଣ୍ଡାଇ, ବାଟିପଡା, ଚୌଦାକୁଲାଟ ଓ ଗୋଗୁଆ ଶାଖା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ମନୋଜ ପାତ୍ର ଯୋଗଦେଇ ହିତାଧିକାରୀଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ ନନ୍ଦ ବେହେରା, ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ଦାସ, ସିଡିପିଓ ଲକ୍ଷ୍ମୀମଣି ସିଂହ, ବିପିଏମ ପ୍ରକାଶ ସେଠୀ ଓ ବିପିସି ପ୍ରଭାସ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ହିତାଧିକାରୀଙ୍କୁ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିବାବେଳେ କ୍ଲଷ୍ଟର ପକ୍ଷରୁ ୨ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି।

## ୪୦୮ ଛାତ୍ରଛାତ୍ରୀ ଦେଲେ ବୃତ୍ତି ପରୀକ୍ଷା

ଗରଦପୁର, ୩।୧୦(ସମିସ): ଗରଦପୁର ବ୍ଲକର ୪ଟି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ତୃତୀୟ ଓ ପଞ୍ଚମ ଶ୍ରେଣୀର ୪୦୮ ଜଣ ଛାତ୍ରଛାତ୍ରୀ ବୃତ୍ତି ପରୀକ୍ଷା ଦେଇଥିଲାବେଳେ ୨୬ ଜଣ ଅନୁପସ୍ଥିତ ରହିଛନ୍ତି। ତୃତୀୟ ଶ୍ରେଣୀ ପାଇଁ ନଇନ୍ଦିପୁର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୧୨ ଜଣ ଓ ଚିତ୍ରୋତ୍ପଳା ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେହିପରି ପଞ୍ଚମ ଶ୍ରେଣୀ ପାଇଁ ପାଟକୁରା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୦୯ ଜଣ ଓ କୋରୁଆ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୯୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ବ୍ଲକ ଶିକ୍ଷାଧିକାରୀ ଅଜୟ ସେଠୀ ଓ ବିଆରସିସି ମନୋରଞ୍ଜନ ପଟ୍ଟନାୟକ ପରୀକ୍ଷା କେନ୍ଦ୍ର ତଦାରଖ କରିଥିଲେ।

## ଗାନ୍ଧୀ ସ୍ମୃତି ଭବନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଡେରାବିଶ,୩।୧୦(ସମିସ): ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋସ୍ଥ ଗାନ୍ଧୀ ସ୍ମୃତି ଭବନରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ ନିକଟସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଭୟ ଗାନ୍ଧୀଙ୍କ ମୂର୍ତ୍ତି ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗାନ୍ଧୀ ସ୍ମୃତି କମିଟି ସମ୍ପାଦକ ସୁବୋଧ ପରିଡ଼ା ଉଭୟ ମହାନ ଦେଶପ୍ରେମୀଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାହିତ୍ୟିକ ଡକ୍ଟର ପ୍ରକାଶ ପରିଡ଼ା, ସଞ୍ଜିତ ପରିଡ଼ା, ରଞ୍ଜନ ସ୍ୱାଇଁ, ରମେଶ ପଣ୍ଡା, ଗୌତମ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଂଘ ସଭ୍ୟ ପ୍ରୀତିରଞ୍ଜନ ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ମନିନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଶାରଦୀୟ ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ**

# ପୂଜା ପୂର୍ବରୁ ଜଳିବ ସମସ୍ତ ଷ୍ଟ୍ରିଟ୍‌ଲାଇଟ, ସଫେଇ ହେବ ବଜାର

ରାଜନଗର,୩।୧୦(ସମିସ)



ରାଜନଗରର ସର୍ବପ୍ରାଚୀନ ଭାଇଚାରାର ଅନନ୍ୟ ପର୍ବ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ଆଜି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ଶାନ୍ତି କମିଟି ସଭାପତି ତଥା ତହସିଲଦାର ଯୀଶୁକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜନଗର ବିଡିଓ ଅଶୋକ ମହାନ୍ତି,ଆଇଆଇସି ରତିରଞ୍ଜନ ନାୟକ, ଶାରଦୀୟ ଦୁର୍ଗାପୂଜା କମିଟି ସମ୍ପାଦକ ପ୍ରଭାତ ମିଶ୍ର, ସମସ୍ତ ପୂଜା କମିଟି କର୍ମକର୍ତ୍ତା, ବଣିକ ସଂଘ ଓ ବିଭିନ୍ନ ସରକାରୀ ଅଧିକାରୀ ଯୋଗଦେଇ ଦୁର୍ଗାପୂଜାକୁ କିପରି ଶାନ୍ତିଶୃଙ୍ଖଳାର ସହ କରାଯିବ, ସେ ନେଇ ପ୍ରସ୍ତାବ ରଖିଥିଲେ। ରାଜନଗର ଦେବୀ ଘରେ ଥାନପତି ମା' ଦୁର୍ଗାଙ୍କ ସମେତ ରାଜନଗର, ସାନବଡଗୋପାଳପୁର ଓ ଜରିମୂଳରେ ୨୮ଟି ମେଢ ଚଳିତ ବର୍ଷ ହେବ। ଜଳୁ ନ ଥିବା ଷ୍ଟ୍ରିଟଲାଇଟ ମରାମତି, ବଜାରରୁ ସମସ୍ତ ଅଳିଆ ଆବର୍ଜନା ସଫେଇ ସହିତ ପାଣି ଜମୁଥିବା ସ୍ଥାନରେ ଡଷ୍ଟ ପକାଇବାକୁ ପ୍ରସ୍ତାବ ରଖିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ବିଭିନ୍ନ ରାସ୍ତା ମରାମତି ପୂଜା ପୂର୍ବରୁ କରାଯିବ ବୋଲି ପତିଶ୍ରୁତି ଦିଆଯାଇଛି। ଆଇଆଇସି ଶାନ୍ତିଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥାକୁ ବ୍ୟବସ୍ଥିତ ଓ ପୂଜା ମଣ୍ଡପରେ ସିସିଟିଭି ଲଗାଇବା ଉପରେ ମତ ରଖିଥିଲେ। ପୂଜା ଚାରିଦିନ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବଜାରକୁ ଗାଡ଼ି ଚଳାଚଳ ବନ୍ଦ କରାଯିବ ବୋଲି କହିଥିଲେ। ଉକ୍ତ ବୈଠକରେ ଶାରଦୀୟ ଦୁର୍ଗାପୂଜା କମିଟି ସଂପାଦକ ପ୍ରଭାତ ମିଶ୍ର ମା'ଙ୍କ ପୂଜାନୀତି ଓ ଭସାଣି ଉତ୍ସବ ଶୃଙ୍ଖଳିତ କରିବାକୁ କହିଥିଲେ। ଭିଡ ସମୟରେ ତ୍ୱରିତ ସେବା ଯୋଗାଇଦେବା ପାଇଁ ୪ ଦିନ ଅପରାହ୍ନ ୫ଟାରୁ ରାତି ୧୦ ଘଟିକା ଯାଏଁ ଅଗ୍ନିଶମ ଗାଡି ଓ ଟିମ ରାଜନଗରରେ ରହିବେ। ବିଦ୍ୟୁତ ସମସ୍ୟା ନେଇ ଅଧିକାଂଶ ପୂଜା କମିଟି ମତ ରଖିଥିଲେ। ଗତବର୍ଷ ୧୦୦ କେଭି ଟ୍ରାନ୍ସଫର୍ମର ଥିଲା ଏବର୍ଷ ୨୫୦ କେଭି ଟ୍ରାନ୍ସଫର୍ମର ବସାଯାଇଥିବା ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ସୂଚନା ଦେଇଥିଲେ। ବୈଠକରେ ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସାନବଡଗୋପାଳପୁର ସରପଞ୍ଚ ଗୋଲେଖ ସ୍ୱାଇଁ, ରାଜନଗର ଜୟଦୁର୍ଗା ବଣିକ ସଂଘ ସଭାପତି ବାଇଧର ସେଠୀ, ରାଜନଗର ସରପଞ୍ଚଙ୍କ ପ୍ରତିନିଧି ରମଣୀ ରଞ୍ଜନ ମହାପାତ୍ରଙ୍କ ସମେତ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଯୋଗଦେଇ ମତ ରଖିଥିଲେ। ଆରଏମସି, ସ୍ୱାସ୍ଥ୍ୟ ବିଭାଗ ଓ ବିଦ୍ୟୁତ ବିଭାଗ, ପାନୀୟଜଳ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗଦେଇ ସେମାନଙ୍କ ବିଭାଗ ଦ୍ୱାରା ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ସର୍ବେଶ୍ୱର ମହାନ୍ତି, ବିଚିତ୍ର ମଲିକ, ବିଜୟ ଗୁପ୍ତା, ଗୋଲେଖ ପ୍ରଧାନ, ସତ୍ୟବାନ ସେଠୀ, ଧ୍ରୁବଚରଣ ଲେଙ୍କା, ଅଇର ଲେଙ୍କା, ନାରାୟଣ ମାହୁନ୍ତ, ମହେଶ୍ୱର ସେଠୀ, ଅଭିରାମ ସାହୁ, ଅନିରୁଦ୍ଧ ପରିଡା, ଲକ୍ଷ୍ମଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୃଜନିକା
ସକାଳ THE SAKALA
www.sakalaepaper.com

# ଗର୍ଭ ସଂଚାର





ନମିତା ପାଇକରାୟ

ମୁଁ ଜାଣିନି କୁଆଡ଼େ ଯାଉଛି ଆଉ କାହିଁକି ବି ଯାଉଛି! ଆଗରୁ କେବେ ଏଠିକୁ ଆସିଥିବା ପରି ମନେ ପଡୁନି । ତଥାପି ସବୁଆଡ଼େ ଏକ ନିଜର ନିଜର ଭାବ ବିଛେଇ ହୋଇ ରହିଛି । ଯେମିତି, ଏ ରାସ୍ତା, ଏ ପାହାଡ଼, ନଈ, ବଣ ତୋଟା ସବୁ ଚିହ୍ନା ଚିହ୍ନା ଲାଗୁଛି, ତଥାପି ମନେ ପଡୁନି କେବେ କାହା ସହିତ ଏଠିକୁ ଆସିଛି । ତାହେଲେ କ'ଣ ଏସବୁ ସହିତ ମୋର ପୂର୍ବ ଜନ୍ମର ସମ୍ପର୍କ ରହିଛି ? ଏ ସବୁ ପ୍ରଶ୍ନ ମାନସୀକୁ ବିଚଳିତ କରିଦେଲା । ସେଠାରୁ ସେ ଫେରି ଆସିଲା, ବଡ଼ ନୂଆବୋଉ ସହ ଯାଇ ଥିଲା ସେଇଠିକି, ବଡ଼ ନୂଆବୋଉ ମାନସୀର ଆନମନା ମୁହଁକୁ ଦେଖି ଥଟ୍ଟା କଲେ, କ'ଣ ମାନସୀ କେଉଁଠି ହଜିଗଲ କି ? କେଉଁ ରାଜକୁମାର ମନ ଚୋରି କଲା ଏ ଜଙ୍ଗଲରେ ?

ଘରକୁ ଫେରି ମାନସୀ ଅତି ମାତ୍ରାରେ ଭାବୁକ ହୋଇଗଲା । ଷୋଳ ବର୍ଷର ଝିଅ କ'ଣ ଏତେ ଭାବୁଛି ଜେଜେମା ବ୍ୟସ୍ତ ହୋଇଗଲେ । ଜେଜେମା ନାତୁଣୀ ମାନସୀକୁ ଧରି ନିଜ ଭଉଣୀର ନାତି ବାହାଘରକୁ ଆସିଥିଲେ । ଭଉଣୀ ସିନା ମରି ଗଲାଣି ହେଲେ ସବୁ କାମ କାର୍ଯ୍ୟରେ ଛୁଆଙ୍କର ସାନ ମାଉସୀ ଲୋଡ଼ା । ପୁତୁରାମାନେ ଦରବୁଢ଼ା ହେଲେଣି, ହେଲେ ମାଉସୀକୁ ଦେଖିଦେଲେ ଛୁଆ ହୋଇ ଯାଆନ୍ତି । ବଡ଼ ପୁତୁରାର ସାନ ପୁଅ ବାହାଘର, ନାତୁଣୀ ମାନସୀକୁ ଧରି ଜେଜେମା' ଆସିଛନ୍ତି । ମାନସୀ ତ ସବୁବେଳେ ଓଡ଼ିଶା ବାହାରେ ବାପା-ମାଆ ସହ ବୁଲୁଛି । ବାପା ଚାକିରି ଯେଉଁଠି ସିଏ ସେଇଠି ରହିବ । ଏଥର ତା'ର ପରୀକ୍ଷା ପରେ, ତା' ବାପା ମାନସୀର ଗାଁ ଅଭିଜ୍ଞତା ପାଇଁ ମାଆ ପାଖରେ ଗାଁରେ ଛାଡ଼ି ଦେଇ ଯାଇଛନ୍ତି ।

ପୁତୁରା ଯାଇଥିଲେ ମାଉସୀକୁ ଡାକି, ସଂଯୋଗ ଏମିତି ମାନସୀ ଥିଲା ଗାଁରେ, ଦୁହିଁଙ୍କୁ ଧରି ପୁଅ ବାହାଘର ପାଇଁ ନେଇ ଆସିଲେ ।

ମାନସୀ ଜେଜେମା'ଙ୍କ ବଡ଼ ଭଉଣୀଙ୍କ ଘର ଠିକ୍ ପାହାଡ଼ ତଳେ, ତାଙ୍କ ବାରି ପଟ କବାଟ ଖୋଲି ଦେଲେ, ପାହାଡ଼ ଯେମିତି ଦୁଆର ମୁହଁରେ ଠିଆ ହେଲା ପରି ଲାଗିବ । ଟିକେ ଦୂରରେ ନଈଟି ବହୁଥାଏ, ପାହାଡ଼ ଉପରକୁ ଟିକେ ଚଢ଼ିଗଲେ ଏତେ ମନୋରମ ଦୃଶ୍ୟ ମାନସୀ ଆଖିରେ କେବେ ଦେଖି ନଥିଲା । ଏଇ ସବୁ ଚିତ୍ର ତ ସେ ଅନେକ ଥର ଆଙ୍କିଛି । କିନ୍ତୁ ଏ ଦୃଶ୍ୟମାନ ଆଖିରୁ ହଟୁ ନାହାଁନ୍ତି । ମାନସୀକୁ ବିଚଳିତ କରୁଛନ୍ତି କାହିଁକି ? ଏତେ ଆପଣାର ଦୃଶ୍ୟମାନ ଏଇଠି ଅଛି । କିନ୍ତୁ ଅନେକ ଥର ସ୍ୱପ୍ନରେ ଆସେ ମାନସୀର ଏସବୁ, ମାନସୀ ସ୍ୱପ୍ନରେ ଘୂରି ବୁଲୁଥିବା ଜାଗା ସବୁ ଆଖିରେ ଦେଖି ଆଚମ୍ବିତ ହେଉଛି, ତାକୁ ଯେମିତି ପରୀ ରାଇଜର କାହାଣୀ ପରି ଲାଗୁଛି ।

ଜେଜେମା ସବୁ ଶୁଣି ମାନସୀକୁ କୋଳେଇ ଧରିଲେ । ବୋକୀଟାଏ ତୁ, ତୋ ମାଆକୁ ମାଉସୀ ଶାଶୁ ଡାକି ଆଣି ଥିଲେ ସାଦ ଖୁଆଇବା ପାଇଁ । ଚାରି ଦିନ କହି, ତୋ ମାଆକୁ ଏ ପାହାଡ଼ ନଈ ଏତେ ଭଲ ଲାଗିଲା ଯେ ଏଇଠି ମାସେ ରହି କି ଗଲା । ତୁ ତୋ' ମାଆ ପେଟରେ ଥିଲୁ, ମାଆ ଆଖି ଦେଇ ଦେଖିଥିବୁ, ସେଇଥିପାଇଁ ତୋ' ଆଖିକୁ ଏ ଦୃଶ୍ୟମାନ ଦୋ ଦୋ ଚିହ୍ନା ଲାଗୁଛି । ମାନସୀକୁ ଆହୁରି ଆଶ୍ଚର୍ଯ୍ୟ ଲାଗିଲା, ତା' ମୁହଁରୁ ବାହାରି ଆସିଲା, "ଆରେ ଏମିତି ବି ହୁଏ ?"

ଜେଜେମା କହିଲେ, "ତୁ ଅନେକ କଥା ଜାଣିନୁ, ଆମ ପୁରାଣ ଶାସ୍ତ୍ରରେ ସବୁ ଲେଖା ଅଛି 'ଗର୍ଭ ସଂଚାର' ବିଷୟରେ ପଢ଼ିଲେ ଜାଣିବୁ । ଏଥର ମାନସୀର ମନ ହାଲୁକା ହୋଇଗଲା । ସେ ସେଠାରେ ଯେତିକି ଦିନ ରହିଲା ସବୁ ଦୃଶ୍ୟକୁ ତନ୍ନ ତନ୍ନ କରି ଦେଖିଲା, ଦିଲ୍ଲୀ ଗଲେ ଯେମିତି ସେସବୁକୁ କାନଭାସ୍‌ରେ ଜୀବନ୍ତ ରୂପ ଦେଇପାରିବ । ■

ଭୁବନେଶ୍ୱର
ମୋ: ୯୮୬୧୩୮୫୦୪୬



ଡ. ଚିତ୍ତରଞ୍ଜନ ମିଶ୍ର

# ରୂପାନ୍ତର



କେବେ ତ ପାଖରେ ନଥିଲ
କିନ୍ତୁ ବିଦାୟ ନେବା ବେଳକୁ ଆସିଲ
ଲମ୍ବା ଅନୁପସ୍ଥିତିର ଆସ୍ତରଣକୁ ହସି ହସି
ଆଢ଼େଇ ଦେଲ ଓଢ଼ଣି ପରି
ଯେମିତିଆ ସବୁଦିନ ଥିଲ ।

ମନ ଏକ ନିର୍ବୋଧ ବାଳକ
ବୁଝିଯାଏ ସହଜରେ କିଏ ବୁଝାଇ ଦେଲେ ମା' ପରି
ପୁନଶ୍ଚ ଅଝଟ ହୁଏ
ବୟସ୍କ ହେଲେ ବି ରହିଥାଏ ସେହି ଅଝଟ ଅବୁଝାପଣ
କାଚ ବାକ୍ସ ଭିତରେ ଥିବା ତାରକସି
ରୂପା ତରୁଣୀର କାନ୍ତି ପରି
ବର୍ଷ ବର୍ଷ ବର୍ଷ ବର୍ଷ

ତୁମକୁ ବାଟେଇ ଦେଇ ଫାଟକ ପାଖରେ
ଘରକୁ ପଶିଲା ବେଳେ
କାଚ ବାକ୍ସ ପଡ଼ି ଖଣ୍ଡ ଖଣ୍ଡ
ଥାକରେ ତ ଏତେଦିନ ଥିଲା ସ୍ଥିର
କେବେ ବି ତ ପବନର ହାତ
ଅବା ବିଲେଇ ମୂଷାଙ୍କ ଗୋଡ଼ ଛୁଆଙ୍କ ଦୁଷ୍ଟାମି
ହଲାଇ ନ ଥିଲା ସେହି ରୂପାତାର ତରୁଣୀର
କାଚକାନ୍ଥ ଘେରା କାରାଗାର !
କାମବାଲି ପାଟି କଲା
ବାବୁ ଉଠ ଝାଡୁ ଦେବି
କାଚ ଗୁଣ୍ଡ ଫିଙ୍ଗି ପୁଣି ଯିବି ଅନ୍ୟ ଘର ।

ତୁମେ କଲ୍ କରିଥିଲ
କହିବାକୁ ଘରେ ପହଞ୍ଚିଲ । ■

୨୦୫, ମଂଜୁଳା ରେସିଡେନ୍ସି
ୱାଟର ୱାର୍କ୍ସ ରୋଡ୍, ପୁରୀ ୭୫୨୦୦୨
ମୋ: ୯୪୩୭୦୦୦୯୨୧

# ତମେ ନଥିଲା ଦିନ



ରବି ଶତପଥୀ

ମୁଁ ଗଲାଦିନ
ତମେ ନଥିଲ,
ଗୋଟେ ମଉଳା ଗୋଲାପ ଫୁଲ
ଥୁଆ ହୋଇଥିଲା
ତମ ପଢ଼ା ଟେବୁଲ୍ ଉପରେ ।
ଖଣ୍ଡେ ଧଳାକାଗଜରେ
ଖାଲି ଲେଖାଥିଲା
ଏତେ ପରେ ବି
ତମେ ଥରେ ଆସିଲନି ।

ମୁଁ ସାରାଘର ତମକୁ ଖୋଜିଲି
ତମେ ନଥିଲେ ବି
ସେଇଠି କେଉଁଠି ଥିଲ
ମୋତେ ଏମିତି ଲାଗିଲା ।
ତୁମର ଗୋଟେ ସୁନ୍ଦର
ରଙ୍ଗିନ୍ ଫଟୋ ଝୁଲୁଥିଲା
ତମ ଡ୍ରଇଂ ରୁମ୍‌ରେ,
ଆଉ ତମ ଦେହର ବାସ୍ନା
ଘୂରି ବୁଲୁଥିଲା ସେ ଘରେ ।
ତମ ଆଲବମ୍ ଖୋଲିଲି
ଗୋଟେ କେଉଁଦିନର
କଳାଧଳା ଫଟୋ ମୋର
ଥିଲା ତମ ପାଖରେ ।

ମୁଁ ତମକୁ ପୁଣି
ଭଲକରି ଖୋଜିଲି
ତମେ ନଥିବା ଘରେ,
ଅଭିମାନ କରି
କେଉଁଠି ଲୁଚିଗଲ କି ?
ଭାବିଲି, ଭାବିପାରିଲି ନାହିଁ ।
ପଡ଼ିଶାଘର କେହି ଜଣେ
ସଞ୍ଜଦୀପ ଜାଳିଲା,
ଭାବିଲି, ରାତି ଆଉ କେତେ ବାକି ।

ଫେରିଲି, ସାରାରାସ୍ତା ଅନ୍ଧାର
ଆଶ୍ଚର୍ଯ୍ୟ, ମୋତେ ଜଗିଥିଲା ଭଳି
ତମେ ଠିଆ ହୋଇଥିଲ
ନୀରବରେ ମଝି ରାସ୍ତାରେ,
ମୋର ସବୁ ଇଚ୍ଛା ଓ ଚେଷ୍ଟା ସତ୍ତ୍ୱେ
ମୁଁ ଥରେ ବି ଛୁଇଁପାରିଲିନି ତମକୁ ।
ଘରକୁ ଫେରି ଦେଖିଲି
ମୁଁ ଆଉ ସେମିତି ମୁଁ ହୋଇନାହିଁ
ତମ ଘରକୁ ଗଲାବେଳେ
ଠିକ୍ ଯେମିତି ଥିଲି । ■

ନୀରବ ନୀଡ଼
ପୂଜାରୀପୁଟ, କୋରାପୁଟ
ମୋ: ୯୪୩୭୭୮୪୮୫୯



# "ଆନନ୍ଦ ହିଁ ମୋ କବିତା ଲେଖିବାର ବଡ଼ ଉତ୍ତର"






ରକ୍ଷକ ନାୟକ

'ମୁଁ କାହିଁକି ଲେଖେ, ଏ ପ୍ରଶ୍ନ ବା ଜିଜ୍ଞାସା ପ୍ରଥମେ ସାମ୍ନା କରିବା ପୂର୍ବରୁ ମୁଁ ଗୁଡ଼େ ଲେଖିସାରିଲିଣି । ଉତ୍ତର ପାଇଁ ପଛକୁ ଫେରିବାକୁ ପଡ଼ିଲା । ପିଲାବେଳକୁ । ଆତ୍ମ ସମୀକ୍ଷା କରିବାକୁ ହେଲା । ଗୋଟେ ବାକ୍ୟରେ କହିବି ଆରମ୍ଭ ଥିଲା ମୋର ଯୋଜନା ଓ ନିୟନ୍ତ୍ରଣ ବାହାରେ, ସମ୍ପୂର୍ଣ୍ଣ ସ୍ୱାଭାବିକ । ତାହା ଆପାତତଃ ଏଯାବତ୍ ବଜାୟ ରହିଛି ।

ମୋର ଜନ୍ମ ପୁରୀ ଜିଲ୍ଲାରେ ଗୋପ ବ୍ଲକ୍‌ର ଏକ ନିପଟ ମଫସଲ ଗାଁ ପାଇକସାହିରେ । ମୋ' ପିଲାବେଳର ସମୟ ଥିଲା ଆଶ୍ଚର୍ଯ୍ୟ, ବିସ୍ମୟ ଓ ରହସ୍ୟରେ ଭରପୂର । ଅନ୍ଧାର ଯେମିତି ଆଲୁଅ ମଧ୍ୟ ସେମିତି । ମୋ' ଗାଁର ସାଂସ୍କୃତିକ, ପ୍ରାକୃତିକ ଓ ସାମାଜିକ ପରିବେଶ ମନଛୁଆଁ ଥିଲା । ଅନେକ କଥା ବୁଝି ନ ହେବାରେ ବହୁତ ଆନନ୍ଦ ଥିଲା । ମୁଁ ଭଲ ପାଠ ପଢୁଥିଲି । ସେତେବେଳର ମାନକରେ ଭଲ ପିଲା ଥିଲି । ଭଲ ପିଲା ମାନେ ମାଛିକୁ ମ' ନ କହିବା । ଖେଳ କଉତୁକ ଦୁଷ୍ଟାମିଠୁ ଦୂରେଇ ରହିବା । ଖାଲି ବହି ପଢ଼ିବା, ପାଠ ଘୋଷିବା । ମୁଁ ଥିଲି ଅନ୍ତର୍ମୁଖୀ । ପୋତାମୁହାଁ । ମୋର କେହି ଅନ୍ତରଙ୍ଗ ସାଙ୍ଗ ନ ଥିଲେ । ଭଲ ପିଲା ବୋଲି ଆଡ଼େଇ ଯାଉଥିଲେ । ମୋର ଯେ, ବୁଲିବାକୁ ଖେଳିବାକୁ ଦୁଷ୍ଟାମି କରିବାକୁ ଇଚ୍ଛା ନ ଥିଲା ନୁହଁ, ଭଲ ପିଲାର ଭାବମୂର୍ତ୍ତି ବଜାୟ ରଖିବାକୁ ନିଜକୁ ଚାପି ରଖିବାକୁ ପଡୁଥିଲା । ମୋ ଜେଜିମା ଗାଆଁକୁ ଆସୁଥିବା ଯୋଗୀମାନଙ୍କଠାରୁ ଚାଉଳ ଦେଇ ବହି କିଣି ଖରାବେଳ ସାରା ପଢ଼େ । ତାକୁ ସଙ୍ଗା ଉପରେ ଥିବା ପେଟରାରେ ରଖେ । ମୋ' ବାପା ସ୍କୁଲ ଶିକ୍ଷକ ଥିଲେ । ପାଠାଗାର ଦାୟିତ୍ୱରେ ଥିବାରୁ ବହୁତ ବହି ତାଙ୍କ ଆଲମିରାରୁ ଯିବା ଆସିବା କରୁଥାଏ । ଏସବୁ ମୁଁ ପଢ଼େ । ଦେଖେ । ଆଉ ନିରାପଦ ଦୂରରେ ରହି ଗାଁ ଲୋକଙ୍କ କଥା ଶୁଣେ । କାହାକୁ କିଛି କହି ପାରେନା । ଏହି ଚାପା ଅନୁଭବ ବୋଧେ ପ୍ରଥମେ କବିତା ହେଇ ଆସିଲା । ମୁଁ ଆଚମ୍ବିତ ହେଲି । ଯାହା ମନକୁ ଆସିଲା ଲେଖିଲି । ରେଡିଓରେ ଶିଶୁ ସଂସାର କିଶୋର ଚକ୍ର ମୁଁ ନିୟମିତ ଶୁଣେ । ସେଠୁ ମତେ ଲେଖିବାର ବାଟ ମିଳେ । ଲେଖେ ସିନା କାହାକୁ ଦେଖାଇ ପାରେନା । ସହପାଠୀକୁ ବି । ମୋ ପାଇଁ ଏହା ଥିଲା ନିଷିଦ୍ଧ କାମ । ଦୁଃସାହସିକ ଅଭିଯାନ । କାରଣ ଆମ ବେଳେ ଲେଖାଲେଖିକୁ ଶିକ୍ଷକ ଗୁରୁଜନ ପସନ୍ଦ କରୁ ନ ଥିଲେ । ତାଙ୍କର ଧାରଣା ଥିଲା ଯାହା ଅବଶ୍ୟ କିଛି ମାତ୍ରାରେ ସତ୍ୟ ଯେ, ଲେଖାଲେଖି ପାଠରେ ଅନ୍ତରାୟ ସୃଷ୍ଟି କରେ । ମୁଁ କିନ୍ତୁ ଲୁଚେଇ ଲେଖେ ଲୁଚେଇ ତାକୁ ପଢ଼େ । ଥରେ ଅଧେ ବଡ଼ ଭାଇ ହାବୁଡ଼ରେ ଧରା ପଡ଼ିଛି । ସେ ଖୁସି ହେଇଛି । କାହାକୁ କହିନି । ମୁଁ କାହିଁକି ତାହେଲେ ଏତେ ବଡ଼ ଅପରାଧ ଭଳି କାର୍ଯ୍ୟ କରୁଥିଲି । କାରଣ ହେଲା ଗୋଟେ ନିର୍ମଳ ସରଳ ନିରୀହ ବିଶୁଦ୍ଧ ଆନନ୍ଦ ପାଉଥିଲି । ତାଛଡ଼ା ମତେ ଲାଗୁଥିଲା ମୁଁ କ'ଣ ଗୋଟେ ନୂଆ ନିର୍ମାଣ କରି ପାରୁଛି । ମୋ' ମନକଥା, ମୋ ଅନୁଭବ, ମୋ ଭାବନା ପ୍ରକାଶ କରି ପାରୁଛି । ତାହା ଏ ପର୍ଯ୍ୟନ୍ତ ଚାଲିଛି ବୋଲି ଲେଖୁଛି । ପରେ କାହିଁକିରେ ଅନେକ କଥା ମଧ୍ୟ ଯୋଡ଼ି ହେଇ ଯାଇଥିଲେ ମଧ୍ୟ ମୂଳ ବିନ୍ଦୁଟି ଅକ୍ଷୁଣ୍ଣ ରହିଛି ।

ମୋ ଲେଖା ବାସ୍ତବରେ ମୋର ପ୍ରତିକ୍ରିୟା । ଅନେକ କଥାର ମୋର ନିଜସ୍ୱ ପାର୍ଶ୍ୱ ପ୍ରତିକ୍ରିୟା । ନିଜକୁ ନେଇ ମୋ' ସମୟକୁ ନେଇ ମୋ ପୃଥିବୀକୁ ନେଇ ମୋର କିଛି କହିବାର ଥାଏ । ମୁଁ ସେକଥା କୁହେ । ମନ ହାଲକା ଲାଗେ । ଭିନ୍ନ ପ୍ରକାରରେ ମୋର କର୍ତ୍ତବ୍ୟ ସମ୍ପାଦନ କଲା ଭଳି ଲାଗେ । ଆତ୍ମତୃପ୍ତି ମିଳେ । କେତେ କାମ ମୁଁ କରି ପାରନ୍ତି । ପାରେନି । ମୋର ଇଚ୍ଛା ହୁଏ କାହାକୁ ହାଣି ଦେବାକୁ ତ କାହାକୁ ଚୁମା ଦେବାକୁ । ପ୍ରତିବାଦ କରିବାକୁ । ପ୍ରତିଶୋଧ ନେବାକୁ । ପ୍ରେମ ନିବେଦନ କରିବାକୁ । ସତରେ ତାହା ହେଇପାରେନି । ଶବ୍ଦରେ ଘଟାଇ ଦିଏ । ତେଣୁ ମୋର ପ୍ରତ୍ୟେକ ଲେଖାରେ ମୁଁ ଥାଏ । ପ୍ରେମ କବିତା ହେଉ କି ବିଦ୍ରୋହର କବିତା ସବୁଠି ନିଜକୁ ପ୍ରକାଶ କରି ଆତ୍ମ ସନ୍ତୋଷ ପାଏ । ଅତି ସହଜରେ ମିଳିଥିବା ଆନନ୍ଦ ହିଁ ମୋ କାହିଁକିର ବଡ଼ ଉତ୍ତାର । ମୁଁ ଲେଖେ ମୁଁ ତାକୁ ଭୋଗେ ।

ଲେଖିବାର ଆଉ ଗୋଟେ କାରଣ ହେଉଛି ପ୍ରଶଂସା । ମତେ କବି ଲେଖକ ଭାବରେ ବହୁ ପ୍ରଶଂସା ମିଳିଛି । ସ୍ୱୀକୃତି ମିଳିଛି । ଭିଡ଼ ଭିତରେ ଭିନ୍ନ ବୋଲି ପରିଚୟ ସୃଷ୍ଟି ହୋଇଛି । ବନ୍ଧୁ ମହଲରେ ବିଶେଷ ଖାତିର ମିଳିଛି । ଏହା ଲେଖା ଜାରି ରଖିବାକୁ ପ୍ରେରିତ କରିଛି । ହୁଏତ ଏହି ପ୍ରଶଂସା ପରବର୍ତ୍ତୀ ସମୟରେ ମୋ' ଲେଖିବାର ଛୋଟ କାରଣ ହୋଇଛି ।

ମୁଁ ଲେଖୁଥିବାରୁ ମତେ ଅନେକ ଉପଯୋଗ କରିଛନ୍ତି । ନିଜେ ନିଜର ପ୍ରେମ ଚିଠି କାହାକୁ ଲେଖି ପାରିନି ସିନା ବରା ଲୋଭରେ ସାଙ୍ଗମାନଙ୍କ ପାଇଁ ଚିଠି ଲେଖିବା କବିତା ବି ଅନେକ ଲେଖିଛି । ବୃତ୍ତିଗତ ଦାୟରେ ବି ଅନେକ ଲେଖିଛି । ଅନେକଙ୍କ ପାଇଁ ଲେଖିଛି । ତେବେ କବିତା ଯାହା ମୋ ନାଁରେ ବାହାରେ ତାହା ମୋର ଅତି ଆପଣାର ଏବଂ ତାକୁ ଲେଖିବାର କାରଣ ହେଉଛି କେବଳ ଆନନ୍ଦ । ଏ ଆନନ୍ଦର ବିକଳ୍ପ ନାହିଁ । ଶେଷରେ କହିବି ମୁଁ ଲେଖେ କାରଣ ମୁଁ ଲେଖି ପାରେ ବୋଲି । ଆଉ ଯାହା ସବୁ ପରବର୍ତ୍ତୀ ସମୟର ଭିଆଣ । ■

ଭୁବନେଶ୍ୱର
ମୋ: ୯୪୩୭୧୭୧୪୪୦

# ପୁସ୍ତକ ଓ ପତ୍ରିକା ପରିଚୟ

## ସ୍ୱାଧୀନ ଜିଜ୍ଞାସା

### ଡକ୍ଟର ସ୍ୱାଧୀନ କୁମାର ଦାଶ




ଡଟ୍ ବୁକ୍ସ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୨୪୯ ଟଙ୍କା ମାତ୍ର

ସାଂପ୍ରତିକ ସମାଜର ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରକାଶ ପାଇଛି ଡକ୍ଟର ସ୍ୱାଧୀନ କୁମାର ଦାଶଙ୍କ ପ୍ରବନ୍ଧ ପୁସ୍ତକ 'ସ୍ୱାଧୀନ ଜିଜ୍ଞାସା' । ବିଭିନ୍ନ ସାମାଜିକ ସମସ୍ୟାକୁ ନେଇ ମନ ଭିତରେ ନାନା ଜିଜ୍ଞାସା ସୃଷ୍ଟି ହୋଇଥାଏ । କ'ଣ ଆମେ ସେଇ ଜିଜ୍ଞାସା ବା ପ୍ରଶ୍ନକୁ ସ୍ୱାଧୀନ ଭାବେ ପ୍ରକାଶ କରିପାରିଛୁ! ସମାଜର କେତେକ ବାସ୍ତବ ସମସ୍ୟାକୁ ନେଇ ଏହି ପୁସ୍ତକର ପ୍ରବନ୍ଧଗୁଡ଼ିକରେ ଆଲୋଚନା କରାଯାଇଛି । 'କ୍ଷମତାରେ ମତୁଆଲା ନେତା ଓ ଭକୁଆ ଜନତା', 'ଗଣତନ୍ତ୍ର କ'ଣ ଆଇସିୟୁରେ?', 'ବିଭେଦର ବିଷ ବୃକ୍ଷ', 'ସମାଜର ନିଆଁଲଗା ଓ ନିଆଁଲିଭା ମଣିଷ', 'ନାରୀ ସ୍ୱାଧୀନତା ଓ ସ୍ୱାବଲମ୍ବନ ଭାଷଣ ନା ବାସ୍ତବତା?', 'ପ୍ରଗତି ନା ପ୍ରହସନ', 'ଚାଷ ଅଛି ଯାହାର, ଖାଏ ସେ କେତେ ପାହାର', 'ଆଧୁନିକତାର ଅନ୍ଧ ଦୌଡ଼ର ଶେଷ କେଉଁଠି?', 'ଧର୍ମ ପ୍ରଦୂଷଣ ପାଇଁ ଦାୟୀ କିଏ?', 'ମଣିଷ ଆସ୍ତିକ ନା ନାସ୍ତିକ?' ଆଦି ପ୍ରବନ୍ଧ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି । ସମାଜ, ପରିବାର, ଧର୍ମ, ସଂସ୍କୃତି, କୃଷି, ସ୍ୱାସ୍ଥ୍ୟ, ଅର୍ଥନୀତି, ରାଜନୀତି, ଶାସନ, ପ୍ରଶାସନ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ରଚିତ ଉଚ୍ଚାଙ୍ଗ ପ୍ରବନ୍ଧଗୁଡ଼ିକ ପାଠକଙ୍କ ଚିତ୍ତକୁ ଆଲୋଡ଼ିତ କରିବ ବୋଲି ଆଶା କରାଯାଏ । ■

## ଅଗ୍ନିବୀଣା

### ଉମା ଚରଣ ମହାନ୍ତି




ଶବ୍ଦସ୍ପର୍ଶ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ : ୨୦୦ ଟଙ୍କା ମାତ୍ର

ଓଡ଼ିଆ ଜାତି ଓ ଭାଷା ଜନନୀଙ୍କ ଜୟଗାନକୁ ନେଇ ରଚିତ ବିପ୍ଳବୀ କବି ଉମା ଚରଣ ମହାନ୍ତିଙ୍କ କବିତା ପୁସ୍ତକ 'ଅଗ୍ନିବୀଣା' ପ୍ରକାଶ ପାଇଛି । ଏହି ପୁସ୍ତକରେ ୨୬୦ଟି ଛନ୍ଦଧର୍ମୀ କବିତା ସଂକଳିତ ହୋଇଛି । "ମାତୃଭାଷା ଯଦି ରାଜ୍ୟେ ନଚାଲିବ/ କୋଟି ଓଡ଼ିଆର ମୁଣ୍ଡ ଯେ ଗଡ଼ିବ/ ବିଦ୍ରୋହ ନିଆଁ ସାରା ରାଜ୍ୟେ ଉଡ଼ି/ ଶାସନ କଳକୁ ଦେବ ଜାଳି ପୋଡ଼ି ।" ଏହି ପୁସ୍ତକରେ ମାତୃଭାଷାର ସୁରକ୍ଷା, ଓଡ଼ିଆ ଅସ୍ମିତାର ପୁନଃଜାଗରଣ, ଭାଷା ପ୍ରତି ସମର୍ପଣ ଭାବନା ନେଇ ଏଭଳି ଅନେକ ମନଛୁଆଁ କବିତା ସଂକଳିତ ହୋଇଛି । ପ୍ରଥମେ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଏହି ପୁସ୍ତକର ଅନେକ କବିତା ବେଶ୍ ପାଠକୀୟ ପ୍ରଶଂସା ସାଉଁଟିଛି । କବି ଉମାଚରଣଙ୍କ ପ୍ରତିଟି କବିତା ଭିତରେ ଭରି ରହିଛି ମାତୃଭାଷା ପ୍ରତି ଅସୀମ ପ୍ରୀତି । କବିତାଗୁଡ଼ିକର ଭାବ, ଭାଷା ପାଠକମାନଙ୍କୁ ମାତୃଭାଷା ପ୍ରତି ଗଭୀର ମମତ୍ୱବୋଧ ଜାଗ୍ରତ କରିବ । ଓଡ଼ିଆ ଭାଷାର ଜୟଗାନ, ଭାଷା ସୁରକ୍ଷା ପାଇଁ ଜାଗରଣ ସୃଷ୍ଟି କରିବାରେ ଏହି ପୁସ୍ତକର କବିତାଗୁଡ଼ିକ ବେଶ୍ ଶକ୍ତିଶାଳୀ । 'ଅଗ୍ନିବୀଣା' ପୁସ୍ତକର ଅଗ୍ନିବର୍ଷୀ କବିତାଗୁଡ଼ିକ ମାତୃଭାଷା ପ୍ରତି ଆକୃଷ୍ଟ କରିବାରେ ପାଠକମାନଙ୍କ ପ୍ରାଣରେ ନୂତନ ଶକ୍ତି ସଂଚାର କରିବ ବୋଲି ଆଶା କରାଯାଏ । ■

## ସଂପର୍କ

### ସଂପାଦକ: ଚନ୍ଦ୍ରମଣୀ ଭୂୟାଁ




ସଂପର୍କ ସାହିତ୍ୟ ସଂସଦ
କିଶିନାପୁର, ସାଲେପୁର, କଟକ
ମୂଲ୍ୟ : ୧୦୦

'ସଂପର୍କ ସାହିତ୍ୟ ସଂସଦ' ପକ୍ଷରୁ ଚନ୍ଦ୍ରମଣୀ ଭୂୟାଁଙ୍କ ସଂପାଦନାରେ 'ସଂପର୍କ'ର ନୂଆଖାଇ-୨୦୨୬ ସଂଖ୍ୟା ପ୍ରକାଶିତ ହୋଇଛି । ଏହି ସଂଖ୍ୟାର ପ୍ରବନ୍ଧ ବିଭାଗରେ ଡ. ହୃଷିକେଶ ମହାରଣାଙ୍କ '୧୯୮୦ ପରବର୍ତ୍ତୀ ଓଡ଼ିଆ ଆତ୍ମଜୀବନୀ: କ୍ରମିକ ଉତ୍ତରଣ', ଡା. ହରେକୃଷ୍ଣ ଷଡ଼ଙ୍ଗୀଙ୍କ 'ଭାଗ୍ୟ, ଗୋଟେ ବିଡ଼ମ୍ବିତ ଅନୁଶୀଳନ', ସୁରେନ୍ଦ୍ର ମହାରଣାଙ୍କ 'ସାହିତ୍ୟ ମଣିଷର ହୃତପିଣ୍ଡ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ତଥ୍ୟ ଭିତ୍ତିକ ହୋଇଛି । ସେଭଳି ବସନ୍ତ କୁମାର ଘୋଷଙ୍କ 'ଜେଜେଙ୍କ ଘର', ଉମେଶ ଚନ୍ଦ୍ର ସାହୁଙ୍କ 'ଭାତକଂସାରେ ଝଡ଼', ଡକ୍ଟର ଚିତ୍ତରଞ୍ଜନ ପଣ୍ଡାଙ୍କ 'ତଥାପି ଅପେକ୍ଷା', ସମ୍ବିତ ଦାସଙ୍କ 'ମମତାର ଇଞ୍ଜେକସନ୍' ଆଦି ଗପ ହୃଦୟସ୍ପର୍ଶୀ ହୋଇଛି । ସେଭଳି କବିତା ବିଭାଗରେ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଶ୍ରୀଧର ଶେଖର ମହାପାତ୍ର, ଲକ୍ଷ୍ମୀପ୍ରିୟା ଦେବୀ, ବ୍ରଜବନ୍ଧୁ ପୃଷ୍ଟି, ପ୍ରଫୁଲ୍ଲ ମିଶ୍ର, ଅଧ୍ୟାପିକା ଉର୍ବଶୀ ସାହୁ, ରାଜୀବ କୁମାର ଷଡ଼ଙ୍ଗୀ ପ୍ରମୁଖଙ୍କ କବିତାଗୁଡ଼ିକ ମନଛୁଆଁ ହୋଇଛି । 'ସଂପର୍କ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ସାଇବର ଆଇନ୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର, ୩।୧୦(ସମିସ)




ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ସିଙ୍ଗାରପୁର ସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସାଇବର ନିୟମ ଓ ସାମାଜିକ ଗଣମାଧମର ସୁରକ୍ଷିତ ବ୍ୟବହାର ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଜିଲ୍ଲା ପୁଲିସର ସାଇବର ବିଶେଷଜ୍ଞ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସାଇବର ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ ଯାହା ଦ୍ୱାରା ସମସ୍ତ ପ୍ରକାରର ସାଇବର ଅପରାଧକୁ ନିୟନ୍ତ୍ରଣ କରାଯାଇ ପାରିବ। ଏହି ଆଇନରେ ଡିଜିଟାଲ କ୍ଷେତ୍ର ସହିତ ଜଡିତ ବିଭିନ୍ନ ଆଇନଗତ ସମସ୍ୟା ଯେପରିକି ସାଇବର ଅପରାଧ, ଇ-କମର୍ସ, ତଥ୍ୟ ଗୋପନୀୟତା ଏବଂ କୃତ୍ରିମ ବୁଦ୍ଧିମତା ଅନ୍ତର୍ଭୁକ୍ତ। ସାମାଜିକ ଗଣମାଧମ ଯଥା ଫେସବୁକ, ୱାଟସଅପ୍, ଇନଷ୍ଟାଗ୍ରାମ, ଏକ୍ସ ଇତ୍ୟାଦି କିପରି ସୁରକ୍ଷିତ ଭାବେ ବ୍ୟବହାର କରିହେବ ଏହି ବିଷୟରେ ସଚିବ ସଚେତନ କରିଥିଲେ। ଏହା ସହ ଅତିତରେ ଘଟିଥିବା କିଛି ସାଇବର ଅପରାଧ ବିଷୟରେ ଆଲୋଚନା କରି ସାଇବର ମାମାଲା ଅଦାଲତରେ କିପରି ପରିଚାଳନା କରାଯାଏ ଏବଂ ସାଇବର ଅପରାଧୀଙ୍କ ପାଇଁ ଥିବା ଦଣ୍ଡ ବିଧାନ ସମ୍ପର୍କରେ ମଧ ସଚିବ ସୂଚନା ଦେଇଥିଲେ। ସାଇବର ବିଶେଷଜ୍ଞ କହିଥିଲେ ଯେ ଏବେ ଯୁବପିଢ଼ିଙ୍କ ମଧରେ ସାମାଜିକ ଗଣମାଧମର ବ୍ୟବହାର ଏକ ଧାରାରେ ପରିଣତ ହୋଇଯାଇଛି। ସାମାଜିକ ଗଣମାଧମକୁ ବ୍ୟବହାର କରିବା ସମୟରେ ସୁରକ୍ଷା ପ୍ରତି ଧାନ ଦେବା ଅତ୍ୟନ୍ତ ଜରୁରୀ। ନିଜର ବ୍ୟକ୍ତିଗତ ତଥ୍ୟ କୌଣସି ଅଜଣା ବ୍ୟକ୍ତିଙ୍କୁ ଅନଲାଇନ ମାଧମରେ ନଜଣାଇବା ଓ ସାମାଜିକ ଗଣମାଧମରେ ଯୋଗାଯୋଗ ନମ୍ବର, ଠିକଣା, ଜନ୍ମ ତାରିଖ, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଇତ୍ୟାଦି ପୋଷ୍ଟ କରିବା ଅନୁଚିତ। ଯଦି ସାମାଜିକ ଗଣମାଧମରେ କିଛି ଅସାମାଜିକ ଯୁବତୀ ଭିଡିଓ କଲ କରନ୍ତି ଏବଂ ସେମାନଙ୍କର ନଗ୍ନ ଫଟୋ ଦେଖାଇ ଟଙ୍କା ମାଗନ୍ତି କିମ୍ବା ସାଇବର ଲୁଟେରା ପୁଲିସ, କଷ୍ଟମ କିମ୍ବା ସିବିଆଇ ଅଧିକାରୀ ଭାବେ ନିଜକୁ ପରିଚୟ ଦେଇ ଅନଲାଇନ ଭିଡିଓ କଲ ବା ମେସେଜ ମାଧମରେ 'ଡିଜିଟାଲ ଆରେଷ୍ଟ' ପରି ଶବ୍ଦ ବ୍ୟବହାର କରି ଟଙ୍କା ମାଗନ୍ତି ତାହାହେଲେ ବିଚଳିତ ନହୋଇ ନିକଟସ୍ଥ ଥାନାରେ ତୁରନ୍ତ ରିପୋଟ କରିବା ପାଇଁ ସାଇବର ବିଶେଷଜ୍ଞ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# ୮ରେ ଇଣ୍ଡି ମେଣ୍ଟର ଓଡ଼ିଶା ବନ୍ଦ

ଜଗତସିଂହପୁର, ୩।୧୦(ସମିସ): ଆସନ୍ତା ଅକ୍ଟୋବର ୮ ତାରିଖରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ଦେଇଥିବା ଓଡ଼ିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସାନବଜାର ସ୍ଥିତ ଏକ ଘରୋଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବିବାଦୀୟ ସଂଶୋଧିତ ଏମଏମଡିଆର୍-୨୦୨୬ ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ତୁରନ୍ତ ଇସ୍ତଫା, ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା, ଓଡ଼ିଶାରେ ସୃଷ୍ଟି ହେଉଥିବା ବନ୍ୟାରେ ବିପନ୍ନ ମାନଙ୍କୁ ଉଚିତ ସହାୟତା ସମ୍ପର୍କରେ ଦାବି ଉପସ୍ଥାପନ କରାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ବିଶ୍ୱଜିତ ଦାସ, ସହ ପ୍ରଭାରୀ ତଥା ପିସିସି ସମ୍ପାଦକ ମାନସ ରଞ୍ଜନ କର, ଓପିସିସି ସାଧାରଣ ସମ୍ପାଦକ ନଟବର ବାରିକ, ସମ୍ପାଦକ ବିରେନ କୁମାର ଦଳାଇ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ସମାଜବାଦୀ ଦଳର ରାଜ୍ୟ ମୁଖ୍ୟ ବିକ୍ରମ ସ୍ୱାଇଁ, ସିପିଆଇ ପକ୍ଷରୁ ଶଶୀଭୂଷଣ ସ୍ୱାଇଁ, ସିପିଏମ ପକ୍ଷରୁ ଲୋଭାକାନ୍ତ ସ୍ୱାଇଁ, ସିପିଆଇଏମଏଲ ପକ୍ଷରୁ ବଂଶୀଧର ପରିଡ଼ା ଏବଂ ଅଖିଳ ଭାରତ ଯୁବ ସଂଘର ଜିଲ୍ଲା ସଭାପତି ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗଦେଇ ଉପରୋକ୍ତ ଦାବି ସମୂହକୁ ନେଇ ୮ରେ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଜିଲ୍ଲାର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଧନଞ୍ଜୟ ସୂତାର, ସମ୍ପାଦକ ଦିଲ୍ଲିପ ମାହାର, ବାଲିକୁଦା ବ୍ଲକ ସଭାପତି ମହନି ଚରଣ ରାଉତ, ରଘୁନାଥପୁର ବ୍ଲକ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ତିର୍ତ୍ତୋଲ ବ୍ଲକ ସଭାପତି ସଫି ଆଜମ୍, ଜଗତିସଂହପୁର ବ୍ଲକ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ଏସ୍‌ସି ସେଲ ସଭାପତି ଲକ୍ଷ୍ମୀଧର ମଲ୍ଲିକ, ଯୁବ କଂଗ୍ରେସ ସଭାପତି ପ୍ରିତମ ପରିଜା, ସେକ୍ ସଫାୟତ ଅଲ୍ଲୀ, ଦିଲ୍ଲୀପ ସିଂହ, କିଶୋର ପଟ୍ଟନାୟକ, ସୟଦ ସାୟକ ରସୁଲ ଏବଂ ସତ୍ୟବ୍ରତ ଦାସ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଝଙ୍କଡ ଶାରଳା ପୀଠରେ ପାର୍ବଣ ପୂଜା ଆରମ୍ଭ

ତିର୍ତ୍ତୋଲ, ୩।୧୦(ସମିସ): ଓଡ଼ିଶାର ପ୍ରାଚୀନ ଶକ୍ତି ପୀଠ ଜଗତସିଂହପୁର ଜିଲ୍ଲା କନକପୁର ସ୍ଥିତ ପ୍ରସିଦ୍ଧ ଝଙ୍କଡ଼ ମା' ଶାରଳାଙ୍କ ପୀଠରେ ଆଜି ପବିତ୍ର ଅଶ୍ୱିନୀ ମାସ ମୂଳାଷ୍ଟମୀ ତିଥିରେ ଶାରଦୀୟ ପାର୍ବଣ ପୂଜା ଆରମ୍ଭ ହୋଇଛି। ଆଜି ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋଡ଼ଶ ଦିନାତ୍ମକ ପୂଜା ପାଇଁ ମା ଶାରଳାଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ଆଜି ୩ ତାରିଖରୁ ୧୮ ତାରିଖ ମହାଷ୍ଟମୀ ପର୍ବ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପୀ ପାର୍ବଣ ପୂଜା ପାରମ୍ପରିକ ଦୈନିକ ପୂଜା ନୀତି ଅନୁସାରେ ଅନୁଷ୍ଠିତ ହେଉଛି। ଆଜି ବଡି ଭୋର୍‌ରୁ ପହଡ଼ ଖୋଲା ପରେ ମଙ୍ଗଳ ଆଳତି ସକାଳ ସମୟରେ ମାର୍ଜନା ଓ ପରେ ଯଜ୍ଞ ମଣ୍ଡପ ରେ ଘଟ ସ୍ଥାପନ, ଏହା ପରେ ବାଲ୍ୟ ଭୋଗ, ପଞ୍ଜିକା ପାଠ ଓ ନିତ୍ୟାନି ଚଣ୍ଡୀ ପାଠ, ପୂର୍ବାହ୍ନରେ ସୂର୍ଯ୍ୟ ପୂଜା, ଚଣ୍ଡୀ ପାଠ ଓ ଷୋଡ଼ଶ ଉପଚାର ପୂଜା, ଅପରାହ୍ନରେ ପ୍ରହରିକିଆ ଧୂପ ଓ ପରେ ପରେ ଚନ୍ଦନ ଲାଗି, ଦୁଇ ପ୍ରହରିଆ ଧୂପ, ପଲଙ୍କ ଲାଗି, ପହଡ ଖୋଲା ଯାଇ ମାର୍ଜନା ଓ ବେଶ୍, ସନ୍ଧ୍ୟା ସମୟରେ ମରିଚ ଲଡୁ ପୂଜା ଓ ସନ୍ଧ୍ୟା ଆଳତୀ ଓ ରାତ୍ରି ରେ ପୁରାଣ ପାଠ ଓ ପ୍ରହରିକିଆ ଧୂପ, ବଡ ସିଂହାର ବେଶ, ଷୋଡ଼ଶ ଉପଚାର ପୂଜା ଓ ଦୁଇ ପ୍ରହାରିକିଆ ଧୂପ ଆଦି ନିତିକାନ୍ତି ଅନୁଷ୍ଠିତ ହୋଇ ରାତ୍ର ପହଡ ହୋଇଥିଲା।

# ଉତ୍ତରେଶ୍ୱରୀ ମନ୍ଦିରରେ ପାର୍ବଣ ପୂଜା

ଏରସମା, ୩।୧୦(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରିସିଂହ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରେଶ୍ୱରୀଙ୍କ ମନ୍ଦିରରେ ପାର୍ବଣ ପୂଜା ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଉଛି। ଏହି ଅବସରରେ ମା'ଙ୍କ କଳସ ଯାତ୍ରା ସହ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ମନ୍ତ୍ରପାଠ ଓ ନୀତିକାନ୍ତି ଅନୁଷ୍ଠିତ ହେଉଛି। ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଭକ୍ତମାନେ ମା'ଙ୍କ ନିକଟରେ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ପରିବାରର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରୁଛନ୍ତି। ପାର୍ବଣ ପୂଜାକୁ ନେଇ ମନ୍ଦିର ପରିସରରେ ଧାର୍ମିକ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ବ୍ରାଉନସୁଗର ଜବତ; ଜଣେ ଗିରଫ

ପାରାଦୀପ, ୩।୧୦(ସମିସ): ପାରାଦୀପ ଲକଥାନା ଅଧୀନ କୋଲଡିଆଛକ ନିକଟରୁ ଜଣେ ବ୍ରାଉନ ସୁଗର ବେପାରୀକୁ ଗିରଫ କରିଛି ପୁଲିସ। ତା ନିକଟରୁ ୧୦.୨୨ ଗ୍ରାମର ବ୍ରାଉନ ସୁଗର ଜବତ କରାଯାଇଛି। ଅଭିଯୁକ୍ତ ହେଲା ବିଶ୍ୱାଳି ଗ୍ରାମର ବଲରା ଓରଫ ଚିନ୍ମୟ ବେହେରା। ଥାନା ଆଇଆଇସି ରଶ୍ମି ରଞ୍ଜନ ଦାସଙ୍କ କହିବା ଅନୁସାରେ ପାରାଦୀପ ଅଞ୍ଚଳରୁ ବ୍ରାଉନ ସୁଗରର ଚୋରା ବେପାରକୁ ବନ୍ଦ କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସବୁବେଳେ ନିର୍ଦ୍ଦେଶ ଦେଇ ଆସୁଥିବା ଯୋଗୁଁ, ଏବେ ଏହି ନିର୍ଦ୍ଦେଶ ଉପରେ ଜୋର ଦିଆଯାଇ ପାରାଦୀପ ଅଞ୍ଚଳରୁ କିଭଳି ଏହି ଚୋରା ବ୍ରାଉନ ସୁଗାରର ମୂଳ ଉତ୍ପାଟନ କରାଯାଇ ପାରିବ ତାହା ଉପରେ ନଜର ରଖାଯାଇଛି। କୋଲଡିଆ ଛକ ରେ ରୀତିମତ ବ୍ରାଉନ ସୁଗାର କାରବାର ଚାଲୁଥିବା ନେଇ ସୂଚନା ମିଳିବା ପରେ ପୋଲିସ ର ଏକ ଟିମ ସେଠାରେ ଚଢ଼ଉ କରିଥିଲା।ଏନେଇ ଏକ ମାମଲା ରୁଜୁ କରାଯାଇଛି।ଗିରଫ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଛି।

# ପ୍ରଫୁଲ୍ଲ ପାଠାଗାରରେ ଗାନ୍ଧୀ-ଶାସ୍ତ୍ରୀ ଜୟନ୍ତୀ



ଜଗତସିଂହପୁର, ୩।୧୦(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡ଼ିଶାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସରରେ ଜାତିର ପିତା ମହତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧକ୍ଷ୍ୟତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାର ବରିଷ୍ଠ ଅଧାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ବିଜୟ କୁମାର ପତି, ବଂଶୀଧର ଆଚାର୍ଯ୍ୟ, ବିଭୁତି ଭୂଷଣ ଲେଙ୍କା, ଶଙ୍କର୍ଷଣ ଦାସ, ସତ୍ୟବାଦୀ ଦାସ, ସତ୍ୟବାଦୀ ସାହୁ, ସଞ୍ଜୟ କୁମାର ସମାନ୍ତସିଂହାର, ପ୍ରତାପ କୁମାର ରାଉତରାୟ ଓ ଅଜୟ କୁମାର ପତି ପ୍ରମୁଖ ଯୋଗଦେଇଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ୍ମଦିନରେ ବୃକ୍ଷରୋପଣ କଲେ ସମାଜସେବୀ



ବାଲିକୁଦା, ୩।୧୦(ସମିସ): ଜନ୍ମଦିନ ପାଳନରେ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି ବାଲିକୁଦା ବ୍ଲକ ଥାଇଲ ପଞ୍ଚାୟତ ଜଏଗାଁସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ପରିବେଶବିତ୍ ଡ. କୃଷ୍ଣଚନ୍ଦ୍ର ଶତପଥୀ। ନିଜର ୬୮ତମ ଜନ୍ମଦିନ ଅବସରରେ ୬୮ଟି ଗଛ ରୋପଣ କରିଛନ୍ତି। ଶ୍ରୀକୃଷ୍ଣ ଗୁରୁକୁଳ ବିଦ୍ୟାଳୟ ପରିସରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଡ. ଶତପଥୀଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରୁଷେନ୍ଦ୍ର କୁମାର ସାହୁ, ଅଧାପକ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ, ସୂର୍ଯ୍ୟନନ୍ଦନ ପରିଜା, ଆଇନଜୀବୀ ଡ. ବୀର ନାରାୟଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ଶତପଥୀ, ବିଷ୍ଣୁଚରଣ ବାରିକ, ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ଜେନା, ବିକ୍ରମ ପରିଡ଼ା, ଅମରେଶ୍ୱର ନାୟକ ଓ ସନ୍ତୋଷ କୁମାର ଶତପଥୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା ଓ ଗୁରୁଜୀ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆମ୍ବ ଓ ଗୁଆ ଆଦି ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା।

# କନିଷ୍ଠ ଯନ୍ତ୍ରୀଙ୍କୁ ଧମକ ଅଭିଯୋଗ

ବାଲିକୁଦା, ୩।୧୦(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଥାଇଲ ପଞ୍ଚାୟତରେ ସରକାରୀ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ସମୟରେ ଜଣେ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ବାଲିକୁଦା ବ୍ଲକର ଜେଇ ଭଗତ ହେମ୍ବ୍ରମ୍ ବାଲିକୁଦା ଥାନାକୁ ଜଣାଇ ନିଜର ସୁରକ୍ଷା ପାଇଁ ନିବେଦନ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଥାଇଲ ପଞ୍ଚାୟତରେ ଚାଲିଥିବା ଏବଂ ଆଗକୁ ହେବାକୁ ଥିବା ବିଭିନ୍ନ ସରକାରୀ କାର୍ଯ୍ୟର ତଦାରଖ କରୁଥିବା ସମୟରେ ଜଣେ ବ୍ୟକ୍ତି ଜେଇଙ୍କ ସହ ଯୁକ୍ତିତର୍କ କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କ ସାର୍ଟ ଚିରିଦେବା, ମୋବାଇଲ ଫୋନ ଭାଙ୍ଗିଦେବା ଏବଂ ଭବିଷ୍ୟତରେ ଜୀବନରୁ ମାରିଦେବା ଭଳି ଧମକ ଦିଆଯାଇଥିବା ଜେଇ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାକୁ ନେଇ ଜେଇ ନିଜର ସୁରକ୍ଷା ପ୍ରତି ଆଶଙ୍କା ପ୍ରକାଶ କରିବା ସହ ଘଟଣାର ତଦନ୍ତ କରି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବାକୁ ପୁଲିସକୁ ନିବେଦନ କରିଛନ୍ତି। ତେବେ ଏନେଇ ବାଲିକୁଦା ଥାନାରେ ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି। ଜେଇଙ୍କ ପକ୍ଷରୁ ମୌଖିକ ଭାବେ ଘଟଣା ସମ୍ପର୍କରେ ଜଣାଯାଇଥିବା ବେଳେ ବିଡିଓଙ୍କ ସହ ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ବାରିକ ସୂଚନା ଦେଇଛନ୍ତି। ଘଟଣାର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ।

# ଟ୍ରାନ୍ସଫର୍ମରକୁ ଘୋଡ଼େଇ ଦେଉଛି ଅନାବନା ଲତା



କୁଜଙ୍ଗ, ୩।୧୦(ସମିସ): କୁଜଙ୍ଗ ବ୍ଲକ ଗୋରଡ଼ ପଞ୍ଚାୟତ ମେଡିକାଲ ପଛ ପଟରେ ଥିବା ଟାଟାପାୱାରର ଟ୍ରାନ୍ସଫର୍ମର ଥିବା ସ୍ଥଳୀରେ ତରୁଲତାର କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି। ଉପରେ ୩୩ କେଭି ବିଜୁଳି ତାର ତଳେ ୨୨୦ ଭୋଲ୍ଟ ବିଜୁଳି ତାର ଅନାବନା ଗଛଲତାରେ ପୂରା ଟ୍ରାନ୍ସଫର୍ମରଟି ଛନ୍ଦି ହୋଇରହିଛି। ପ୍ରତିଦିନ ଟାଟା ପାୱାର କର୍ମଚାରୀ ବିଭିନ କାର୍ଯ୍ୟରେ ବୁଲୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଲାଇନ୍ ମ୍ୟାନ ମାନେ ଏହାକୁ ଅଣଦେଖା କରି ଚାଲିଛନ୍ତି। ପ୍ରତିଦିନ ଗୋରଡ଼ ଗ୍ରାମର ଗୋରୁଗାଈ, ଛେଳିମେଣ୍ଢା, ଷଣ୍ଢ ଏହି ସ୍ଥାନରେ ଗଛ ଲଟା ବି ବି ଖାଇବାକୁ ଆସୁଛନ୍ତି। ପାଖରେ ବଡ଼ ପୋଖରୀ ଅଛ। ଯଦି କେତେବେଳେ ଲତା ଲମ୍ବି ବିଜୁଳି ସଂଯୋଗକୁ ଟ୍ରାନ୍ସଫର୍ମରୁ ପୋଖରୀ ପାଣିକୁ ଯୋଡ଼ିଦେବ ତେବେ ବଡ଼ ବିପଦ ସୃଷ୍ଟି ହୋଇ ପାରେ। ତୁରନ୍ତ ଟାଟା ପାୱାର କତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଟ୍ରାନ୍ସଫର ଟିକୁ ବିପଦ ମୁକ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ବିପଜ୍ଜନକ ଅବସ୍ଥାରେ ଟ୍ରାନ୍ସଫର୍ମର

ମଣିଜଙ୍ଗା, ୩।୧୦(ସମିସ): ତିର୍ତୋଲ ବ୍ଲକ ଅନ୍ତର୍ଗତ ପିପ୍ପଳମାଧବ ଗ୍ରାମପଞ୍ଚାୟତର ସିତୋଳ ଗ୍ରାମରେ ବସିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ତାର ଝୁଲି ରହିଛି। ଅନାବନା ଗଛ ଟ୍ରାନ୍ସଫର୍ମ ଉପରେ ମାଡିଗଲାଣି। ସେହି ବନ୍ଧଦେଇ ଗୋରୁଗାଈ ଘାସ ଚରିବାକୁ ଯାତାୟାତ କରୁଛନ୍ତି। କେତେ ବେଳେ କାହା ଜୀବନ ଯିବ କହିହେବନାହିଁ। ଏ ବିଷୟରେ ସିତୋଳ ଖରିପଡ଼ିଆ ଗ୍ରାମବାସୀ ବିଦ୍ୟୁତ ବିଭାଗ ଅଫିସର ଜଣାଇଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବା ପାଇଁ ସିତୋଳ ଖରିପଡ଼ିଆ ଗ୍ରାମର ଜନସାଧାରଣ ଦାବି କରିଛନ୍ତି।

# ସ୍ୱଚ୍ଛତା ପାଇଁ ରାସ୍ତାକୁ ଓହ୍ଲାଇଲେ ଯୁବଶକ୍ତି

ପାରାଦୀପ, ୩।୧୦(ସମିସ): ଗାନ୍ଧୀ ଜୟନ୍ତୀ ଅବସରରେ ମୋ ଗାଁ ମୋ ଦାୟିତ୍ୱ ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି ବିଶ୍ୱାଳିର ଯୁବକ ମାନେ। ହାତରେ ଝାଡୁ ଓ କୋଦାଳ ଧରି ଗାଁକୁ ସ୍ୱଚ୍ଛ ରଖିବାର ବାର୍ତ୍ତା ନେଇ ୩୦ରୁ ଅଧିକ ଯୁବକ ଆଜି ଗାଁର ଅଳିଆ ଆବର୍ଜନାକୁ ସଫା କରିଥିଲେ। ନବଜାଗରଣ ପାଠାଗାରର ପିନାକୀ ଲେଙ୍କାଙ୍କ ନେତୃତ୍ୱରେ ସକାଳ ପ୍ରାୟ ୬ଟାରୁ ଯୁବକମାନେ ଏକାଠି ହୋଇ ବିଦ୍ୟାଳୟ ନିକଟ, ଗାଁ ରାସ୍ତା କଡ ଓ ଗାଁର ବିଭିନ୍ନ ସ୍ଥାନରେ ସଫେଇ କରିବା ସହ ଅଳିଆ ଆବର୍ଜନା ହଟାଇଥିଲେ। ସେହିପରି ସତ୍ୟସାଇ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ନବଜ୍ୟୋତି ୟୁଥ୍ କ୍ଲବ୍ ସମେତ ବିଭିନ୍ନ ସଂଗଠନର ମା', ଯୁବକ ଓ ସମାଜସେବୀମାନେ ମଧ ବିଭିନ୍ନ ରାସ୍ତା, ମନ୍ଦିର, କ୍ଲବ, ପୋଖରୀ ହୁଡ଼ା ସଫା କରିଛନ୍ତି। ତେବେ ବିଶ୍ୱାଳିର ଯୁବକମାନଙ୍କ ଏହି ସାମାଜିକ ପଦକ୍ଷେପ କେବଳ ଗାନ୍ଧୀ ଜୟନ୍ତୀରେ ସୀମିତ ନୁହେଁ। ବର୍ଷସାରା ବୃକ୍ଷରୋପଣ, ପୋଖରୀ ସଫେଇ, ରାସ୍ତାଘାଟ ଓ ବିଦ୍ୟାଳୟ ପରିସର ସଫେଇ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟରେ ସେମାନେ ଯୋଗଦେଇ ଆସୁଛନ୍ତି। ସମାଜସେବୀ ଇଂ. ବିପିନ ବିହାରୀ ପରିଡ଼ା କହିଛନ୍ତି, ନିଜ ଚାରିପାଖକୁ ସଫା ରଖିବା ସହ ଅନ୍ୟମାନଙ୍କୁ ମଧ ସଫା ରଖିବା ନେଇ ସଚେତନ କରିବା ଆବଶ୍ୟକ। ବିଶ୍ୱାଳିର ଯୁବକମାନଙ୍କର ଏଭଳି ପ୍ରୟାସ ଗାଁର ଅନ୍ୟମାନଙ୍କ ପାଇଁ ମଧ ପ୍ରେରଣା ପାଲଟିଛି।

# ଅଧିବକ୍ତା ପରିଷଦର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ଜଗତସିଂହପୁର, ୩।୧୦(ସମିସ): ଅଖିଳ ଭାରତୀୟ ଅଧିବକ୍ତା ପରିଷଦ ଜଗତସିଂହପୁର ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ବାଲିକୁଦା ବ୍ଲକର ଜାଗୁଳାଇ ପୀଠ ନାଗପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପାଦକୀୟ ବିବରଣୀ ପାଠ ପରିଷଦର ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ସାମନ୍ତରାୟ କରିଥିବା ବେଳେ ବରିଷ୍ଠ ଅଧିବକ୍ତା ସାରଦା ପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଏହି ବୈଠକରେ ଅଧିବକ୍ତା ରାଜ୍ୟ ପରିଷଦର ଉପସଭାପତି ସଂଘମିତ୍ରା ରାଜଗୁରୁ, ସଂଘ ଚାଳକ ସୁରେଶ ଚନ୍ଦ୍ର ରାୟ, ବରିଷ୍ଠ ସଂଘ ପ୍ରଚାରକ ଉପେନ୍ଦ୍ର ବିଶ୍ୱାଳ, ମଳୟ ଲେଙ୍କା, ବିଜୟ ଦତ୍ତ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଲିଙ୍ଗରାଜ ମହାନ୍ତି, ପୂର୍ବତନ ସଭାପତି ସୁବାସ ମହାନ୍ତି, ବରିଷ୍ଠ ଓକିଲ ଯୁଧିଷ୍ଠିର ମିଶ୍ର ପ୍ରମୁଖ ଯୋଗଦେଇ ପରିଷଦର ଆଭିମୁଖ୍ୟ ତଥା ନ୍ୟାୟ ପ୍ରଦାନ ଦିଗରେ ଅଧିବକ୍ତା ମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ରଞ୍ଜିତ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜନ ପଣ୍ଡା, ସତ୍ୟ ରଞ୍ଜନ ପଣ୍ଡା, ସତ୍ୟବ୍ରତ ପଣ୍ଡା, ପ୍ରସନ୍ନ ମହାପାତ୍ର, ରାଜେଶ ମହାନ୍ତି, ପ୍ରମିଳା ମହାରାଜ, ହର୍ଷଲତା ବିଶ୍ୱାଳ, ଅଜିତ ନାରାୟଣ ରାଉତରାୟ, ବିବେକାନନ୍ଦ ନାୟକ, କରୁଣାକର ଦାସ, ସଂଘମିତ୍ରା ରାଜଗୁରୁ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ସ୍ୱଚ୍ଛତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ପାରାଦୀପ, ୩।୧୦(ସମିସ): ଗାନ୍ଧୀ ଜୟନ୍ତୀ ଅବସରରେ ଆଦର୍ଶ ପ୍ରୟାସ ପକ୍ଷରୁ ଏକ ସ୍ୱଚ୍ଛତା ଏବଂ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ହସ୍ପିଟାଲ ପରିସରରେ ପଡ଼ିଥିବା ପ୍ଲାଷ୍ଟିକ ଓ ପଲିଥିନ୍ ଏବଂ ଅଳିଆ ଆବର୍ଜନାକୁ ସଫା କରିବା ସହ କିଛି ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିକିତ୍ସାଳୟର ମୁଖ୍ୟ ଅଧିକାରୀ ଡା. ବସନ୍ତ କୁମାର ରାଉତ ଏବଂ ପାରାଦୀପ ମ୍ୟୁନସିପାଲଟିର ଉପାଧକ୍ଷ ଛବିଲତା ରାଉତଙ୍କ ସମେତ ସଂଗଠନର ଅମିୟ ପ୍ରସାଦ ଦାସ, ଦେବକଲ୍ୟାଣ ମହାପାତ୍ର, ଦେବୀପ୍ରସାଦ ସାହୁ, ବିଷ୍ଣୁ ଚରଣ ମୁଦୁଲି, ସନ୍ତୋଷ ପାତ୍ର, ଭଞ୍ଜ କିଶୋର ମଲ୍ଲିକ, ନିହାର ରଞ୍ଜନ ବାରିକ, ରାଜକିଶୋର କାଣ୍ଡି, ଦେବବ୍ରତ ପତି, କବିନ୍ଦ୍ର ସେଠୀ, ନରେନ୍ଦ୍ର ବର୍ମନ, ପ୍ରକାଶ ପ୍ରଧାନ, ଜ୍ଞାନ ରଞ୍ଜନ ମହାନ୍ତି ଓ ସୁରଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଜୟନ୍ତୀ

ପାରାଦୀପ, ୩।୧୦(ସମିସ)



ପାରାଦୀପ ପୌରପାଳିକା ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ସ୍ଥାନୀୟ ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳନ କରାଯାଇଛି। ଏହି ଅବସରରେ ଜାତିର ପିତା ମହାତ୍ମାର ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସହ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଦେଶ ପ୍ରତି ଅବଦାନ ଉପରେ ଆଲୋଚନା କରାଯାଇଥିଲା। ପରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ 'ସ୍ୱଚ୍ଛତା ହିଁ ସେବା'ର ଗୁରୁତ୍ୱ ଉପରେ ଅଭିଭାଷଣ ଦିଆଯାଇଥିଲା। ସହରର ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖୁଥିବା ସ୍ୱଚ୍ଛ ମିତ୍ର, ସ୍ୱଚ୍ଛ ସାଥୀ ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବନ୍ଦରର ଉପାଧକ୍ଷ ଟି. ଭେନୁଗୋପାଳ, ଏଡିଏମ୍ ନିରଞ୍ଜନ ବେହେରା, ପୌରାଧକ୍ଷ ବସନ୍ତ ବିଶ୍ୱାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରିଣୀ ବିବେଚିତା ଷଡ଼ଙ୍ଗୀ, ବିଜୁ ମେମୋରିଆଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବସନ୍ତ ରାଉତ, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ସମାଜସେବୀ ଅମ୍ବିକା ପ୍ରସାଦ ମହାପାତ୍ରଙ୍କ ସମେତ ବହୁ ପାରିଷଦ ଉପସ୍ଥିତ ଥିଲେ। ଶେଷରେ 'ଏକ ପେଡ୍ ମା' କି ନାମ' ଅଭିଯାନରେ ଚାରା ରୋପଣ କରାଯାଇଥିଲା।

ସେହିପରି ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ନଗର ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ଛବିଲତା ରାଉତଙ୍କ ନେତୃତ୍ୱରେ ନୂଆବଜାର ସ୍ଥିତ ସଙ୍ଗଠନ କାର୍ଯ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଏକ ମାସ ଧରି ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଜନସମ୍ପର୍କ ପଦଯାତ୍ରା କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ନଗର ବିଜେଡି ମହିଳା ସଭାନେତ୍ରୀ ତଥା ପୌର ଉପାଧକ୍ଷା ଶ୍ରୀମତୀ ରାଉତଙ୍କ ସମେତ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, କାଉନସିଲର ମନୋଜ ନାୟକ, ଜିଲ୍ଲା ସମ୍ପାଦକ ମାନସ ବିଶ୍ୱାଳ ଓ ସୁଶୀଲ ମହାପାତ୍ର, ଯୁବ ନେତା କେ ରାମବାବୁ, ସମୀର ବିଶ୍ୱାଳ, ଝାଡଶ୍ୱର ମାନ୍ନା, ଅନୁପ ସହାଣୀ, ଲପନ ପରିଡ଼ା, ନରେନ୍ଦ୍ର ରାଉତ, ପ୍ରକାଶ ଲେଙ୍କା, ଦୀପକ ସ୍ୱାଇଁ, ରାଜକିଶୋର ନାୟକ ଓ ଅଶୋକ ସାହୁଙ୍କ ସମେତ ୧୯ଟି ୱାର୍ଡର ବହୁ ଦଳୀୟ ନେତୃବୃନ୍ଦ, କର୍ମୀ ଓ ମୁରବି ଶ୍ରେଣୀୟ ଲୋକମାନେ ସାମିଲ ହୋଇଥିଲେ।

ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ଓ ଇନ୍ଦିରା ଗାନ୍ଧୀ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବଡପଡ଼ିଆ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଉଭୟବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ସହ ଧୂପ ଦୀପ ପ୍ରଦାନ କରାଯାଇ ଥିଲା।ଏହି ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ଟ୍ରଷ୍ଟ ଉପଦେଷ୍ଟା ନିରଞ୍ଜନ ନାୟକ, ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ସରୋଜ ପ୍ରଧାନ, ପଦ୍ମାଭୁତ ମହାନ୍ତି, କୃପାସିନ୍ଧୁ ଦାସ, ଚନ୍ଦ୍ର ଶେଖର ମହାପାତ୍ର, ଧରିତ୍ରୀ ସାମଲ, ପ୍ରେମଲତା ବାରିକ, ସ୍ନେହଲତା ମହାନ୍ତି, ପୁଷ୍ପା ଦାସ ପ୍ରମୁଖ ଯୋଗ ଦେଇଥିଲେ।

## କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର



ଖଜୁରିଆକଟା,୩।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସିରେ ଏକ ଖୋଲା କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ହିନ୍ଦୋଳ ଥାନା ତଥା ହିନ୍ଦୋଳ ଏନଏସି ୱାର୍ଡ ନଂ-୧ ରାଧାନାଥପୁର ଗ୍ରାମର ବେଣୁଧର ନାଏକଙ୍କ ପୁଅ ଜଗନ୍ନାଥ ନାଏକ (୨୮)। ଶୁକ୍ରବାର ରାତିରେ ଜଗନ୍ନାଥ ସାହି ଗଣେଶ ପୂଜା ଭସାଣିରେ ସାମିଲ ହୋଇଥିଲେ। ଭସାଣି ପରେ କିଛି ଯୁବକ ତାଙ୍କୁ ନିକଟସ୍ଥ ରାଇମୁଣ୍ଡା ସାହିରେ ଛାଡ଼ିଦେଇ ଆସିଥିଲେ। ସେଠାରେ ଜଗନ୍ନାଥ ଘରକୁ ନ ଯାଇ ନିକଟରେ ଥିବା ଏକ ଖୋଲା କୂଅ ଚାନ୍ଦିନୀ ଉପରେ ଶୋଇଥିବା କିଛି ଲୋକ କହୁଥିବାବେଳେ ସକାଳେ ତାଙ୍କ ମୃତଦେହ ଉକ୍ତ କୂଅରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୁଲିସ ଓ ଅଗ୍ନିଶମ କର୍ମଚାରୀଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## କନଷ୍ଟେବଲଙ୍କ ମାଡ଼ରେ ୨ ଯୁବକ ଲୁହଲୁହାଣ

ପରଜଙ୍ଗ,୩।୧୦(ସମିସ): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଲଙ୍କ ମାଡ଼ରେ ଦୁଇ ଯୁବକ ଲୁହଲୁହାଣ ହୋଇଛନ୍ତି। ଏ ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ଆଖୁଆପାଳ ପଞ୍ଚାୟତ ୨ ନମ୍ବର କଲୋନୀର ବନିତା ନାଏକଙ୍କ ପୁଅ ରାହୁଲ ନାଏକ ରାଜ୍ୟ ବାହାରେ କାର୍ଯ୍ୟ କରୁଥିଲେ। ତେବେ ସମ୍ପର୍କୀୟଙ୍କ ଏକାଦଶାହରେ ଯୋଗଦେବା ପାଇଁ ଶୁକ୍ରବାର ବସ୍ ଯୋଗେ ଆସି ଏକ ନମ୍ବର କଲୋନୀ ବସଷ୍ଟାଣ୍ଡରେ ଓହ୍ଲାଇଥିଲେ। ପାଖରେ ଥିବା ଦୋକାନରେ ପହଞ୍ଚି ଥଣ୍ଡା ପିଉଥିବା ସମୟରେ ଦଦରାଘାଟି ଫାଣ୍ଡି କନଷ୍ଟେବଲ ରାହୁଲ ଓ ତାଙ୍କ ଭାଇଙ୍କୁ ମାଡ଼ମାରିବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏ ନେଇ ରାହୁଲଙ୍କ ମା ବନିତା ନାଏକ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଥିବା ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ କହିଛନ୍ତି।

## ଧାନବିଲରେ ଘାସମରା ଔଷଧ ପକାଇଦେଲେ ଦୁର୍ବୃତ୍ତ

■ ଏକର ଏକର ଜମିରେ ଧାନ ଫସଲ ନଷ୍ଟ



କାମାକ୍ଷାନଗର,୩।୧୦(ସମିସ): କାମାକ୍ଷାନଗର ଥାନା କାଦବସନ୍ତ ଗ୍ରାମ ଘୁଣ୍ଟୁରିପଶି ଅଞ୍ଚଳରେ କେହି ଦୁର୍ବୃତ୍ତ ଧାନବିଲରେ ଘାସମରା ଔଷଧ ପକାଇଦେଇଛି। ଫଳରେ ଏକର ଏକର ଜମିର ଧାନ ଫସଲ ନଷ୍ଟ ହୋଇଯାଇଛି। ଗ୍ରାମର ପ୍ରାୟ ଆଠରୁ ଦଶଜଣ ଚାଷୀ ପ୍ରାୟ ଛଅ ଏକର ଜମିରେ ଧାନଫସଲ ଚାଷ କରିଥିଲେ। କିନ୍ତୁ ଦୁର୍ବୃତ୍ତ ସେଥିରେ ଘାସମରା ଔଷଧ ପକାଇଦେଇଛନ୍ତି। କରଜ କରି ଧାନଚାଷ କରିଥିବା ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। କେମିତି ଋଣ ପରିଶୋଧ କରିବେ ସେ ନେଇ ଆଶଙ୍କାରେ ଥିବାବେଳେ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

## ରାସ୍ତା ଅବସ୍ଥା ଶୋଚନୀୟ; ମରାମତି ଦାବି



ଢେଙ୍କାନାଳ,୩।୧୦(ସମିସ): ଢେଙ୍କାନାଳ-ବଣସିଂହ ରାସ୍ତା ମରାମତି ସହ ବଣସିଂହ-ଯୋରନ୍ଦା ରାସ୍ତା ମରାମତି ନିମନ୍ତେ ବିକେଏମ୍ୟୁ ଜିଲ୍ଲା ପରିଷଦ ପକ୍ଷରୁ ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ରାସ୍ତାର ଢେଙ୍କାନାଳଠାରୁ ଶିମିଳିଆ, କାଙ୍କଡ଼ପାଳ, ତିଳପଦା, ବରହତା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଖାଲଖମା ହୋଇଥିବାରୁ ଯାତାୟାତରେ ଘୋର ବାଧା ଉପୁଜୁଛି। ସେହିପରି ରଘୁନାଥପୁରଠାରେ ଥିବା ହୁଡ଼ାକୁ ହମ୍ପରେ ପରିଣତ କରିବା ଜରୁରୀ ହୋଇପଡ଼ିଛି। ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେବା ପାଇଁ ରଥ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

### ଦଶହରା ବଳଦ ଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

# ସନ୍ଧ୍ୟା ୭ଟା ସୁଦ୍ଧା ରାବଣପୋଡ଼ି, ଡିଜେ ସମ୍ପୂର୍ଣ୍ଣ ବାରଣ

ଭୁବନ,୩।୧୦(ସମିସ)



ଭୁବନର ଐତିହାସିକ ତଥା ପାରମ୍ପରିକ ଦଶହରା ବଳଦ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନେଇ ଶନିବାର ଏନ୍ଏସି ସଭାଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପ୍ରଶାସନ, ପୁଲିସ, ବିଦ୍ୟୁତ ବିଭାଗ ସମେତ ବିଭିନ୍ନ ବଳଦ ଯାତ୍ରା ଓ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ। ଚଳିତ ଅକ୍ଟୋବର ୧୭ ତାରିଖ ଷଷ୍ଠୀ ପୂଜାଠାରୁ ୨୨ ତାରିଖ ଭସାଣି ଯାତ୍ରା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଯାତ୍ରା ସମୟରେ ଡିଜେ ସାଉଣ୍ଡ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବାବେଳେ ୨୨ ତାରିଖ ସନ୍ଧ୍ୟା ୬ରୁ ୭ଟା ମଧ୍ୟରେ ରାବଣ ପୋଡ଼ି ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ ବିଭାଗ ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିବ। ଏଥିସହ ସହରର ପ୍ରତ୍ୟେକ ବିଦ୍ୟୁତ ଖୁଣ୍ଟରେ ଆବଶ୍ୟକ ଆଲୋକ ବ୍ୟବସ୍ଥା କରିବାକୁ ବିଦ୍ୟୁତ ବିଭାଗକୁ କୁହାଯାଇଛି। ବଳଦ ଯାତ୍ରା ଓ ଦୁର୍ଗାମେଢ଼ ଭସାଣି ପାଇଁ ନୂଆ ରୁଟ୍ ନିର୍ଦ୍ଧାରଣ ହୋଇଛି। ବଡ଼ହାଟଠାରୁ ଗୋଡ଼ି ପୋଖରୀ ଛକ ଦେଇ ବସଷ୍ଟାଣ୍ଡ ଓ ନୂଆବଜାର ଅଭିମୁଖେ ବଳଦ ଓ ଦୁର୍ଗାମେଢ଼ ଯିବ। ୨୩ ତାରିଖ ସକାଳ ୭ଟା ସୁଦ୍ଧା ବଳଦ ଯାତ୍ରା ଓ ଦୁର୍ଗା ଭସାଣି ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ଯାତ୍ରା ପୂର୍ବରୁ ସହରର ସମସ୍ତ ରାସ୍ତା ପ୍ରଶସ୍ତ କରିବା, ଡ୍ରେନ ମରାମତି ସହ ସ୍ଲାବ ପକାଇବା ଏବଂ ଶୌଚାଳୟଗୁଡ଼ିକୁ ଖୋଲା ରଖିବା ସହ ଆବଶ୍ୟକସ୍ଥଳେ ଅସ୍ଥାୟୀ ଶୌଚାଳୟ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ତହସିଲଦାର ଜ୍ୟୋତିରୂପା ଶତପଥୀ, ଏସ୍?ଡିପିଓ ରଜନୀକାନ୍ତ ସାମଲ, ଏନ୍ଏସି ନିର୍ବାହୀ ଅଧିଠକାରୀ ପ୍ରଦତ୍ତ ସାହୁ, ଥାନାଧିକାରୀ ରେଣୁବାଳା ସାହୁ, ବିଦ୍ୟୁତ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ନଳିନୀ ଶଙ୍କର ରଥ, ଦଶହରା ବଳଦ କମିଟି ସଭାପତି ଦିଲ୍ଲୀପ କୁମାର ଦାସ, ମାତୃ ପ୍ରସାଦ ମିଶ୍ର, ବଳଦ ଯାତ୍ରା ସ୍ରଷ୍ଟା " ଥୋରିଆ ସମାଜ

### ବଡ଼ହାଟରୁ ଗୋଡ଼ି ପୋଖରୀ ଛକ ଦେଇ ନୂଆ ରୁଟ୍

" ମୁଖ୍ୟ ବିଶ୍ୱନାଥ ସାହୁ, ସନ୍ଦୀପ ଦାସ, ଧିରେନ ପୃଷ୍ଟି, କୁଞ୍ଜ ବିହାରୀ ଚିନରା, ସମୀର କୁମାର ସାହୁ, ନିରଞ୍ଜନ ଗୁରୁ, ଅଜୟ କୁମାର ସେଠୀ, ଶ୍ରୀଧର ବେହେରା ଅଚ୍ୟୁତ ମଲ୍ଲିକ ଲକ୍ଷ୍ମୀଧର ମହାରଣା ଖଗେଶ୍ୱର ନାୟକ। କାଉନସିଲର ନରେନ୍ଦ୍ର କୁମାର ବେହେରା, ପପୁ କୁମାର ସାହୁ, ସୁଶାନ୍ତ ନାୟକ, ନୂଆ ବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟିଙ୍କ ସମେତ ସମସ୍ତ ବଳଦିଆ କମିଟି ଓ ଦୁର୍ଗାପୂଜା କମିଟି ସଦସ୍ୟ ଯୋଗଦେଇ ବଳଦ ଯାତ୍ରା, ରାବଣ ପୋଡ଼ି ଓ ଦୁର୍ଗା ମେଢ଼ ଭସାଣି ଯାତ୍ରାକୁ ଅତ୍ୟନ୍ତ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଶେଷ କରିବା ସହିତ ଡି ଜେ ସାଉଣ୍ଡ ବନ୍ଦ କରିବାକୁ ଆଲୋଚନା କରିଥିଲେ।

## ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ଉତ୍ସବ



ଢେଙ୍କାନାଳ,୩।୧୦(ସମିସ): ସୁସ୍ଥ ଶିଶୁ, ସୁସ୍ଥ ପରିବାର ଓ ସୁସ୍ଥ ସମାଜ ଗଠନ ଲକ୍ଷ୍ୟ ନେଇ ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହେଉଛି। ଜିଲ୍ଲା ପରିଷଦ ହଲ୍‌ରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ଯୋଗଦେଇ ଶିଶୁ ଓ ମହିଳାଙ୍କ ଶରୀର ସୁସ୍ଥ ରହିଲେ, ସମାଜର ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି କହିଥିଲେ। ନିୟମିତ ଭାବେ ଶିଶୁର ଓଜନ ପରୀକ୍ଷା କରିବା ସହ ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନ ଦେଇ ଅଙ୍ଗନବାଡ଼ି କେନ୍ଦ୍ରର ରକ୍ଷଣାବେକ୍ଷଣ ପ୍ରତି ସଜାଗ ରହିବା ଉଚିତ ବୋଲି ସେ କହିଥିଲେ। ନବଜାତ ଶିଶୁର ଆବଶ୍ୟକ ଯତ୍ନ ନେବା ସହ ସେମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ୬ ମାସ ପର୍ଯ୍ୟନ୍ତ କେବଳ ମା' ଖିର ପିଆଇବା ପରେ ପୋଷକ ତତ୍ତ୍ୱପୂର୍ଣ୍ଣ ବିଭିନ୍ନ ସନ୍ତୁଳିତ ଖାଦ୍ୟ ଖୁଆଇବା ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳମଣି ଦିଲୀପ ଚାନ୍ଦ ବେହେରା କହିଥିଲେ। ଯେ କୌଣସି ବ୍ୟକ୍ତି ଲିଙ୍ଗ ନିରୂପଣ ହେଉଥିବା ସୂଚନା ପ୍ରଦାନ କଲେ ତାଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବା ସହ ୨୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରୁକ୍ମଣୀ ସାହୁ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶିଶୁ ଓ ମହିଳାଙ୍କ ଯତ୍ନ ଓ ସୁରକ୍ଷା ସମ୍ପର୍କିତ ଶପଥପାଠ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ବିଦ୍ୟୁତ୍ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନନ୍ତ ଦେହୁରୀ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ପଙ୍କଜିନୀ କର, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ସିଡିପିଓ, ସୁପରଭାଇଜର୍, ଅଙ୍ଗନବାଡ଼ି କର୍ମୀ ଯୋଗଦେଇଥିଲେ। ସିନିୟର ଆସିଷ୍ଟାଣ୍ଟ ଦେବଦର୍ଶିନୀ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ କର ଧନ୍ୟବାଦ ଅର୍ପଣ କରିଥିଲେ।

## କୂଅରୁ ହାତୀ ସ୍କ୍ୱାଡ୍‌ଙ୍କ ମୃତଦେହ ଉଦ୍ଧାର



■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

■ କ୍ଷତିପୂରଣ ଦାବିରେ ଡିଏଫ୍‌ଓ କାର୍ଯ୍ୟାଳୟ ଘେରାଉ

ଢେଙ୍କାନାଳ,୩।୧୦(ସମିସ): ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜରେ ହାତୀ ସ୍କ୍ୱାଡ୍ ଭାବେ କାର୍ଯ୍ୟ କରୁଥିବା ନିହାଲପ୍ରସାଦ ଥାନା ପିଙ୍ଗୁଆ ଗ୍ରାମର ରତ୍ନାକର ସାହୁଙ୍କ ପୁଅ ଚଗଲୀ ସାହୁଙ୍କ ମୃତଦେହ ବାଇପାସରେ ଥିବା ଶିବ ମନ୍ଦିର କୂଅରୁ ଉଦ୍ଧାର କରାଯାଇଛି। ତେବେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ଚଗଲୀଙ୍କ ଭଉଣୀ ପିପିଲି ସାହୁଙ୍କ ଅଭିଯୋଗ ଅନୁସାରେ ଚଗଲୀ ଭାପୁର ସେକ୍ସନରେ ହାତୀ ସ୍କ୍ୱାଡ୍ ଭାବେ କାର୍ଯ୍ୟ କରୁଥିଲେ। ସେଠାରୁ ତାଙ୍କୁ ସଦର ରେଞ୍ଜକୁ ବଦଳି କରାଯାଇଥିଲା। ଚଗଲୀ ଘରକୁ ଆସିବା ପରେ ସଦର ରେଞ୍ଜରେ ଯୋଗଦେବା ସହ ସନ୍ଧ୍ୟାରେ ହାତୀ ଘଉଡ଼ାଇବା ପାଇଁ ଡ୍ୟୁଟିରେ ଯାଇଥିଲେ। ସେଠାରୁ ଫେରିବା ପରେ ଆଉ ତାଙ୍କ ପତ୍ତା ମିଳି ନ ଥିଲା। ଶନିବାର ଢେଙ୍କାନାଳ ବାଇପାସରେ ଥିବା ଶିବ ମନ୍ଦିର କୂଅରୁ ଚଗଲୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପିପିଲିଙ୍କ ଅଭିଯୋଗ ଅନୁସାରେ ରେଞ୍ଜର ତାଙ୍କୁ ନିର୍ଯାତନା ଦେଉଥିବା ଚଗଲୀ ପରିବାର ଲୋକଙ୍କୁ କହିଥିଲେ। ଚଗଲୀଙ୍କ ନାକରୁ ରକ୍ତ ବାହାରୁଥିବା ବେଳେ ଦୁଇ ହାତରୁ ଚୋପା ଛାଡ଼ି ଯାଇଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି। ଅନ୍ୟପଟେ ପରିବାର ସଦସ୍ୟ ଓ ଗ୍ରାମବାସୀ ଚଗଲିର ଶବ ଆଣି ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ଷତିପୂରଣ ଦାବିରେ ଧାରଣାରେ ବସିରହିଛନ୍ତି।

### ପୋଡ଼ିଯାଇଛି ବସୁଧା ଜଳପ୍ରକଳ୍ପ ଟ୍ରାନ୍ସଫର୍ମର

## ୨୫ ଦିନ ହେଲା ପାଣିପାଇଁ ହନ୍ତସନ୍ତ ଏକତାଳି ବାସିନ୍ଦା



କାମାକ୍ଷାନଗର,୩।୧୦(ସମିସ): ୨୫ ଦିନ ହେଲାଣି ପୋଡ଼ିଯାଇଛି ବସୁଧା ଜଳପ୍ରକଳ୍ପ ଟ୍ରାନ୍ସଫର୍ମର। ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି କାମାକ୍ଷାନଗର ବ୍ଲକ ଏକତାଳି ଗ୍ରାମ ବାସିନ୍ଦା। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପ୍ରତିକାର ବ୍ୟବସ୍ଥା ହୋଇ ନ ଥିବାରୁ ଶନିବାର ଗ୍ରାମବାସୀ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ତୁରନ୍ତ ସମସ୍ୟା ସମାଧାନ ନିମନ୍ତେ ଗ୍ରାମର ମହିଳାମାନେ ଦାବି କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ତେବେ ଦୁଇଦିନ ମଧ୍ୟରେ ସମସ୍ୟା ସମାଧାନ ହେବ ବୋଲି ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି।

## ରଥଗଡ଼ାରେ ପୌରସଂସ୍ଥା ପକ୍ଷରୁ ଜବରଦଖଲ ଉଚ୍ଛେଦ

● ଗୋଟି ଗୋଟି କରି ସବୁ ଭାଙ୍ଗିବୁ: ଅଧିକାରୀ

ଢେଙ୍କାନାଳ,୩।୧୦(ସମିସ): ଢେଙ୍କାନାଳ ପୌରସଂସ୍ଥା ତରଫରୁ ଜବରଦଖଲ ଉଚ୍ଛେଦ ଜାରି ରହିଛି। ରଥଗଡ଼ାଠାରେ ସରକାରୀ ଜମି ଜବରଦଖଲ କରି ଗଢ଼ିଉଠିଥିବା ଦୋକାନଗୁଡ଼ିକୁ ଶନିବାର ଉଚ୍ଛେଦ କରାଯାଇଛି। ଏହି ଦୋକାନୀମାନେ ବେଆଇନ ଭାବେ ଦୀର୍ଘ ୪୦ବର୍ଷ ଧରି ଦୋକାନ ଘରି କରି ବ୍ୟବସାୟ କରି ଆସୁଥିଲେ। ବାରମ୍ବାର ନୋଟିସ ପରେ ବି ସେମାନେ କର୍ଣ୍ଣପାତ କରୁ ନ ଥିଲେ। ପୌର ପ୍ରଶାସନ ତରଫରୁ ଆଜି ନିର୍ବାହୀ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ସହ ବିଭିନ୍ନ ଅଧିକାରୀ, ପୁଲିସ ଉପସ୍ଥିତିରେ ଜେସିବି ସାହାଯ୍ୟରେ ଉଚ୍ଛେଦ କରାଯାଇଛି। ଏହି ଦୋକାନଗୁଡ଼ିକ ଦେବୋତ୍ତର ବିଭାଗ ଜମିରେ ହୋଇଥିଲା। ଅନ୍ୟପଟେ ଯେଉଁମାନେ ସରକାରୀ ଜମିରେ ଘର କରିଛନ୍ତି ଗୋଟି ଗୋଟି କରି ସବୁ ଭଙ୍ଗାଯିବ ବୋଲି ପୌରନିର୍ବାହୀ ଅଧିକାରୀ କହିଛନ୍ତି। ସେଠାରେ ଥିବା ଘରଗୁଡ଼ିକ ମଧ୍ୟ ଭଙ୍ଗାଯିବ ବୋଲି ସୂଚନା ଦେଇଛନ୍ତି।

## ଶିଶୁ ଶ୍ରମିକମୁକ୍ତ ପଞ୍ଚାୟତ ଗଠନ ପାଇଁ ସଚେତନତା

ଢେଙ୍କାନାଳ,୩।୧୦(ସମିସ): ଗାନ୍ଧୀ ଜୟନ୍ତୀ ଅବସରରେ ଢେଙ୍କାନାଳ ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ପ୍ରଶାସନ, ଶିଶୁ ସୁରକ୍ଷା ୟୁନିଟ୍ ଏବଂ ପଞ୍ଚାୟତରାଜ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ଗ୍ରାମପଂଚାୟତକୁ ଶିଶୁଶ୍ରମିକ ମୁକ୍ତ କରିବା ପାଇଁ ଏକ ୪୪ ଦିନିଆ ବିଶେଷ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏହି ଅଭିଯାନ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇ ନଭେମ୍ବର ୧୪ ଶିଶୁ ଦିବସ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ୍ ଓ ଗ୍ରାମପଂଚାୟତ ସ୍ତରରେ ନିରନ୍ତର ଭାବେ ଚାଲୁରହିବ। ଏହି ପରିପ୍ରେକ୍ଷୀରେ, ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର, ନାଡିଆଳି ଏବଂ ଭାପୁର ଗ୍ରାମପଂଚାୟତ, ପରଜଙ୍ଗ ବ୍ଲକ ଅନ୍ତର୍ଗତ କୁଆଲୋ, କାଲାଡା, ପିଟିରି ଗ୍ରାମପଞ୍ଚାୟତ, କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ବାଇସିଙ୍ଗା, କାନପୁରା ଗ୍ରାମପଂଚାୟତ, ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଓଡ଼ାପଡ଼ା, ବାଙ୍ଗୁରସିଙ୍ଘା, ବଳରାମପ୍ରସାଦ ଗ୍ରାମପଞ୍ଚାୟତ ଏବଂ ଗନ୍ଦିଆ ବ୍ଲକ ଅନ୍ତର୍ଗତ ଦେଓଗାଁ, ବିଧାରପୁର ସନ୍ଥାପୁର ବିଭିନ୍ନ ଗ୍ରାମପଞ୍ଚାୟତକୁ ସମ୍ପୂର୍ଣ୍ଣ ଭାବେ ଶିଶୁଶ୍ରମିକ ମୁକ୍ତ ଅଂଚଳ ଭାବେ ଗଢ଼ିତୋଳିବା, ସ୍କୁଲ୍ ଛାଡ଼ିଥିବା କିମ୍ବା କାର୍ଯ୍ୟରେ ନିୟୋଜିତ ଥିବା ଶିଶୁମାନଙ୍କୁ ଚିହ୍ନଟ କରି ପୁନର୍ବାର ବିଦ୍ୟାଳୟରେ ନାମଲେଖାଇବା ଏବଂ ଏହି ପ୍ରଥାର ଅବସାନ ଘଟାଇବା ପାଇଁ ଗ୍ରାମସଭାରେ ଏକ ସଂକଳ୍ପ ନିଆଯିବା ସହିତ ଶପଥ ଗ୍ରହଣ କରାଯାଇଛି। ଏହା ସହିତ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଶିଶୁ ଶ୍ରମିକ ପ୍ରଥା ବିଲୋପ ଦିଗରେ ସାମୂହିକ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଇଛି।



## ୧.୨୦ କୋଟି ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ଦରଖାସ୍ତ



ଢେଙ୍କାନାଳ,୩।୧୦(ସମିସ): ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକାମାନଙ୍କ ପାରିଶ୍ରମିକ ବାବଦ ୧ କୋଟି ୨୦ ଲକ୍ଷ ଟଙ୍କା ଯୋଗାଇଦେବା ପାଇଁ ଜିଲ୍ଲା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏପ୍ରିଲ ମାସ ପରଠାରୁ ପାଚିକାମାନଙ୍କ ମାସିକ ପାରିଶ୍ରମିକ ଏ ପର୍ଯ୍ୟନ୍ତ ମିଳିନାହିଁ। ମେ ଓ ଜୁନ୍ ୨ ମାସ ଛୁଟି ଥିବାରୁ ତାହାକୁ ମଧ୍ୟ ଦିଆଯାଇନାହିଁ। ଏହା ମଧ୍ୟରେ ୩ମାସ ବିତିଗଲାଣି କିନ୍ତୁ ପାରିଶ୍ରମିକ ମିଳିନାହିଁ। ଏହା ଉପରେ ପୂର୍ବରୁ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ଖବର ପ୍ରକାଶିତ ପରେ କେନ୍ଦ୍ର ସରକାର ୨ମାସ ପାଇଁ ୨ହଜାର ଟଙ୍କା ଦେଇଛନ୍ତି, କିନ୍ତୁ ରାଜ୍ୟ ସରକାର ୨ ମାସ ପାଇଁ ୪ ହଜାର ଟଙ୍କା ଦେଉନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ମାସିକ ୩ ହଜାର ଟଙ୍କାରେ ଗୋଟିଏ ପାଚିକା ପରିବାର ୫ମାସ ହେବ ପାରିଶ୍ରମିକ ନ ପାଇ କିପରି ଚଳୁଥିବ ତାହା ଅନୁମେୟ। ତେଣୁ ଜିଲ୍ଲା ପାଣ୍ଠିରୁ ଟଙ୍କା ଯୋଗାଇ ଦେଇ ଏହାର ସମାଧାନ କରିବାକୁ ସଂଘ ପକ୍ଷରୁ ସଭାପତି ରବି ରଥ, ସଦସ୍ୟା ଭାରତୀ ଦାସ, ଶାନ୍ତିପ୍ରିୟ ସାହୁ, ସୁଭାଷିନୀ ବେହେରା, ରଶ୍ମିତା ଦେହୁରୀ ପ୍ରମୁଖ ଅଭିଯୋଗ କରିଛନ୍ତି।

## ବିବି ହାଇସ୍କୁଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ଢେଙ୍କାନାଳ,୩।୧୦(ସମିସ): ସ୍ଥାନୀୟ ପିଏମଶ୍ରୀ ବିବି ହାଇସ୍କୁଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଳେଇଙ୍କ ମାର୍ଗଦର୍ଶନ ତଥା ସହକାରୀ ଶିକ୍ଷୟିତ୍ରୀ ସୁନୀତାବାଳା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ଆଲୁମ୍‌ନି ପ୍ରତିନିଧି ସଦସ୍ୟ ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀ ଜୀବନରେ ସବୁକ୍ଷେତ୍ରରେ ସଫଳତା ହାସଲ କରିବା ପାଇଁ ମହାତ୍ମା ଗାନ୍ଧୀ ଓ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବହୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସ୍ୱାଗତିକା ସ୍ୱାଇଁ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ସାଂସଦ ରୁଦ୍ର ନାରାୟଣ ପାଣିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ନଭେମ୍ବର ୨୨ରୁ କପିଳାସ ମହୋତ୍ସବ ଓ ପର୍ବତାରୋହଣ

ଢେଙ୍କାନାଳ,୩।୧୦(ସମିସ)



ସ୍ଥାନୀୟ ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ମାଇକ୍ରୋମିଡିଆ ଆୱାରନେସ ପକ୍ଷରୁ କପିଳାସ ମହୋତ୍ସବ ତଥା "ଅନୁଷ୍ଠାନର ୨୪ତମ ବାର୍ଷିକ ଉତ୍ସବ ଏବଂ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ପ୍ରତିଭା ଚୟନ ଆୟୋଜନ ନିମନ୍ତେ ମହାବୀର ବଜାରସ୍ଥିତ ମମତା ମଣ୍ଡପରେ ଅନୁଷ୍ଠାନର ଉପଦେଷ୍ଟା ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ଚଳିତ ବର୍ଷ ନଭେମ୍ବର ୨୨ ତାରିଖ କପିଳାସ ପୀଠରେ ଢେଙ୍କାନାଳର ଗୌରବ ମହିଳା ଏଭେରେଷ୍ଟ ଆରୋହୀ କଳ୍ପନା ଦାସଙ୍କ ସ୍ମୃତିରେ ପର୍ବତାରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୨୪ ତାରିଖ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରସିଦ୍ଧ ଶୈବପୀଠ ଚନ୍ଦ୍ରଶେଖରଜୀଉ ମନ୍ଦିର ପ୍ରାଙ୍ଗଣରେ ଭଜନ କାର୍ଯ୍ୟକ୍ରମ, ୨୫ ତାରିଖ ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତଭଣ୍ଡାରରେ ରକ୍ତଦାନ ଶିବିର, ୨୬ ତାରିଖ ମହିଷାପାଟସ୍ଥିତ ଅନନ୍ତ ନଗରରେ ଚାରାରୋପଣ ଏବଂ ୨୭ ଓ ୨୮ ତାରିଖ ପୁରୁଣା ଜିଲ୍ଲା ପରିଷଦ ହଲ୍‌ରେ ବିଭିନ୍ନ ପ୍ରତିଯୋଗିତା, ପୁରସ୍କାର ବିତରଣ, କବିତା ଆସର, ସ୍ମରଣିକା ଉନ୍ମୋଚନ ଓ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନୁଷ୍ଠାନର ସଭାପତି ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଚଳିତ ବର୍ଷ ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ଆୟୋଜନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକାରୀ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ସକାଳ
THE SAKALA



## ସାନ୍ତାଳୀ ଭାଷାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାନ୍ତାଳୀ ବିଶେଷଜ୍ଞ କମିଟି

# ସାନ୍ତାଳୀ ଭାଷାକୁ ଅଲ୍‌ଚିକି ଲିପିରେ ସଂଖ୍ୟାଲଘୁ ଭାଷାର ମାନ୍ୟତା ଦାବି

ଭୁବନେଶ୍ୱର,୩।୧୦(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶନିବାର ତାଙ୍କ ସରକାରୀ ବାସଭବନରେ ସାନ୍ତାଳୀ ଭାଷା ବିଶେଷଜ୍ଞ କମିଟିର ସଦସ୍ୟ ଓ ବିଭିନ୍ନ ସଂଗଠନର ସଂଯୋଜକମାନେ ସାକ୍ଷାତ କରିଛନ୍ତି। ଏହି ଅବସରରେ ସାନ୍ତାଳୀ



- ଏନ୍‌ଇପି-୨୦୨୦ ଲାଗୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା
- ଜନଜାତି ଭାଷା ଓ ସାହିତ୍ୟର ସଂରକ୍ଷଣ ପାଇଁ ସରକାର ପ୍ରତିବଦ୍ଧ: ମୁଖ୍ୟମନ୍ତ୍ରୀ

ଭାଷାର ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ବ୍ୟାପକ ଆଲୋଚନା ହୋଇଛି। ସାନ୍ତାଳୀ ଭାଷାକୁ ଅଲଚିକି ଲିପି ମାଧ୍ୟମରେ ସଂଖ୍ୟାଲଘୁ ଭାଷାର ମାନ୍ୟତା ଏବଂ ଶୈକ୍ଷିକ ସୁବିଧା ପ୍ରଦାନ ପାଇଁ ପ୍ରତିନିଧିମଣ୍ଡଳ ସ୍ମାରକପତ୍ର ପ୍ରଦାନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରତ୍ୟେକଟି ଦାବିକୁ ଅତ୍ୟନ୍ତ ଗମ୍ଭୀରତା ଓ ସହାନୁଭୂତିର ସହ ଶୁଣିଛନ୍ତି।

ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଆମ ଦେଶର ସର୍ବୋଚ୍ଚ ପଦବୀ ଅର୍ଥାତ୍ ରାଷ୍ଟ୍ରପତି ଆସନରେ ଜଣେ ସାନ୍ତାଳୀ ନାରୀ ଦ୍ରୌପଦୀ ମୁର୍ମୁ ଅଲଙ୍କୃତ ହୋଇଛନ୍ତି, ଯାହାକି ସମଗ୍ର ସାନ୍ତାଳୀ ସମାଜ ସମେତ ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଏହାଦ୍ୱାରା ସାନ୍ତାଳୀ ଭାଷା, ସଂସ୍କୃତି ଓ ଜନଜାତିର ପରିଚୟ ଆଜି ବିଶ୍ୱସ୍ତରରେ ଅଧିକ ପ୍ରଭାବଶାଳୀ ଏବଂ ଗରିମାମୟ ହୋଇଛି। ସାନ୍ତାଳୀ ଭାଷାକୁ ଏନଇପି-୨୦୨୦ର ତ୍ରିଭାଷୀ ସୂତ୍ର ଅନ୍ତର୍ଗତ ୧ମରୁ ୧୦ମ ଶ୍ରେଣୀ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ଏମଆଇଏଲ ତଥା ଇଲେକ୍ଟିଭ୍ ଭାବେ ପ୍ରଚଳନ କରିବା, ଶିକ୍ଷକ ନିଯୁକ୍ତି ଏବଂ ବାରିପଦା, ବାଲେଶ୍ୱର ଓ ଆନନ୍ଦପୁରର ଶିକ୍ଷକଶିକ୍ଷା ମହାବିଦ୍ୟାଳୟରେ ବି.ଇଡି. ପାଇଁ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା ନେଇ ରହିଥିବା ଦାବିଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇ କହିଥିଲେ ଯେ ରାଜ୍ୟ ସରକାର ଜନଜାତି ଭାଷା ଓ ସାହିତ୍ୟର ସଂରକ୍ଷଣ ପାଇଁ ସର୍ବଦା ପ୍ରତିବଦ୍ଧ। ବିଶେଷଜ୍ଞ କମିଟିର ସୁପାରିଶ ଏବଂ ସାନ୍ତାଳୀ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସମସ୍ତ ଯଥୋଚିତ ତଥା ସକାରାତ୍ମକ ପଦକ୍ଷେପ ଖୁବଶୀଘ୍ର ଗ୍ରହଣ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକରେ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ସଂଯୋଜକ ଚୈତନ୍ୟ ମାଝୀ, ପୂର୍ବତନ ବୈଶିଙ୍ଗା ବିଧାୟକ କାନ୍ଦ୍ରା ସୋରେନ, ପୂର୍ବତନ ଆଇଏଏସ ଧନଞ୍ଜୟ ହେମ୍ବ୍ରମ, ଡଃ ନାକୁ ହାଁସଦା, ପୂର୍ବତନ ଆଇଆରଏସ ଉଦୟନାଥ ମାଝୀ ଓ ସୋମନାଥ ହାଁସଦାଙ୍କ ସମେତ ଅନେକ ସାନ୍ତାଳୀ ଭାଷା ବିଶେଷଜ୍ଞ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଆଲୋଚନା କରିଥିଲେ।

# ସୁବର୍ଣ୍ଣରେଖାରେ ବୁଡ଼ି ଦୁଇ ନାବାଳକଙ୍କ ସମେତ ୩ ମୃତ

ଜଳେଶ୍ୱର/ରାଜଘାଟ, ୩।୧୦ (ସମିସ): ସୁବର୍ଣ୍ଣରେଖା ନଦୀରେ ବୁଡ଼ି ଆଜି ୩ଜଣଙ୍କ ଜୀବନ ଯାଇଛି। ଜଳେଶ୍ୱର ଥାନା ଅଞ୍ଚଳରେ ଦୁଇ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ବସ୍ତା ଥାନା ଅଞ୍ଚଳରେ ନଦୀରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି।

ଜଳେଶ୍ୱର ଥାନା ଝାଡେଶ୍ୱରପୁର ଗ୍ରାମର ସାମସୁଦ୍ଦିନ ସାହାଙ୍କ ପୁଅ ସାମସେର ସାହା (୧୫), ଏବଂ ଜାଭେଦା ବିବିଙ୍କ ପୁଅ ଜିସାନ (୧୦) ସୁବର୍ଣ୍ଣରେଖା ନଦୀର ରାଜପୁର ନିକଟସ୍ଥ ସାହାଳାମାଳ ନିକଟ ନଦୀଘାଟକୁ ୫ଜଣ ସାଙ୍ଗଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ନଦୀ ସ୍ରୋତରେ ଉପରୋକ୍ତ ଦୁଇ ନାବାଳକ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଅନ୍ୟ ନାବାଳକମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦୀର୍ଘ ୩ ଘଣ୍ଟା ଖୋଜାଖୋଜି ପରେ ଅଗ୍ନିଶମ ବିଭାଗର ଓଡ୍ରାଫ ଟିମ ୨ଜଣ ନାବାଳକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ନାବାଳକ ମାନଙ୍କୁ ସ୍ଥାନୀୟ ଜି. କେ. ଭଞ୍ଜର ହସପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ବେଣାପୁରା ବାରୁଣୀ ଘାଟରେ ଦୁଃଖଦ ଘଟଣା ଘଟିଛି। ନଦୀରେ ଗାଧୋଇବା ସମୟରେ ବୁଡି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉତ୍ତର ପ୍ରଦେଶର ନୟନପାରା ଅଞ୍ଚଳର ଅଶୋକ କୁମାର ପାଠକ(୪୮)। ଅଶୋକ ତୀର୍ଥ କରିବା ପାଇଁ ପରିବାର ସହ ବସ୍ ଯୋଗେ ପୁରୀ ଅଭିମୁଖେ ଯାଉଥିଲେ। ରାସ୍ତାରେ ଶୌଚ ସ୍ନାନ ହେବା ପାଇଁ ଉକ୍ତ ନଦୀ ଘାଟରେ ଅଟକି ଥିଲେ। ଆଜି ସକାଳ ପ୍ରାୟ ୮ଟା ସମୟରେ ଅଶୋକ ନଦୀରେ ଗାଧୋଉଥିବା ବେଳେ ହଠାତ୍ ଗଭୀର ପାଣିକୁ ଚାଲିଯାଇ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ବସ୍ତା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବସ୍ତା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଦୁଇ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଅଶୋକଙ୍କ ମୃତଦେହ ଉଦ୍ଧାର କରିଥିଲେ। ବସ୍ତା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟଣା

# ପ୍ରଶାସନକୁ ଏନ୍‌ଏଚ୍‌ଆର୍‌ସିର ରିପୋର୍ଟ ତଲବ

ପାରଳାଖେମୁଣ୍ଡି, ୩।୧୦ (ସମିସ) : ଜାତୀୟ ମାନବାଧିକାର କମିଶନ ପାରଳାଖେମୁଣ୍ଡି ଉପକାରାଗାରରେ ଥିବା ୨୮ ବର୍ଷୀୟ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟଣାରେ ଗଜପତି ଜିଲ୍ଲା ପ୍ରଶାସନ ଏବଂ ଜେଲ କର୍ତ୍ତୃପକ୍ଷଙ୍କଠାରୁ ଏକ ବିସ୍ତୃତ ରିପୋର୍ଟ ମାଗିଥିବାର ଜଣାପଡିଛି । ସୂଚନା ପ୍ରକାରେ ଏହି ଉପକାରାଗାରରେ ୨୦୨୬ ସେପ୍ଟମ୍ବର ୫ ତାରିଖ ଦିନ ରୁନା ବଡରଇତଙ୍କ ଆକସ୍ମିକ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ଜୟପୁରର ମାନବାଧିକାର କର୍ମୀ ଅନୁପ କୁମାର ପାତ୍ରଙ୍କ ଅଭିଯୋଗ ପରେ କମିଶନ ଏହି ଘଟଣାର ତଦନ୍ତ କରିଥିଲେ ଯେ ୨୦୨୬ ମସିହା ଜୁଲାଇ ୭ ତାରିଖ ଠାରୁ ଜେଲରେ ବନ୍ଦୀ ଥିବା ରୁନା ବଡରଇତଙ୍କ ପେଟରେ ଯନ୍ତ୍ରଣା ଯୋଗୁଁ ୫ ସେପ୍ଟମ୍ବର ୨୦୨୬ରେ ମୃତ୍ୟୁ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ରୁନା ବାରମ୍ବାର ଅସୁସ୍ଥତା ଅଭିଯୋଗ କରିଥିଲେ କିନ୍ତୁ କେବଳ ଜେଲ ଫାର୍ମାସିଷ୍ଟଙ୍କ ଦ୍ୱାରା ତାଙ୍କୁ ଚିକିତ୍ସା କରାଯାଇଥିଲା ଏବଂ ସମୟ ମଧ୍ୟରେ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ନଥିଲା। ଏନଏଚଆରସି ଏହା ମଧ୍ୟ ଉଲ୍ଲେଖ କରିଛି ଯେ ପାରଳାଖେମୁଣ୍ଡି ଉପକାରାଗାରର ଅଧୀକ୍ଷକଙ୍କ ଠାରୁ ମୃତ୍ୟୁ ବିଷୟରେ ସୂଚନା ପାଇଥିଲା। ଅଭିଯୋଗ ଏବଂ ସୂଚନା ସେପ୍ଟେମ୍ବର ୨୫ ତାରିଖରେ କମିଶନଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥିଲା। ସେମାନଙ୍କ ବିଚାର ପରେ, କମିଶନ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଏସପି ଏବଂ ଜେଲ୍ ଅଧୀକ୍ଷକଙ୍କୁ ତିନି ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିସନ ଏନଏଚଆରସି ଦ୍ୱାରା ନିର୍ଦ୍ଧାରିତ ଫର୍ମାଟରେ ମୃତକଙ୍କ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଏବଂ ସମ୍ପୂର୍ଣ୍ଣ ଚିକିତ୍ସା ରେକର୍ଡ ବ୍ୟତୀତ ମୃତ୍ୟୁର ସମସ୍ତ ଦିଗକୁ ନେଇ ଏକ ବିସ୍ତୃତ ରିପୋର୍ଟ ମାଗିଥିବାର ଜଣାଯାଇଛି ।

# ନିର୍ମାଣ ହେବ ପତିତପାବନ ଭକ୍ତ ନିବାସ

ପୁରୀ,୩।୧୦(ସମିସ): ତୀର୍ଥଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀଳାଦ୍ରି, ନୀଳାଚଳ, ଶ୍ରୀଗୁଣ୍ଡିଚା ଏବଂ ପୁରୁଷୋତ୍ତମ ଭକ୍ତ ନିବାସ ପରେ ପୁରୀରେ ନିର୍ମାଣ ହେବାକୁ ଯାଉଛି ଆଉ ଏକ ନୂତନ ଭକ୍ତ ନିବାସ। ଏ ନେଇ ଗତମାସ ୨୬ ତାରିଖ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସବିଶେଷ ଆଲୋଚନା କରାଯିବା ସହ ପ୍ରସ୍ତାବ ଦିଆଯାଇଛି। ଇତିମଧ୍ୟରେ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସର ପଶ୍ଚାତ୍ ଭାଗ ଜମିର ଉନ୍ନତୀକରଣ କରାଯାଇଛି ଏବଂ ଉକ୍ତ ଜମିରେ ପୂର୍ବରୁ ପ୍ରସ୍ତାବିତ ନୂତନ ଭକ୍ତ ନିବାସ ନିର୍ମାଣ କରାଯିବ। ଏଥିପାଇଁ ଅବଢ଼ା ଯୋଜନାରୁ ପାଣ୍ଠି ଯୋଗାଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲିଖିତ ପତ୍ର ପଠାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ତଳ ମହଲାରେ ସେବକମାନଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ (କଲ୍ୟାଣ ମଣ୍ଡପ) ଏବଂ ଏକ ଉତ୍କୃଷ୍ଟମାନର ଡିସ୍‌ପେନ୍‌ସେରୀ କରିବା ପାଇଁ ପ୍ରସ୍ତାବ ରହିଛି।

**ତୀର୍ଥଯାତ୍ରୀଙ୍କ ସହ ସେବକଙ୍କ ପାଇଁ ରହିବ ଅତ୍ୟାଧୁନିକ ସୁବିଧା**

ସୂଚନାଯୋଗ୍ୟ, ଗତ ବର୍ଷ ପୂର୍ତ୍ତ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ନୀଳାଦ୍ରି ଭକ୍ତ ନିବାସ ପଛ ଭାଗରେ ଶ୍ରୀମାର୍ଗ ନିକଟରେ ଥିବା ଶ୍ରୀମନ୍ଦିର ପ୍ରଶାସନ ଜମିରେ ଏହି ଭକ୍ତ ନିବାସ ନିର୍ମାଣ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଓବିସିସି ଏହି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ କରିବ। ନିକଟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳଙ୍କ ସମେତ କମିଟି ସଦସ୍ୟମାନେ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଭାବେ ଓବିସିସି ସହ ଆଲୋଚନା କରିଥିଲେ। ନୂତନ ଭାବେ ନିର୍ମାଣ ହେବାକୁ ଥିବା ଭକ୍ତ ନିବାସର ନାମ "ପତିତପାବନ ଭକ୍ତ ନିବାସ' ରଖାଯିବ ବୋଲି ନିଷ୍ପତ୍ତି ହୋଇଛି। ଏ ସମ୍ବନ୍ଧରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଡିପିଆର୍ ପ୍ରସ୍ତୁତି ଏବଂ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଲିଖିତ ପତ୍ର ଜରିଆରେ ଜଣାଇଛନ୍ତି। ଏହି ପ୍ରସ୍ତାବିତ ଅତ୍ୟାଧୁନିକ ଭକ୍ତନିବାସ ପ୍ରକଳ୍ପ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀ ଶ୍ରଦ୍ଧାଳୁ ଏବଂ ସେବକ ଗୋଷ୍ଠୀଙ୍କ ପାଇଁ ଉପଯୋଗୀ ହେବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

# ଡ୍ରୋନ୍‌ରେ ହେବ ପିଏମ୍‌କେଏସ୍‌ୱାଇ-ଏଆଇବିପି ପ୍ରକଳ୍ପର ତଦାରଖ

ଭୁବନେଶ୍ୱର,୩।୧୦(ସମିସ): ରାଜ୍ୟରେ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା (ପିଏମ୍‌କେଏସ୍‌ୱାଇ)-ଏଆଇବିପି ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଓ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ଏଣିକି ଡ୍ରୋନ୍ ମାଧ୍ୟମରେ କରାଯିବ। ଏଥିପାଇଁ ନିୟମିତ ଡ୍ରୋନ୍ ସର୍ଭେ ଓ ତଦାରଖ ବ୍ୟବସ୍ଥା ଆପଣାଇବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପର ପ୍ରମୁଖ ଅଂଶଗୁଡ଼ିକର ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓ ସହ ଡ୍ରୋନ୍ ସର୍ଭେ ରିପୋର୍ଟ ସଂଗ୍ରହ କରି କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ପଠାଇବାକୁ କୁହାଯାଇଛି।

ଏନେଇ ଜଳସମ୍ପଦ ବିଭାଗର ଅନୁସଚିବ ଆରତୀ ମଲ୍ଲିକ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହି ଚିଠିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟଅଧୀନସ୍ଥ ଜଳସମ୍ପଦ ଓ ନଦୀ ବିକାଶ ବିଭାଗର ଅତିରିକ୍ତ ସଚିବଙ୍କ ଜୁନ୍ ୪ ତାରିଖର ଚିଠି ଏବଂ ଏହି ବିଭାଗର ପୂର୍ବ ନିର୍ଦ୍ଦେଶକୁ ଉଲ୍ଲେଖ କରାଯାଇଛି। ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନକୁ ଅଧିକ ପ୍ରଭାବଶାଳୀ, ସଠିକ୍ ଓ ସମୟୋପଯୋଗୀ କରିବା ପାଇଁ ନିୟମିତ ଡ୍ରୋନ୍ ମନିଟରିଂର ଆବଶ୍ୟକତା ରହିଥିବା କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ଡ୍ରୋନ୍ ସର୍ଭେ ଦ୍ୱାରା ପ୍ରକଳ୍ପ ନିର୍ମାଣର ଭୌଗୋଳିକ ଅବସ୍ଥିତି ସହ ଭିଜୁଆଲ୍ ତଥ୍ୟ ସଂଗ୍ରହ କରାଯାଇପାରିବ। ଏଥିସହ ନିର୍ମାଣ କାର୍ଯ୍ୟର ରିଅଲ୍ ଟାଇମ୍ ତଦାରଖ, ଦର୍ଶାଯାଇଥିବା କାର୍ଯ୍ୟର ସତ୍ୟତା ଯାଞ୍ଚ, କାର୍ଯ୍ୟାନ୍ୱୟନରେ ରହିଥିବା ବାଧା ଚିହ୍ନଟ ଏବଂ ନିର୍ମିତ କାର୍ଯ୍ୟର ଗୁଣବତ୍ତା ଆକଳନ ସମ୍ଭବ ହୋଇପାରିବ। ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ନିଜ ଅଧୀନରେ ଥିବା ସମସ୍ତ ପିଏମ୍‌କେଏସ୍‌ୱାଇ-ଏଆଇବିପି ପ୍ରକଳ୍ପର ପ୍ରମୁଖ ଅଂଶଗୁଡ଼ିକୁ ଡ୍ରୋନ୍ ମନିଟରିଂରେ ସାମିଲ କରିବାକୁ ହେବ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ଡ୍ରୋନ୍ ସର୍ଭେ ରିପୋର୍ଟ, ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓ ସଂଗ୍ରହ କରିବାକୁ କୁହାଯାଇଛି। ଡ୍ରୋନ୍ ଆଧାରିତ ତଦାରଖ ଦ୍ୱାରା ପ୍ରକଳ୍ପର ବାସ୍ତବ ଅଗ୍ରଗତି ଓ ନିର୍ମାଣର ଗୁଣବତ୍ତା ସମ୍ପର୍କରେ ଅଧିକ ସଠିକ୍ ତଥ୍ୟ ମିଳିବା ସହ କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ଆସିବା ଆଶା କରାଯାଉଛି।

**ନିର୍ମାଣ କାର୍ଯ୍ୟର ରିଅଲ୍ ଟାଇମ୍ ମନିଟରିଂ, ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓ ସଂଗ୍ରହ ନିର୍ଦ୍ଦେଶ**

## ମହିଳାଙ୍କ ଅପମାନଜନକ ଭିଡିଓ ପ୍ରଚାର, ସ୍ୱାମୀ ଗିରଫ

ପୁରୀ,୩।୧୦(ସମିସ): ସୋସିଆଲ ମିଡିଆରେ ସ୍ତ୍ରୀର ଫଟୋ ଓ ଭିଡିଓ ଅପଲୋଡ୍ କରିବା, ମୋବାଇଲ ନମ୍ବର ପ୍ରଚାର କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ କାକଟପୁର ଥାନା ପୁଲିସ ସ୍ୱାମୀ ମନୋଜ ସିଂହଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କ ପତ୍ନୀ ଗତ ଜୁନ୍ ୮ ରେ ଥାନାରେ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ ଯେ, ତାଙ୍କ ସ୍ୱାମୀ ପ୍ରାୟ ୮ ବର୍ଷ ହେବ ଅଲଗା ରହୁଥିବାବେଳେ ସେ ଶାଶୁ-ଶଶୁରଙ୍କ ସହ ଦୁଇ ପିଲାଙ୍କୁ ନେଇ ରହୁଛନ୍ତି। ଗତ ପ୍ରାୟ ଦୁଇମାସ ଧରି ମନୋଜ ସୋସିଆଲ ମିଡିଆରେ ତାଙ୍କର ଏଡିଟିଂ ଫଟୋ ଓ ଭିଡିଓ ପ୍ରଚାର କରିବା ସହ ହତ୍ୟା ଧମକ ଦେଉଥିଲେ। ଏଥିସହ ତାଙ୍କ ମୋବାଇଲ୍ ନମ୍ବରକୁ ସୋସିଆଲ ମିଡିଆରେ ପ୍ରଚାର କରି ଅପମାନଜନକ ଭାବେ ଚିତ୍ରଣ କରୁଥିଲେ। ଏ ନେଇ କ୍ରାଇମ୍ ଆଣ୍ଡ କରପ୍ସନ୍ ଏବଂ ଏନ୍‌ଫୋର୍ସମେଣ୍ଟ ଥାନାରେ କେସ୍ (ନଂ.୨୦/୨୬) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ଗୀତାଞ୍ଜଳି ନାୟକ ଘଟଣାର ତଦନ୍ତ କରୁଥିଲେ। ଏହି ମାମଲାରେ ମନୋଜଙ୍କୁ ଶନିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଦିନ ଦ୍ୱିପହରରେ ଲୁଟିଲେ ଲକ୍ଷାଧିକ ଟଙ୍କା

ଆନନ୍ଦପୁର,୩।୧୦(ସମିସ): ଘଷିପୁରା ଥାନା ଭଣ୍ଡାରୀଡିହା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ନାୟକଙ୍କ ଘରୁ ଦିନ ଦ୍ୱିପହରରେ ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ଶ୍ରୀ ନାୟକ ଦିନ ୧୧ଟା ସମୟରେ ନିଜ ଧର୍ମପତ୍ନୀ କଳିକା ଦାସଙ୍କ ସହ ବସନ୍ତପୁରା ବଳଦେବଜୀଉ ନୋଡାଲ ଉପ୍ରା ବିଦ୍ୟାଳୟକୁ ଯାଇଥିବା ବେଳେ ଏହି ଲୁଟ୍ ହୋଇଛି। ଗଡରେଜ ଭାଙ୍ଗି ୫ ଭରି ସୁନା ଓ ଦୁଇଟି ସୁନା ଚେନ ସହ ନଗଦ ଟଙ୍କା ଲୁଟ୍ ହୋଇଛି। ପ୍ରାୟ ଲକ୍ଷାଧିକ ଟଙ୍କା ମୂଲ୍ୟ ସାମଗ୍ରୀ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଘଷିପୁରା ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଚୋରିକୁ ନେଇ ଲୋକମାନେ ଅସୁରକ୍ଷିତ ଅନୁଭବ କରୁଛନ୍ତି।

## ହଜିଗଲା ମାନବିକତା

# ଚୋରି ସନ୍ଦେହରେ ଦୁଇ ନାବାଳକଙ୍କୁ ବିଚ୍ ରାସ୍ତାରେ ନିର୍ଦ୍ଧୁମ ମାଡ଼

ଉଦଳା, ୩।୧୦(ସମିସ): ଉଦଳା ଥାନା ଅଧୀନ ଶାଳମୁଣ୍ଡଳୀ ଗ୍ରାମରେ ଏକ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଚୋରି ସନ୍ଦେହରେ ଦୁଇଜଣ ୧୧ ବର୍ଷର ନାବାଳକଙ୍କୁ ବିଚ୍ ରାସ୍ତାରେ ଅଟକାଇ ଜଣେ ବ୍ୟକ୍ତି ତଣ୍ଟିଆ ଓ ଚାପୁଡ଼ା ମାରି ନିର୍ଦ୍ଧୁମ ପିଟିଛନ୍ତି। ଏହି ଘଟଣାର ଭିଡିଓ ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଏ ନେଇ ଉଦଳା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶାଳମୁଣ୍ଡଳୀ ଗ୍ରାମର

**ଭିଡିଓ ଭାଇରାଲ, ଥାନାରେ ଅଭିଯୋଗ**



ଦୁଇ ନାବାଳକ ସ୍କୁଲ ପଛପାଖରେ ପଡ଼ିଥିବା ଏକ ଅଦରକାରୀ ଖରାପ ଚାର୍ଜିଂ ବ୍ୟାଟେରିକୁ ଖେଳିବା ପାଇଁ ଉଠାଇ ଆଣିଥିଲେ। ତେବେ ସେହି ଗ୍ରାମର ରାମଚନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତି ତାଙ୍କ ଜଳଖିଆ ଦୋକାନରୁ ଏହି ବ୍ୟାଟେରୀ ଚୋରି ହୋଇଥିବା ଦର୍ଶାଇଥିଲେ। ପରିବାର ଲୋକଙ୍କୁ ଜଣାଇବା ପରିବର୍ତ୍ତେ ସେ ରାସ୍ତା ମଝିରେ ଉଭୟ ନାବାଳକଙ୍କୁ ଅଟକାଇ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏତିକିରେ ତାଙ୍କ ରାଗ ଶାନ୍ତ ହୋଇ ନ ଥିଲା। ସେ ପିଲା ଦ୍ୱୟଙ୍କୁ ଚାପୁଡ଼ା ପରେ ଚାପୁଡ଼ା ମାରିବା ସହ ତଣ୍ଟିଆ ଦେଇ ନିର୍ଘାତ ମାଡ଼ ମାରିଥିଲେ। ଘଟଣା ସମ୍ପର୍କରେ ପିଲାମାନେ ଘରେ ଜଣାଇବା ପରେ ପରିବାର ଲୋକେ ଏ ନେଇ ଉଦଳା ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ସମ୍ପର୍କରେ ଅଭିଯୁକ୍ତ ରାମଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ କରି ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଗଣମାଧ୍ୟମ ସାମ୍ନାକୁ ଆସି ନ ଥିଲେ। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

# 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର,୩।୧୦(ସମିସ): ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଏବଂ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ଲକ୍ଷ୍ୟ ନେଇ ଶନିବାର 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପର୍ଯ୍ୟଟନ ମହାକୁମ୍ଭକୁ ଉଦଘାଟନ କରିଛନ୍ତି।

- ନୂତନ 'ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍' ଏବଂ 'ଇନଭେଷ୍ଟମେଣ୍ଟ ଇନ୍‌ସେଣ୍ଟିଭ୍ ୱେବ୍ ଆପ୍ଲିକେଶନ୍'ର ଶୁଭାରମ୍ଭ
- ଓଡ଼ିଶାକୁ ପର୍ଯ୍ୟଟକଙ୍କ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବାବେଳେ ପୁଞ୍ଜି ସବ୍‌ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ 'ଟୁରିଷ୍ଟ ପୋଲିସ' ବ୍ୟବସ୍ଥା ଆରମ୍ଭ କରାଯାଉଥିବାବେଳେ ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ 'ଓସ୍ୱାଲି' ମାଧ୍ୟମରେ ଏକ ହଜାର ପ୍ରଶିକ୍ଷିତ ଜୀବନରକ୍ଷକ ବା ଲାଇଫ୍ ଗାର୍ଡ ନିଯୁକ୍ତ କରାଯିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ୟାପ୍ଟେନ୍ ତଥା କିମ୍ବଦନ୍ତୀ ଖେଳାଳି କପିଲ ଦେବ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ପୋର୍ଟାଲ ଏବଂ ଏକ ସ୍ୱତନ୍ତ୍ର କଫି ଟେବୁଲ୍ ବୁକ୍ 'ପିଠା, ମିଠା ପଣା'କୁ ଲୋକାର୍ପିତ କରିଛନ୍ତି। ଏହାସହ ରାଜ୍ୟ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ନୂତନ 'ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍' ଏବଂ ନିବେଶକଙ୍କ ସୁବିଧା ପାଇଁ 'ଓଡ଼ିଶା ଟୁରିଜିମ୍ ଇନ୍‌ଭେଷ୍ଟମେଣ୍ଟ ଇନ୍‌ସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ'ର ୱେବ୍ ଆପ୍ଲିକେଶନ୍ ମଧ୍ୟ ଶୁଭାରମ୍ଭ ହୋଇଛି।

# ନଭେମ୍ବର ସୁଦ୍ଧା ପୂରଣ ହେବ ୧୪୩୫ ଅଧ୍ୟାପକ ପଦ

ଭୁବନେଶ୍ୱର,୩।୧୦(ସମିସ): ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦ ଆସନ୍ତା ନଭେମ୍ବର ଶେଷ ସୁଦ୍ଧା ପୂରଣ ହେବ। ୧୪୩୫ ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ପ୍ରଫେସର ପଦରେ ନିଯୁକ୍ତି ଦିଆଯିବ। ଅଧ୍ୟାପକ ନିଯୁକ୍ତି ସମ୍ପର୍କରେ ଆଜି ଲୋକ ଭବନରେ ହୋଇଥିବା ବୈଠକରେ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏନେଇ ସମସ୍ତ କୁଳପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ରାଜ୍ୟପାଳ ଆହୁରି କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବା ଏକ ପ୍ରମୁଖ ଆହ୍ୱାନ। ଶିକ୍ଷକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା ଦିଆଯିବା ଉଚିତ। ଗୁଣବତ୍ତା ଓ ମେଧା ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ। ସର୍ବୋତ୍ତମ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯିବ। ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ସଂକ୍ଷିପ୍ତ ତାଲିକାଭୁକ୍ତ ଓ ଯାଞ୍ଚ କରିବା ପରିବର୍ତ୍ତେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସାକ୍ଷାତକାର ପାଇଁ ଡାକିବାକୁ ପରାମର୍ଶ ଦେଇଛନ୍ତି। ଫଳରେ କୌଣସି ଯୋଗ୍ୟ ପ୍ରାର୍ଥୀ ନିଜକୁ ବାଦ ଦିଆଯାଇଥିବା ଅନୁଭବ କରିବେ ନାହିଁ। ସେହିପରି ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତିର ବ୍ୟବହାର ବୃଦ୍ଧି କରିବା ଏବଂ ନିଜସ୍ୱ ପଦକ୍ଷେପରେ କିମ୍ବା ରିନ୍ୟୁଏବଲ୍ ଏନର୍ଜି ସର୍ଭିସ୍ କମ୍ପାନୀ ମଡେଲ୍ ଅଧୀନରେ ସୌର ଶକ୍ତି ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ସ୍ୱଚ୍ଛତାର ସହ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ପ୍ରାଥମିକତା ଦେଇଥିଲେ। ବିଭାଗୀୟ ସଚିବଙ୍କ ସମେତ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

**ସମସ୍ତ କୁଳପତିଙ୍କୁ ରାଜ୍ୟପାଳଙ୍କ ନିର୍ଦ୍ଦେଶ**

## ୪.୧୦.୨୦୨୬: ୩୨ତମ ପୁଣ୍ୟତିଥି ଉପଲକ୍ଷେ

# ପ୍ରଣମ୍ୟ ଧନେଶ୍ୱର ରଥ

ଦୁନିଆରେ କିଛି ବ୍ୟକ୍ତି ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟସ୍ତ ଥିଲାବେଳେ, କିଛି ବ୍ୟକ୍ତି ନିଜ ସ୍ୱାର୍ଥକୁ ପଛରେ ପକାଇ ସମାଜକୁ ଗଢି ତୋଳିବାରେ ସମର୍ପିତ ହୁଅନ୍ତି। ସ୍ୱର୍ଗତ ଧନେଶ୍ୱର ରଥ ଥିଲେ ଏହିଭଳି ଜଣେ ସଫଳ ମଣିଷ। ୧୯୧୬ ମସିହା କଟକ ଜିଲ୍ଲା ଟାଙ୍ଗୀ (କଏରାପାରୀ) ଗ୍ରାମରେ ବହୁକୁଟୁମ୍ବୀ ପରିବାରରେ ସେ ଜନ୍ମ ହୋଇଥିଲେ ମଧ୍ୟ ନିଜର ବାଲ୍ୟ ଶିକ୍ଷା ପାଇଁ ମାମୁ ଘର ମଉଦା ଗ୍ରାମରେ ରହି ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିଥିଲେ। ସେତେବେଳେ ମାଧ୍ୟମିକ ଶିକ୍ଷା ପାଇଁ ଟାଙ୍ଗୀ ଅଞ୍ଚଳରେ କୌଣସି ସ୍କୁଲ ନଥିଲା। ଆର୍ଥିକ ଅନଟନକୁ ପଛରେ ପକାଇ କଟକର ମିଶନ ସ୍କୁଲରେ ମାଧ୍ୟମିକ ଶିକ୍ଷା ଗ୍ରହଣ କରି ୧୯୩୬ ମସିହାରେ ପାଟନା ୟୁନିଭରସିଟିରୁ ଶିକ୍ଷାର ସଫଳ ପ୍ରମାଣପତ୍ର ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ଜଣେ ଟାଇପିଷ୍ଟ ଭାବେ ସରକାରୀ ସ୍ତରରେ ରେଭିନ୍ୟୁ ବୋର୍ଡରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଚାକିରି ଜୀବନରେ ନିଜର ସଫଳ କର୍ମ କୁଶଳତାରେ ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ସେ ଆସ୍ଥାଭାଜନ ହୋଇପାରିଥିଲେ। କଡେଇ ଗ୍ରାମର ସ୍ୱର୍ଗତ କସ୍ତୁରୀ ଦାଶଙ୍କର ଏକମାତ୍ର କନ୍ୟା ଇଛାବତୀ ଦେବୀଙ୍କୁ ବିବାହ କରି ତାଙ୍କର ସାଂସାରିକ ଜୀବନ ଆରମ୍ଭ ହୋଇଥିଲା। ଚାକିରି ସହ ଚାଷକୁ ମଧ୍ୟ ସେ ନିଜର ବେଉସା ଭାବେ ଗ୍ରହଣ କରିଥିଲେ। ନିଜ ପରିବାରକୁ ଗଢିବା ସହ ନିଜ ଅଞ୍ଚଳର ଉନ୍ନତି ପାଇଁ ସେ କାର୍ପଣ୍ୟତା ପ୍ରକାଶ କରି ନଥିଲେ। ଆଜନ୍ମରୁ କର୍ମ ହିଁ ଥିଲା ତାଙ୍କର ଗୁରୁ। ଭଲ କାମର ଫଳ ସେହି ଜୀବନରେ ନ ମିଳିଲେ ମଧ୍ୟ ତାହା ପର ଜନ୍ମରେ ପ୍ରତିଫଳିତ ହୋଇଥାଏ; ଯାହା ଆଜି ପ୍ରମାଣିତ ହୋଇଛି ସ୍ୱର୍ଗୀୟ ପୂଜ୍ୟ ଧନେଶ୍ୱର ରଥଙ୍କର ଜୀବନରେ। ୧୯୯୪ ଆଜିର ଦିନରେ ସେହି ପୁଣ୍ୟାତ୍ମାଙ୍କ ଦେହାବସାନ ହେଲା। ତାଙ୍କ ଅଧୁରା ସ୍ୱପ୍ନର କୋଣାର୍କ ଆଜି ଉଭା ହୋଇଛି ଡ୍ରିମସ୍ ବିଶ୍ୱବିଦ୍ୟାଳୟ ରୂପରେ। ତାଙ୍କର ପଞ୍ଚମ ସନ୍ତାନ ପ୍ରମୋଦ ବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିକ୍ଷା କୋଣାର୍କ ଆଜି ରାଜ୍ୟ ତଥା ବାହାର ଛାତ୍ରଛାତ୍ରୀଙ୍କ କ୍ୟାରିୟର ଗଢିବାର କେନ୍ଦ୍ର ହୋଇପାରିଛି। ଏହା କେବଳ ସମ୍ଭବ ହୋଇପାରିଛି ପୂଜ୍ୟ ଧନେଶ୍ୱର ରଥଙ୍କର ସୁକର୍ମ ଓ ତାଙ୍କର ପରିବାର ସଦସ୍ୟମାନଙ୍କର ପିତୃପୁରୁଷ ତଥା ଇଶ୍ୱରଙ୍କ ପ୍ରତି ଅତୁଟ ଭକ୍ତି ପାଇଁ। ଆଜି ତାଙ୍କର ବତିଶତମ ପୁଣ୍ୟତିଥି। ସେହି ପରିପ୍ରେକ୍ଷୀରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ 'ପୂଜ୍ୟପୂଜା ସମାରୋହ'ରେ ଜଗଦ୍‌ଗୁରୁ ପ୍ରସିଦ୍ଧ କାଶୀ ପୀଠର ଶଙ୍କରାଚାର୍ଯ୍ୟ ଶ୍ରୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ମହାଭାଗଙ୍କ 'ଡ୍ରିମସ୍' ମାଟିରେ ପଦାର୍ପଣ ଆମ ସମସ୍ତଙ୍କୁ ଧନ୍ୟ କରିଛି। ତତ୍‌ସହିତ ପୂଜ୍ୟ ଧନେଶ୍ୱର ରଥଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଜଣେ ବିଶ୍ୱବନ୍ଦ୍ୟ ମହାତ୍ମାଙ୍କ କରକମଳରେ ହେଉଥିବାରୁ ଆମେ ସମସ୍ତେ ଭକ୍ତିପୂତ ପ୍ରଣାମ ଜଣାଇବା ସହିତ ନିଜକୁ ଗର୍ବିତ ମନେ କରୁଛୁ। ପୂଜ୍ୟପୂଜାର ଜୟ ହେଉ....



ବଳରାମ କର
ପ୍ରଶାସନିକ ନିର୍ଦ୍ଦେଶକ,
ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ

# 'ଶ୍ରୀଅଙ୍ଗ ଖଣ୍ଡୁଆ'ରେ ନୂଆ ସଂଗୀତକାର ଯୋଡ଼ି





'ଶ୍ରୀଅଙ୍ଗ ଖଣ୍ଡୁଆ'ରେ ସଂଗୀତକାର ଭାବେ ଆସୁଛନ୍ତି ପୁରୀର ଦୁଇ ନୂଆ ମୁହଁ କଣ୍ଠଶିଳ୍ପୀ ଶିବପ୍ରସାଦ ରଥ ଓ ତବଲା ବାଦକ ପ୍ରୀତମ୍ କୁମାର ମିଶ୍ର । ପୂର୍ବରୁ ଓଡ଼ିଆ କଥାଚିତ୍ର 'ଭାଇଭାଇ'ରେ ସଂଗୀତକାର ଯୋଡ଼ି ଭୁବନେଶ୍ୱର ମିଶ୍ର ଓ ବାଳକୃଷ୍ଣ ଦାସ (ଭୁବନ- କିଶନ), 'ଗପ ହେଲେ ବି ସତ'ରେ ଭୁବନେଶ୍ୱର ମିଶ୍ର ଓ ହରିପ୍ରସାଦ ଚୌରାଶିଆ (ଭୁବନ- ହରି) ଓ 'ଅଭିମାନ'ରେ ରାଧାକୃଷ୍ଣ ଭଞ୍ଜ ଓ ସରୋଜ ପଟ୍ଟନାୟକ (ସରୋଜ-ରାଧା) ବେଶ୍ ସଫଳତା ପାଇଥିଲେ । 'ଶ୍ରୀଅଙ୍ଗ ଖଣ୍ଡୁଆ' ପରି ଆଧ୍ୟାତ୍ମିକ ଲୋକକଥା ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ମୋ ଭାଇ ଜଗନ୍ନାଥ'ରେ ମଧ୍ୟ ପୁରୀର ସଂଗୀତ ନିର୍ଦ୍ଦେଶକ ବିପିନ୍ କୁମାର ଓ ପ୍ରୀତମ୍ କୁମାର ଯୋଡ଼ି ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଜୟଦେବ - ପଦ୍ମାବତୀ, ଗୀତଗୋବିନ୍ଦ ସହ ଖଣ୍ଡୁଆ ବୁଣାକାର ଜୀବନକୁ ନେଇ ନିର୍ମିତ ଚଳଚ୍ଚିତ୍ର 'ଶ୍ରୀଅଙ୍ଗ ଖଣ୍ଡୁଆ'ର ପ୍ରଯୋଜକ ଭାବରେ ଡକ୍ଟର କେ.ତମନ୍ନା ରହିଥିବା ବେଳେ ଏହାର ଲେଖକ ଓ ନିର୍ଦ୍ଦେଶକ ରହିଛନ୍ତି ପୁରୀ ମାଟିର ପୁଅ ତଥା ପ୍ରାର୍ଥନା ଫେମ୍ ଶ୍ୟାମାପ୍ରସାଦ ମିଶ୍ର । ଏହି ଚଳଚ୍ଚିତ୍ରର ଗୀତ ରେକର୍ଡିଂ ଶେଷ ହୋଇଛି । ଓଡ଼ିଶାର ବରିଷ୍ଠ ଗୀତିକାର ଡକ୍ଟର ବଦ୍ରି ମିଶ୍ରଙ୍କ ରଚନାରେ ପୁରୀର କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର, ବିଶିଷ୍ଟ ଗାୟକ ରୂପକ କୁମାର ପରିଡ଼ା ଏବଂ ପଣ୍ଡିତ ଶିବ ରଥଙ୍କ କଣ୍ଠରେ ଶ୍ରୋତାମାନେ ଭିନ୍ନ ସ୍ୱାଦର ଗୀତ ଶୁଣିବାକୁ ପାଇବେ । ସଂଗୀତକାର ଭାବେ ପରିଚୟ ନେଇ ଆସୁଥିବା ଇଂଜିନିୟର ପ୍ରୀତମ୍ ମିଶ୍ର ହେଉଛନ୍ତି ଚଳଚ୍ଚିତ୍ର କାହାଣୀ ଲେଖକ ଡକ୍ଟର ବଦ୍ରି ମିଶ୍ରଙ୍କ ସୁପୁତ୍ର ।

# ଏଲିନାଙ୍କ ନୂଆ ଲୁକ୍



ଖୁବ୍‌ଶୀଘ୍ର ନୂଆ ଲୁକ୍‌ରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ନାୟିକା ଏଲିନା । ସାଇ ଲୁମ୍ବିନୀ ପ୍ରଡକ୍ସନରେ ନିର୍ମିତ ତଥା ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଅମ୍ଲାନଙ୍କ ସହ ଏଲିନାଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ । ଏଥିରେ ଏଲିନା 'ଲିଲି' ଚରିତ୍ରରେ ଅଭିନୟ କରିଛନ୍ତି । ତାଙ୍କର ନୂଆ ଲୁକ୍‌ର ପୋଷ୍ଟର ସାମ୍ନାକୁ ଆସିଛି । ଏଲିନାଙ୍କ ଆଖିରେ ଭୟ, ଚିନ୍ତା ଦେଖିବାକୁ ମିଳିଛି । ତେବେ ସିନେମାର ପ୍ରଯୋଜନାରେ ଶୁଭ୍ର କୁମାର ନଜର ଆସିବେ । ଅମ୍ଲାନ ଓ ଏଲିନାଙ୍କ ବ୍ୟତୀତ ସିନେମାରେ ଜ୍ୟୋତି, ଅନିଶାଙ୍କୁ ବି ଦେଖିବାକୁ ମିଳିବ । ଅନ୍ୟପଟେ ସିନେମାର ପ୍ରଥମ ଝଲକ ବି ସାମ୍ନାକୁ ଆସିଛି । ଯେଉଁଥିରେ ଅମ୍ଲାନଙ୍କୁ ସମ୍ପୂର୍ଣ୍ଣ ଭିନ୍ନ ଏକ ରୂପରେ ଦେଖିବାକୁ ମିଳିଛି । ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି ।

# ଦଶହରାରେ 'ଆଗ୍ରେ ୱେଡ୍ସ ମିନଲ୍'

ଏଥର ଦଶହରାରେ ଆସିବ ନୂଆ ଓଡ଼ିଆ ସିନେମା 'ଆଗ୍ରେ ୱେଡ୍ସ ମିନଲ' । ସିନେମାର ମୁଖ୍ୟ ଚରିତ୍ରରେ ମନୋଜ ମିଶ୍ର ଅଭିନୟ କରିଛନ୍ତି । ତାଙ୍କୁ ଦିବ୍ୟାଙ୍ଗ ଚରିତ୍ରରେ ଦେଖିବାକୁ ମିଳିବ । ମନୋଜ ମିଶ୍ର ଫିଲ୍ମସ୍ ନିବେଦିତ ଏହି ସିନେମାର ନିର୍ଦ୍ଦେଶନା ଋଷଭ ଅଗ୍ରୱାଲ ଦେଇଛନ୍ତି । ପ୍ରଯୋଜନାରେ ମନୋଜ ମିଶ୍ର ଫିଲ୍ମସ୍, ମମତା ନନ୍ଦ, ଜଗନ ମହାନ୍ତ, ଫୋରମ ଋଷଭ ଅଗ୍ରୱାଲ, ପ୍ରଶାନ୍ତ ବେହେରା ଅଛନ୍ତି ।

ଏକ ସତ୍ୟ ପ୍ରେମ କାହାଣୀ ଉପରେ ଆଧାରିତ ଏହି ସିନେମାର ପ୍ରଥମ ଲୁକ୍ ସାମ୍ନାକୁ ଆସିଥିବା ବେଳେ ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ସିନେମାରେ ଭିନ୍ନକ୍ଷମତା ଓ ଏକ ଭାବପୂର୍ଣ୍ଣ ଯାତ୍ରାକୁ ସୁନ୍ଦର ଭାବେ ଦେଖାଇବାକୁ ଚେଷ୍ଟା କରାଯାଇଛି । ତେବେ ମନୋଜ ମିଶ୍ରଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ ଓ ପ୍ରଶଂସା କରିଛନ୍ତି । ସେହିପରି ସିନେମାରେ ଅର୍ଲିନ ଅଙ୍କିତା, ଉଷସୀ ମିଶ୍ର, ଯୋଗେଶ ଜୋଜୋ, ଆକାଶ, ବବିତା ପ୍ରମୁଖ ନଜର ଆସିବେ ।



# ଯଶଙ୍କ ଫ୍ୟାମିଲି ଟାଇମ୍

ସୁପରଷ୍ଟାର୍ ଯଶ୍‌ଙ୍କ ଅଭିନୀତ 'ଟକ୍ସିକ୍' ବକ୍ସ ଅଫିସ୍‌ରେ ସେତେଟା ସଫଳତା ସାଉଁଟିପାରି ନାହିଁ । ଫିଲ୍ମରୁ ଯେଉଁଳି ଆୟ ହେବ ବୋଲି ଆଶା କରାଯାଉଥିଲା, ସେମିତି ହୋଇପାରିଲା ନାହିଁ । ତେବେ ଏବେ ଯଶ୍ ନିଜ କାମରୁ ବ୍ରେକ୍ ନେଇଛନ୍ତି । ଏବେ ସେ ନିଜ ପରିବାର ସହିତ ସମୟ ଅତିବାହିତ କରୁଛନ୍ତି । ତାଙ୍କ ପତ୍ନୀ ରାଧିକା ପଣ୍ଡିତ ଛୁଟିଦିନର କିଛି ଫଟୋ ସେୟାର୍ କରିଛନ୍ତି । ଏହି ଫଟୋରେ ପୂରା ପରିବାର ସମୁଦ୍ରକୂଳରେ ସମୟ ଅତିବାହିତ କରୁଥିବା ଦେଖାଯାଇଛି । ତେବେ ରାଧିକା ଇନଷ୍ଟାଗ୍ରାମ୍‌ରେ ଏହି ଟ୍ରିପ୍‌ର ଫଟୋ ସେୟାର୍ କରିଛନ୍ତି । ସେହିପରି ଗୋଟିଏ ଫଟୋରେ ସେ, ଯଶ୍, ପୁଅ ଝିଅ ସାଇକଲିଂ କରୁଥିବା ଦେଖିବାକୁ ମିଳିଛି । ଅନ୍ୟପଟେ କେଉଁ ସ୍ଥାନରେ ସେ ସମୟ ଅତିବାହିତ କରୁଛନ୍ତି, ରାଧିକା ସେ ସମ୍ପର୍କରେ କିଛି କହି ନାହାନ୍ତି । ଏହାବାଦ୍ ଯଶ୍ ଏବେ ପରିବାର ସହିତ ସମୟ ଅତିବାହିତ କରୁଥିବାରୁ ତାଙ୍କୁ ସର୍ବସାଧାରଣରେ କମ୍ ଦେଖିବାକୁ ମିଳୁଛି ।



ସାକ୍ଷାତକାର

# "ଦର୍ଶକଙ୍କ ଗାଳି ମୋ ପାଇଁ ଆଶୀର୍ବାଦ"

**ଈପ୍‌ସିତା ଦାସ, ଅଭିନେତ୍ରୀ**

ନାୟିକା ହୁଅନ୍ତୁ କି ଖଳନାୟିକା ଉଭୟ ହିଁ କାହାଣୀର ମୁଖ୍ୟ ଚରିତ୍ର । ତେଣୁ ସୁନ୍ଦର ଚେହେରା ଥାଇ ବି ସେ ପାଲଟିଗଲେ ଖଳନାୟିକା । ମଣିଷ ଭିତରର ଖଳ ପ୍ରକୃତିକୁ ପରିପ୍ରକାଶ କରିବାକୁ ସେ ଚମତ୍କାର ଅଭିନୟ କରୁଛନ୍ତି । ଭୁବନେଶ୍ୱର ନିବାସୀ ଈପ୍‌ସିତା ଦାସ ମଡେଲିଂ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପରେ ଏବେ ଧାରାବାହିକ ଓ ବଡ଼ ପରଦାରେ ଜଲୱା ଦେଖାଉଛନ୍ତି । ସେ ବିଭିନ୍ନ ରିଆଲିଟି ଶୋ'ରେ ଭାଗ ନେଇ ନିଜର ପ୍ରତିଭାକୁ ପ୍ରଦର୍ଶିତ କରିଛନ୍ତି । 'ମେକାନିକ ଦିଦି' ତାଙ୍କର ପ୍ରଥମ ଧାରାବାହିକ । ଏକାଧିକ ଧାରାବାହିକରେ ସେ ନେଗେଟିଭ୍ ଚରିତ୍ରରେ ଅଭିନୟ କରିଛନ୍ତି । ଏବେ 'ସାତ ଭାଇଙ୍କ ମଙ୍ଗଳା' ୱେବ୍ ସିରିଜ୍‌ରେ ସେ ଅଭିନୟ କରୁଛନ୍ତି । ତେବେ ଲାଇଭ୍ ଷ୍ଟେଜରୁ କ୍ୟାମେରାକୁ ସାମ୍ନା କରି ଈପ୍‌ସିତାଙ୍କ ଅଭିନୟ ଜୀବନ କେମିତି ଆଗକୁ ବଢ଼ୁଛି ସେନେଇ ଜାଣିବା ତାଙ୍କରି ମୁହଁରୁ ।



**ମଡେଲିଂରୁ ଅଭିନୟ । ହଠାତ୍ ଏ ନୂଆ ଦିଗକୁ କାହିଁକି ବାଛିଲେ ?**

- ମଡେଲିଂ କରୁଥିଲି । ବିଭିନ୍ନ ମଡେଲିଂ ଶୋ'ରେ ଭାଗ ନେଇ ମୁଁ ବିଜେତା ହୋଇଛି । ଅନେକ ରିଆଲିଟି ଶୋ'ରେ ଭାଗ ନେଇଛି । ଏହା ଜରିଆରେ ମୋତେ ମୁଖ୍ୟ ଅଭିନେତ୍ରୀ ଭାବେ କାମ କରିବାକୁ ସୁଯୋଗ ମିଳିଥିଲା । ହେଲେ ପାଠପଢ଼ା ପାଇଁ ଅଭିନୟଠାରୁ ଦୂରେଇ ରହିଥିଲି । ପରେ 'ମେକାନିକ ଦିଦି'ରେ ପ୍ରଥମ ଥର ପାଇଁ ମୋତେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା । ଏଥିରେ ମୁଁ ମୁଖ୍ୟ ଖଳନାୟିକା 'ରିୟା' ଚରିତ୍ରରେ ଅଭିନୟ କରିଥିଲି ।

**କ୍ୟାରିୟର ଆରମ୍ଭରୁ ନେଗେଟିଭ୍ ଚରିତ୍ର କେମିତି ଏହାକୁ ଗ୍ରହଣ କରିଥିଲେ?**

- ବାସ୍ତବ ଜୀବନରେ ମୁଁ ବହୁତ ଶାନ୍ତ ଆଉ ଚୁପ୍‌ଚାପ୍ । ଧୀର ସ୍ୱଭାବ ଯୋଗୁଁ ମୋତେ ନେଗେଟିଭ୍ ଚରିତ୍ରରେ ଅଭିନୟ କରିବାକୁ ଆରମ୍ଭରୁ ଟିକେ କଷ୍ଟ କରିବାକୁ ପଡ଼ିଥିଲା । ହେଲେ ମୋ ଟିମ୍ ବହୁତ ସହଯୋଗ କରିଥିଲେ । ଯାହାଫଳରେ ସମୟକ୍ରମେ ମୁଁ ଭଲ ଅଭିନୟ କରିପାରିଥିଲି ।

**ଅଭିନୟ, ମଡେଲିଂକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

- ଗୀତ ଗାଇବାକୁ ଭଲ ଲାଗେ । ମୁଁ ଶାସ୍ତ୍ରୀୟ ସଙ୍ଗୀତରେ ବିଶାରଦ ସାରିଛି ।

**କେଉଁ ଚରିତ୍ର ଆପଣଙ୍କୁ ଅଧିକ ଲୋକପ୍ରିୟ କରାଇଛି?**

- 'ମେକାନିକ ଦିଦି' ପରେ ପରେ 'ଶକ୍ତି', 'ସୁନାଝିଅ', 'ରାଜଯୋଗ', 'ଓଢ଼ଣୀ' ଆଦି ଧାରାବାହିକରେ ମଧ୍ୟ ମୁଁ ମୁଖ୍ୟ ଖଳନାୟିକା ଭୂମିକାରେ ଅଭିନୟ କରିଛି । ଏବେ 'ସାତ ଭାଇଙ୍କ ମଙ୍ଗଳା' ୱେବ୍ ସିରିଜ୍‌ରେ ମୁଖ୍ୟ ଖଳନାୟିକା ଚରିତ୍ରରେ କାମ କରୁଛି । ତେବେ 'ଓଢ଼ଣୀ'ର ମାନସୀ ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି ।

**ଦର୍ଶକଙ୍କ ଗାଳିକୁ କେମିତି ଗ୍ରହଣ କରନ୍ତି?**

- ମଜାଦାର କଥା ହେଉଛି, ରାସ୍ତାରେ ମୁଁ ଯିବାବେଳେ ଲୋକମାନେ ମୋତେ ଗାଳି ଦିଅନ୍ତି । ପ୍ରଥମେ ପ୍ରଥମେ ସେମାନଙ୍କ ଗାଳିକୁ ମୁଁ ଗ୍ରହଣ କରିପାରୁ ନଥିଲି । ହେଲେ ଏବେ ଭାବୁଛି ଦର୍ଶକଙ୍କ ଗାଳି ହିଁ ମୋ ପାଇଁ ଆଶୀର୍ବାଦ । ସେମାନଙ୍କ ପାଇଁ ହିଁ ଆଗକୁ ବଢ଼ି ପାରିଛି ।

**ବଡ଼ ପରଦାରେ ବି ଜଲୱା ଦେଖାଇଛନ୍ତି ଏନେଇ କ'ଣ କହିବେ?**

- 'ଡିଅର ପୁରୁଷ' ସିନେମାରେ ମୋତେ ମୁଖ୍ୟ ଖଳନାୟିକା ଭାବେ କାମ କରିବାକୁ ସୁଯୋଗ ମିଳିଥିଲା । ଏହା ସହିତ ଏକ ଟେଲି ଫିଲ୍ମରେ ବି କାମ କରିଛି ।

**ଡ୍ରିମ୍ ରୋଲ୍?**

- ଦର୍ଶକଙ୍କ ହୃଦୟରେ ରହିବା ପରି ଚରିତ୍ରରେ ଅଭିନୟ କରିବାକୁ ବହୁତ ଇଚ୍ଛା ଅଛି ।

**ଈପ୍‌ସିତାଙ୍କ ସୁନ୍ଦରତାର ରହସ୍ୟ କ'ଣ?**

- ସନ୍ତୁଳିତ ଖାଦ୍ୟ ଖାଏ, ପଖାଳରେ ମୁଁ ସନ୍ତୁଷ୍ଟ । ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଏ ନାହିଁ । ଓଜନ ନିୟନ୍ତ୍ରଣ ପାଇଁ ମୁଁ ଏକାଥରେ ନଖାଇ ଦିନରେ ବାରମ୍ବାର ଅଳ୍ପ ଅଳ୍ପ କରି ଖାଇଥାଏ । ପ୍ରତିଦିନ ବ୍ୟାୟାମ କରେ ।

**ଅଭିନୟ ପାଇଁ ମଡେଲିଂକୁ ଛାଡ଼ି ଦେବେ କି?**

- ନା, ମଡେଲିଂ ହିଁ ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ତେଣୁ ଅଭିନୟ ଓ ମଡେଲିଂ ଉଭୟକୁ ନେଇ ଆଗକୁ ଚାଲିବି ।

**ଅନେକ ପ୍ରତିଭାଶାଳୀ ଯୁବକଯୁବତୀ ଅଭିନୟ ଜଗତକୁ ଆସୁଛନ୍ତି, ସେମାନଙ୍କୁ କ'ଣ କହିବେ?**

- କମ୍ ସମୟ ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଏହି ଲାଇନ୍‌କୁ ନ ଆସି ନିଜକୁ ଭଲ ଭାବେ ପ୍ରସ୍ତୁତ କରି ଆସନ୍ତୁ । ଯାହାଫଳରେ ଜଣେ ତା'ର ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବ ।

ପରଦା ପଛର କାହାଣୀ

# ଦେଶୀ ଶବ୍ଦ ପାଇଁ ଗୀତ ପ୍ରତ୍ୟାଖ୍ୟାନ



୧୯୯୩ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ହୈମ୍ ହୈ ରାହି ପ୍ୟାର୍ କେ'ର "ଘୁଙ୍ଘଟ କି ଆଡ୍ ସେ..." ଏକ ଏଭରଗ୍ରୀନ୍ ଗୀତ । ଏଥିରେ ବଲିଉଡ୍ ସୁପର୍ ଷ୍ଟାର୍ ଅମିର ଖାନ୍ ଓ ଅଭିନେତ୍ରୀ ଜୁହି ଚାୱଲା ଚମତ୍କାର ନୃତ୍ୟ କରିଥିଲେ । ତେବେ ନିର୍ମାତା ମୁକେଶ ଭଟ୍ଟ ଏହି ଗୀତରେ ବ୍ୟବହୃତ ଅଖାଡୁଆ ଶବ୍ଦ ପାଇଁ ଏହି ଗୀତକୁ ଫିଲ୍ମରେ ନେବା ପାଇଁ ସିଧାସଳଖ ମନା କରି ଦେଇଥିଲେ । ନିକଟରେ ଏକ ସାକ୍ଷାତକାରରେ ସମୀର ଅନ୍‌ଜାନ୍ ଏହି ଗୀତକୁ ପ୍ରତ୍ୟାଖ୍ୟାନ କରିବା ପଛର ଏକ କାହାଣୀ ପ୍ରକାଶ କରିଛନ୍ତି । ସେ କହିଛନ୍ତି, "ମୋର ମନେ ଅଛି 'ଘୁଙ୍ଘଟ କି ଆଡ୍ ସେ...' ଗୀତ ପାଖରେ ମୁକେଶ ଅଟକି ରହିଥିଲେ । ଏହି ଗୀତରେ ବ୍ୟବହୃତ ଖାଣ୍ଟି ଦେଶୀ ଶବ୍ଦ ସଂଯୋଜନା ଭଲ ଲାଗୁ ନଥିଲା । ଏଥିପାଇଁ ଗୀତକୁ କାଟିବାକୁ କହିଥିଲେ । ତେଣୁ ମୁଁ ଏହି ଗୀତ ବଦଳରେ ଆଉ ଏକ ଗୀତ ଲେଖିଦେବି ବୋଲି କହିଥିଲି ।" ଠିକ୍ ଏହି ସମୟରେ ମହେଶ ଆସି ସେଟ୍‌ରେ ପହଞ୍ଚିଲେ । ମୁଁ ତାଙ୍କୁ କହିଲି, "ଏ ଗୀତ ମୁକେଶଜୀଙ୍କୁ ପସନ୍ଦ ଆସିଲାନି ।" ସେ ଏହା ଶୁଣି ପ୍ରଥମେ ଗୀତଟିକୁ ମତେ ଶୁଣାଅ ବୋଲି କହିଥିଲେ । ସେ ଗୀତ ଶୁଣିବା ପରେ ମତେ ଆଲିଙ୍ଗନ କରି ଏହି ଗୀତ ସୁନ୍ଦର ଏବଂ ଚମତ୍କାର ହୋଇଛି ବୋଲି କହିଥିଲେ । ଏଥିରେ ଥିବା ଶବ୍ଦ ମଧ୍ୟ ଖୁବ୍ ଚମତ୍କାର । ଏଥିସହ କହିଥିଲେ ତମେ ଏ ଗୀତ କାହାକୁ ଶୁଣାଉଥିଲ, ତା'ର ତ କାମ କେବଳ ଟଙ୍କା ଆଣିବା, ଫିଲ୍ମ କରିବା । ସେ କେମିତି ଏ ଗୀତର ମୂଲ୍ୟ ବୁଝିପାରିବ । ଏହାପରେ ମହେଶ ଭଟ୍ଟ ଏହି ଗୀତକୁ ଫିଲ୍ମରେ ନେବା ପାଇଁ ରାଜି ହୋଇଥିଲେ । ଏହାପରେ ଜୁହି ଏବଂ ଅମିରଙ୍କ ଏହି ଗୀତ ସୁଟ୍ ହୋଇଥିଲା । ଏବେ ମଧ୍ୟ ଏହି ଗୀତକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି । ଏହା ୯୦ ଦଶକରେ ସବୁଠୁ ଅଧିକ ଲୋକପ୍ରିୟ ଗୀତ ମଧ୍ୟରୁ ଅନ୍ୟତମ ଥିଲା ।

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ଭାରତୀୟ କ୍ରିକେଟ ଓ ହକି ଦଳ ସ୍ୱର୍ଣ୍ଣ ବଜାୟ ରଖିଲେ



## କ୍ରିକେଟ: ଲଢୁଆ ଖେଳି ସ୍ୱର୍ଣ୍ଣ ଜିତିଲା ଭାରତ

ଟୋକିଓ,୩।୧୦(ଏଜେନ୍ସି)

ଭାରତୀୟ ପୁରୁଷ କ୍ରିକେଟ ଓ ହକି ଦଳ ଏଠାରେ ଚାଲିଥିବା ଆଇଚି-ନାଗୋୟା ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଆଜି ଖେଳାଯାଇଥିବା କ୍ରିକେଟ ଫାଇନାଲରେ ଭାରତ ୧୯ ରନ୍‌ରେ ପାକିସ୍ତାନକୁ ଓ ହକି ଫାଇନାଲରେ ଭାରତ ୫-୧ ଗୋଲରେ ମାଲେସିଆକୁ ହରାଇ କ୍ରମାଗତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ଉଭୟ ବିଭାଗରେ ମହିଳା ଦଳ ମଧ୍ୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏଠାରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ହକିର ଉଭୟ ଦଳ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି। ଏମାନଙ୍କ ପୂର୍ବରୁ ବ୍ୟକ୍ତିଗତ ବିଭାଗର ମହିଳା ରିକର୍ଭ ଆର୍ଚରୀରେ ୧୭ ବର୍ଷୀୟା କୁମ୍‌କୁମ୍ ଅନିଲ ମୋହୋଦ ଓ ମହିଳା ଗଲଫ୍‌ରେ ପ୍ରଣବୀ ଅର୍ସ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଉଭୟ ବିଭାଗରେ ଏମାନେ ପ୍ରଥମ ସ୍ୱର୍ଣ୍ଣପଦକ ଜିତି ଭାରତ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ରେସଲିଂରେ ଭାରତକୁ ମିଶ୍ର ସଫଳତା ମିଳିଛି। ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଅମନ ଶେରାୱତ ସ୍ୱର୍ଣ୍ଣପଦକ ଜିତିଥିଲାବେଳେ ବିଶ୍ୱବିଜେତା ଅନ୍ତିମ ପାଙ୍ଘଲ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ଅନ୍ୟଜଣେ ତାରକା ରେସଲର ଦୀପକ ପୁନିଆ କଷ୍ଟରେ କାଂସ୍ୟ ପଦକ ହାସଲ କରିଛନ୍ତି। ଆସନ୍ତାକାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଏହାର ପୂର୍ବଦିନ ବା ଆଜି ଭାରତ ୫ଟି ସ୍ୱର୍ଣ୍ଣପଦକ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛି। ଦଳ ମୋଟ ୨୧ ସ୍ୱର୍ଣ୍ଣ, ୨୭ରୌପ୍ୟ ଓ ୩୭ କାଂସ୍ୟସହ ମୋଟ ୮୫ଟି ପଦକ ଜିତି ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

- ପ୍ରଥମ ସ୍ୱର୍ଣ୍ଣ ସହ ଇତିହାସ ସୃଷ୍ଟି କଲେ କୁମ୍‌କୁମ୍ ଓ ପ୍ରଣବୀ
- ସ୍ୱର୍ଣ୍ଣ ଜିତିଲେ ଅମନ, ଅନ୍ତିମଙ୍କୁ ରୌପ୍ୟ
- ମହିଳାଙ୍କ ପରେ ପୁରୁଷ ହକି ଦଳକୁ ୨୦୨୮ ଅଲିମ୍ପିକ୍ସ ଯୋଗ୍ୟତା

ଏସିଆନ ଗେମ୍ସ ପୁରୁଷ କ୍ରିକେଟ ଫାଇନାଲରେ ଭାରତ ୧୯ ରନ୍‌ରେ ପାକିସ୍ତାନକୁ ପରାସ୍ତ କରି କ୍ରମାଗତ ସ୍ୱର୍ଣ୍ଣପଦକ ହାସଲ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୧ ରନ୍ କରିଥିଲା। ଦଳ ପକ୍ଷରୁ ବିସ୍ଫୋରକ ଓପନର ଅଭିଷେକ ଶର୍ମା ୨୮ ବଲ୍‌ରେ ୩ଚୌକା ଓ ୭ଛକା ସହ ୬୧, ତିଳକ ବର୍ମା ଓ ଶିବମ ଦୁବେଙ୍କ ଯୋଡି ୩୦ ବଲ୍‌ରେ ୬୨ ରନ୍ କରିଥିଲେ। ତିଳକ ୨୨ବଲ୍‌ରୁ ଅପରାଜିତ ୫୧ ଓ ଶିବମ ୧୫ବଲ୍‌ରୁ ୨୭ ରନ୍ କରିବା ଫଳରେ ଦଳ ଏକ ବିଶାଳ ସ୍କୋର କରିଥିଲା। ଜବାବରେ ପାକିସ୍ତାନ ୩୯ ରନ୍‌ରେ ୩ୱିକେଟ ହରାଇଥିଲେ ମଧ୍ୟ ସାଏମ ଆୟୁବ ଓ ହାସନ ନୱାଜଙ୍କ ପାର୍ଟନରସିପ୍ ପାକିସ୍ତାନକୁ ବିଜୟ ଆଶା ଦେଇଥିଲା। ଭାରତର ସମସ୍ତ ବୋଲରଙ୍କୁ ନିର୍ମମ ପ୍ରହାର କରିଥିବା ନୱାଜ ୫୧ ବଲ୍ ଖେଳି ୫ ଚୌକା ଓ ୭ ଛକା ସହ ୯୬ ରନ୍ କରି ଶେଷ ବଲ୍‌ରେ ଆଉଟ ହୋଇଥିଲେ। ପୂର୍ବରୁ ନୱାଜ୍‌ଙ୍କ ସହ ୪ର୍ଥ ୱିକେଟରେ ଦମ୍‌ଦାର ବ୍ୟାଟିଂ କରି ୪୮ ବଲ୍‌ରୁ ୮୭ ରନ କରି ପାକିସ୍ତାନ ପଟକୁ ମ୍ୟାଚ୍ ନେଇଯାଇଥିଲେ। ଏହି ସମୟରେ ବୋଲିଂ କରିବାକୁ ଆସି ଶିବମ ଦୁବେ ପ୍ରଥମ ବଲରେ ଆୟୁବ (୨୨ବଲ୍‌ରେ ୨୯ରନ୍) ଆଉଟ ହେବା ପରେ ନୱାଜଙ୍କୁ ଭଲ ସମର୍ଥନ ମିଳି ନ ଥିଲା। ଦଳ ୬ ୱିକେଟରେ ୧୯୨ ରନ୍ କରି ପରାଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଏକ ଟାଣୁଆ ଦଳ ପଠାଇଥିବା ଭାରତ ପକ୍ଷରୁ ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ ଶିବମ ଦୁବେ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶକୁ ହରାଇ ଶ୍ରୀଲଙ୍କା କାଂସ୍ୟ ପଦକ ବିଜୟୀ ହୋଇଥିଲା।

## ଭାରତର ପୁରୁଷ ହକି ଦଳକୁ ପଞ୍ଚମ ସ୍ୱର୍ଣ୍ଣ ପଦକ




ଏସିଆନ ଗେମ୍ସ ପୁରୁଷ ହକିରେ ପାକିସ୍ତାନ ଓ ଦକ୍ଷିଣ କୋରିଆକୁ ହରାଇଥିବା ମାଲେସିଆ ଫାଇନାଲ ଏହି ସଫଳତା ଦୋହରାଇ ପାରି ନ ଥିଲା। ଆଜି ଖେଳାଯାଇଥିବା ଫାଇନାଲରେ ଭାରତ ୫-୧ ଗୋଲରେ ମାଲେସିଆ ଚ୍ୟାଲେଞ୍ଜକୁ ଉଡାଇଦେବା ସହ ସ୍ୱର୍ଣ୍ଣପଦକ ବଜାୟ ରଖିଥିଲା। ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହେବା ଫଳରେ ଭାରତୀୟ ଦଳ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗ ନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମାର୍ଦ୍ଧରେ ୨-୧ ଗୋଲରେ ଆଗୁଆ ଥିବା ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରୁ ୨ଟି, ଯୁଗରାଜ ସିଂହ, ହାର୍ଦ୍ଦିକ ସିଂହ ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅଭିଷେକ, ସୁଖଜିତଙ୍କ ସହ ଶିଳାନନ୍ଦ ଫରୱାର୍ଡରେ ଆଜି ବେଶ ପ୍ରଭାବଶାଳୀ ଖେଳିଥିଲେ।

### ପ୍ରତ୍ୟେକ ଖେଳାଳିଙ୍କୁ ୧୧, ସପୋର୍ଟ ଷ୍ଟାଫ୍‌ଙ୍କୁ ୫.୫ ଲକ୍ଷ

ସ୍ୱର୍ଣ୍ଣ ବିଜୟୀ ମହିଳା ହକି ଦଳ ପରି ଭାରତର ପୁରୁଷ ଦଳକୁ ମଧ୍ୟ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ସ୍ୱର୍ଣ୍ଣବିଜୟୀ ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୫.୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ହକି ବିଜେତା ଭାରତୀୟ ଦଳକୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଦଳର ସ୍ୱର୍ଣ୍ଣ ବିଜୟ ଅନ୍ୟ ଖେଳାଳିଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି।

## ତୀରନ୍ଦାଜିରେ କୁମ୍‌କୁମ୍ ଓ ଗଲ୍ଫରେ ପ୍ରଣବୀ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଚଳିତ ଏସିଆନ ଗେମ୍ସରେ ମହିଳା ଶକ୍ତି ବେଶ ପ୍ରଭାବ ପକାଇଛନ୍ତି। ଆଜି ଖେଳାଯାଇଥିବା ମହିଳା ବିଭାଗର ଇଣ୍ଡିଭିଜୁଆଲ ରିକର୍ଭ ଆର୍ଚରୀରେ ୧୭ ବର୍ଷୀୟା କୁମ୍‌କୁମ୍ ମୋହୋଦ ଓ ମହିଳା ଗଲ୍‌ଫରେ ପ୍ରଣବୀ ଅର୍ସ ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଆର୍ଚରୀରେ କୁମ୍‌କୁମ୍ ଲସଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗନେବାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଜି ଖେଳାଯାଇଥିବା ଫାଇନାଲରେ ସେ ଓ ତାଙ୍କ ଦକ୍ଷିଣ କୋରିଆ ପ୍ରତିଦ୍ୱନ୍ଦ୍ୱୀ ୟେଜିନ ଓ' ସମାନ ପଏଣ୍ଟ ସ୍କୋର କରିଥିଲେ। ପରେ ସୁଟଆଉଟରେ କୁମ୍‌କୁମ୍ ବିଜୟୀ ହେବା ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପୂର୍ବରୁ ସେ ମଧ୍ୟ ବିଶ୍ୱଚାମ୍ପିଅନ ଚୀନ୍‌ର ଜିଙ୍ଗୟି ଝୁଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଥିଲେ। ସେ ମଧ୍ୟ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗ ନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତକାଲି କୁମ୍‌କୁମ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପୁରୁଷ ବିଭାଗରେ କାଂସ୍ୟ ପଦକ ମୁକାବିଲା ଦୁଇ ଭାରତୀୟଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଧୀରଜଙ୍କୁ ହରାଇ ନୀରଜ ଚୋହାନ କାଂସ୍ୟ ପଦକ ହାସଲ କରିଥିଲେ।

### ପ୍ରଣବୀଙ୍କୁ ଡବଲ ମେଡାଲ



ମହିଳା ବିଭାଗ ଗଲ୍ଫରେ ଭାରତୀୟଙ୍କୁ ଡବଲ ସଫଳତା ମିଳିଛି। ପ୍ରଣବୀ ଅର୍ସଙ୍କ ନେତୃତ୍ୱରେ ଭାରତ ଡବଲ ମେଡାଲ ଜିତିଛି। ସିଙ୍ଗଲ୍ସରେ ସିଙ୍ଗାପୁରର ଶାନନ ଜୁଆନ ୟିନ୍ ତାନ୍ ଓ ଚୀନର ରୁୟୋନିଙ୍ଗ ୟିନ୍‌ଙ୍କୁ ପଛରେ ପକାଇ ପ୍ରଣବୀ ପ୍ରଥମସ୍ଥାନରେ ରହିବା ସହ ସ୍ୱର୍ଣ୍ଣପଦକ ଜିତିନେଇଥିଲେ। ଉଭୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଗୋଟିଏ ହୋଲ ପଛରେ ପକାଇ ପ୍ରଣବୀ ଏହି ମୁକାବିଲାକୁ ଜିତିନେଇଥିଲେ। ଏହା ପରେ ଅଦିତି ଅଶୋକ, ଦୀକ୍ଷା ଡାଗରଙ୍କୁ ସାଥିକରି ପ୍ରଣବୀ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ପ୍ରଣବୀଙ୍କୁ ଏହି ଟୁର୍ଣ୍ଣାମେଣ୍ଟରେ ଡବଲ ପଦକ ମିଳିଛି। କିନ୍ତୁ ସ୍ୱର୍ଣ୍ଣ ଆଶାୟୀ ଅଦିତି ଫେଲ୍ ମାରିଛନ୍ତି।

## ରେସଲର ଅମନଙ୍କୁ ସ୍ୱର୍ଣ୍ଣପଦକ



ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ବିଜେତା ଅମନ ଶେରାୱତ ରେସଲିଂରେ ଭାରତ ଲାଗି ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଗତକାଲି ସୁଜିତ କାଲକଲ ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଆଜି ଖେଳାଯାଇଥିବା ୫୭ କେଜି ଫାଇନାଲରେ ଅମନ ୧୧-୭ ପଏଣ୍ଟରେ ଉତ୍ତର କୋରିଆର ହାନ ଚୋଙ୍ଗ ସଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ଜୋରଦାର ଲଢ଼େଇ ହୋଇଥିବା ଏହି ମ୍ୟାଚ୍‌ରେ ଅମନ ଶେଷର ୪ ପଏଣ୍ଟ ହାସଲ କରି ମ୍ୟାଚ୍‌କୁ କବ୍‌ଜା କରିନେଇଥିଲେ। ପୁରୁଷ ୯୭ କେଜିରେ ଦୀପକ ପୁନିଆ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲାବେଳେ ସାଗର ପରାଜିତ ହୋଇଥିଲେ।

### ଅନ୍ତିମ ପାଙ୍ଘଲଙ୍କୁ ରୌପ୍ୟ ପଦକ

ମହିଳା ୫୩ କେଜି ବର୍ଗ୍ଗ ଫାଇନାଲରେ ଜାପାନର ମୋଏ କିୟୋକାଙ୍କଠାରୁ ପରାଜିତ ହୋଇ ଭାରତର ଅନ୍ତିମ ପାଙ୍ଘଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ମୁକାବିଲାରେ କିୟୋକାଙ୍କ ବିପକ୍ଷରେ ପାଙ୍ଘଲ ଆଗୁଆ ଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ପରାଜିତ ହୋଇଛନ୍ତି। ଜାପାନକୁ ସ୍ୱର୍ଣ୍ଣ ଓ ଭାରତକୁ ରୌପ୍ୟ ପଦକ ମିଳିଛି।

## ଅପରାହ୍ଣ ୨ଟା ୩୦ରେ ଉଦ୍‌ଯାପନ ଉତ୍ସବ

ଦୀର୍ଘ ୧୬ ଦିନ ଧରି ଜାପାନର ଆଇଚି-ନାଗୋୟାଠାରେ ଚାଲିଥିବା ଏସିଆନ ଗେମ୍ସର ୨୦ତମ ସଂସ୍କରଣ ଆସନ୍ତାକାଲି ବା ରବିବାର ଉଦ୍‌ଯାପିତ ହେବ। ନାଗୋୟାର ପାଲୋମା ମିଜୁହୋ ଷ୍ଟାଡିୟମ୍‌ରେ ଉଦ୍‌ଯାପନୀ ଉତ୍ସବ ଅପରାହ୍ଣ ୨ଟା ୩୦ ମିନିଟ୍‌ରୁ ଅନୁଷ୍ଠିତ ହେବ। ଏହି ଷ୍ଟାଡିୟମ୍‌ରେ ମଧ୍ୟ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଆଥଲେଟମାନେ ଏକତ୍ର ହୋଇ ଆସିବେ। ଏଥିଲାଗି କୌଣସି ନୀତିନିୟମ ବା ପରେଡରେ ଦେଶ ପରେ ଦେଶ ଆସିବାର ନିୟମ ନାହିଁ। କିନ୍ତୁ ଜଣେ ଶ୍ରେଷ୍ଠ ଆଥଲେଟ ନିଜ ଦେଶର ଜାତୀୟ ପତାକା ଧରି ଷ୍ଟାଡିୟମ୍ ଭିତରକୁ ଆସିବେ। ଭାରତ ପକ୍ଷରୁ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ସୁଟର ନୀରୁ ଧାଣ୍ଡା ଉଦ୍‌ଯାପନୀ ଉତ୍ସବରେ ଜାତୀୟ ପତାକା ଧରିବେ।

ଖେଳାଳିମାନେ ଷ୍ଟାଡିୟମ୍‌ରେ ପ୍ରବେଶ କରିବା ପରେ ଏସିଆନ ଗେମ୍ସ ଆୟୋଜକ କମିଟି ଓ ଅଲିମ୍ପିକ୍ କାଉନ୍ସିଲ ଅଫ୍ ଏସିଆର କର୍ମକର୍ତ୍ତାମାନେ ଆନୁଷ୍ଠାନିକ ଭାବେ କ୍ରୀଡ଼ାବିତ୍‌ଙ୍କୁ ସମ୍ବୋଧିତ କରିବେ ଓ ସମସ୍ତଙ୍କୁ ଧନ୍ୟବାଦ ଦେବେ। ଏହା ପରେ ଆନୁଷ୍ଠାନିକ ଭାବେ ଏହି କ୍ରୀଡ଼ା କୁମ୍ଭକୁ ବନ୍ଦ କରାଯିବ ବୋଲି ଘୋଷଣା କରାଯିବ। କ୍ରୀଡ଼ା ମଶାଲକୁ ଲିଭାଇ ଦିଆଯିବ। ଏହା ପୂର୍ବରୁ ଏସିଆନ ଗେମ୍ସ ପତାକା ପରବର୍ତ୍ତୀ ଆୟୋଜକ ଦେଶ କତାରକୁ ହସ୍ତାନ୍ତର କରାଯିବ। ୨୦୩୦ରେ ୨୧ତମ ଏସିଆନ ଗେମ୍ସ ଦୋହାରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି।

# ତୃତୀୟ ଦିନିକିଆରେ ଭାରତ ପରାସ୍ତ

**ହୋପ୍ ହରାଇଦେଲେ; ଇଣ୍ଡିଜର ସାନ୍ତ୍ୱନାମୂଳକ ବିଜୟ**

ନ୍ୟୁ ଚଣ୍ଡିଗଡ଼, ୩।୧୦ (ଏଜେନ୍ସି): କ୍ରମାଗତ ଦୁଇଟି ମ୍ୟାଚ୍ ହାରିବା ପରେ ଶେଷରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳ ବିଜୟ ସ୍ୱାଦ ଚାଖିଛି। ଶନିବାର ନ୍ୟୁ ଚଣ୍ଡିଗଡ଼ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜ ୫ ୱିକେଟରେ ଭାରତକୁ ପରାସ୍ତ କରିଛି। ୩୫୨ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍‌ଙ୍କ ମ୍ୟାଚ୍ ବିଜୟୀ ଦର୍ଶନୀୟ ଶତକୀୟ ପାଳି ବଳରେ ୧୦ଟି ବଲ୍ ବାକିଥାଇ ବିଜୟୀ ହୋଇଥିଲା। ଓପନିଂରୁ ଆସି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ହୋପ୍ ୧୭ଟି ଚୌକା ଓ ୩ଟି ଛକା ବଳରେ ୧୪୩ ବଲରୁ ୧୭୨ ରନ କରିଥିଲେ। ହୋପ୍‌ଙ୍କ ଏହା କ୍ରମାଗତ ଦ୍ୱିତୀୟ ଶତକ। ଦ୍ୱିତୀୟ ମ୍ୟାଚରେ ମଧ୍ୟ ୧୦୪ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମିର ଜାଙ୍ଗୋ (୬୭), କେମୋ ପଲ୍ (୪୪ ରନ) ଅଧିନାୟକ ହୋପଙ୍କୁ ଉପଯୁକ୍ତ ସାଥ୍ ଦେଇଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ, ଗୁରନୁର ବ୍ରାର, କୁଲଦୀପ୍ ଯାଦବ ଓ ନମନ ଧୀରଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା।

### ରାହୁଲଙ୍କ ଶତକ ବେକାର



ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଲୋକେଶ ରାହୁଲଙ୍କ ଦ୍ରୁତ ଅପରାଜିତ ଶତକୀୟ ପାଳି ବଳରେ ୭ ୱିକେଟରେ ୩୫୧ ରନର ବିଶାଳ ସ୍କୋର କରିଛି। ନିଜର ଏହି ୮ମ ଦିନିକିଆ ଶତକୀୟ ପାଳିରେ ରାହୁଲ ୮୭ ବଲରୁ ୧୨୯ (୬ ଛକା ଓ ୧୦ ଚୌକା) ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଓପନର୍ ରୋହିତ୍ ଶର୍ମା ୮୫ ବଲରୁ ୯୨ ରନ ଓ ଋତୁରାଜ ଗାଏକ୍ୱାଡ ୬୯ ବଲରେ ୫୭ ରନ କରିଥିଲେ। ତେବେ ଗତ ମ୍ୟାଚର ଦ୍ୱିଶତକ ହାସଲକାରୀ ଶୁବମନ ଗିଲ୍ ୧ ଓ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି 'ଗୋଲ୍ଡେନ ଡକ୍'ର ସମ୍ମୁଖୀନ ହୋଇଥିଲେ। ପରାଜୟ ସତ୍ତ୍ୱେ ପ୍ରଥମ ଦୁଇଟି ମ୍ୟାଚ୍ ଜିତିଥିବା ଭାରତ ୨-୧ରେ ସିରିଜ ବିଜୟୀ ହୋଇଛି। ଦୁଇ ଦଳ ମଧ୍ୟରେ ପାଞ୍ଚ ମ୍ୟାଚବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୬ ତାରିଖରୁ ଆରମ୍ଭ ହେବ।

**ପୁରୀ କୋଷ୍ଟାଲ ମାରାଥନର ପଦକ ଓ ଜର୍ସି ଉନ୍ମୋଚିତ**

# ଗତ ୨୦ ବର୍ଷରେ ଓଡ଼ିଶାର ବିକାଶକୁ କପିଳଙ୍କ ପ୍ରଶଂସା



ଭୁବନେଶ୍ୱର, ୩।୧୦ (ସମିସ)

ପୁରୀ କୋଷ୍ଟାଲ ମାରାଥନ ଡିସେମ୍ବର ୧୩ରେ ଅନୁଷ୍ଠିତ ହେବ। ଏହି ଅବସରରେ ମାରାଥନର ପଦକ ଓ ଜର୍ସି ଉନ୍ମୋଚିତ ହୋଇଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୧୯୮୩ ବିଶ୍ୱକପ୍ ବିଜେତା ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ କପିଳ ଦେବ, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲିପ ତିର୍କୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଅତିଥିଭାବରେ ଯୋଗ ଦେଇଥିଲେ। ମାରାଥନରେ ଏଥର ୪ଟି ବର୍ଗରେ (୪୨ କିମି, ୨୧ କିମି, ୧୦କିମି ଓ ୫ କିମି) ମୋଟ୍ ୧ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସ୍ୱତନ୍ତ୍ର ଅତିଥିଭାବରେ ଯୋଗ ଦେଇଥିବା କପିଳ ଦେବ ଏହି ଅବସରରେ ପରୋକ୍ଷରେ ଗତ ନବୀନ ସରକାରଙ୍କ ଭିତ୍ତିଭୂମି ବିକାଶକୁ ଭୂୟସୀ ପ୍ରଶଂସା କରିଛନ୍ତି। କପିଳ କହିଥିଲେ ଯେ ବିମାନବନ୍ଦରରୁ ଆରମ୍ଭ କରି ଷ୍ଟାଡିୟମ ପର୍ଯ୍ୟନ୍ତ; ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାର ଭିତ୍ତିଭୂମିରେ ଅବିଶ୍ୱସନୀୟ ଉନ୍ନତି ଘଟିଛି। ସେହିଭଳି ଜାତୀୟ ହକି ଦଳର ପ୍ରାୟୋଜକ ଭାବରେ ଓଡ଼ିଶା ସରକାର ଏକ ପ୍ରଶଂସନୀୟ ପଦକ୍ଷେପ ଆରମ୍ଭ କରିଥିଲେ। ଯାହାର ଫଳସ୍ୱରୂପ ଆଜି ଏସିଆନ ଗେମ୍ସ ହକିରେ ଆମେ ସ୍ୱର୍ଣ୍ଣିମ ସଫଳତା ପାଇଛୁ। ଆହୁରି ଅଧିକରୁ ଅଧିକ ଷ୍ଟାଡିୟମ ନିର୍ମାଣ ହେବା ସହ ଓଡ଼ିଶା ଦିନେ ଦେଶର ସ୍ପୋର୍ଟିଂ ସିଟିର ଆଖ୍ୟା ଅର୍ଜନ କରୁ ବୋଲି ଏହି କିମ୍ବଦନ୍ତୀ ଅଲରାଉଣ୍ଡର କହିଛନ୍ତି।

# ବ୍ରାଜିଲ ବିପକ୍ଷ ଐତିହାସିକ ମ୍ୟାଚରେ ଭାରତ ନିରାଶ



କୋଲକାତା, ୩।୧୦ (ଏଜେନ୍ସି): ପାଞ୍ଚଥରର ଫିଫା ବିଶ୍ୱକପ୍ ଚାମ୍ପିଅନ ବ୍ରାଜିଲ ବିପକ୍ଷରେ ଶନିବାର ସ୍ଥାନୀୟ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯାଇଥିବା ଐତିହାସିକ ଫୁଟବଲ୍ ମ୍ୟାଚ୍‌ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଫିଫା ମାନ୍ୟତାର ୬ଷ୍ଠ ସ୍ଥାନରେ ଥିବା ଶକ୍ତିଶାଳୀ ବ୍ରାଜିଲ ଏହି ମ୍ୟାଚକୁ ୪-୦ ଗୋଲରେ ଏକପାଖିଆ ଭାବରେ ଜିତିନେଇଛି। ବିଜୟୀ ବ୍ରାଜିଲ ପକ୍ଷରୁ ସାମୁଏଲ୍ ଲିନୋ ଡବଲ୍ ଗୋଲ୍ ଦେଇଥିଲେ। ସେ ମ୍ୟାଚର ୫୮ତମ ଓ ଇଞ୍ଜୁରୀ ଟାଇମ୍ (୯୦+୫) ରେ ଅନ୍ୟ ଗୋଲସ୍କୋର କରିଥିଲେ। ଏହାପୂର୍ବରୁ ପ୍ରଥମାର୍ଦ୍ଧର ୨୮ତମ ମିନିଟରେ ଯୁବ ୱିଙ୍ଗର ଏଷ୍ଟିଭାଓ ୱିଲିଆନ ଦଳ ପାଇଁ ପ୍ରଥମ ଗୋଲ୍ ଦେଇ ଖାତା ଖୋଲିଥିଲେ। ଏହାର ୧୪ ମିନିଟ୍ ପରେ ତାରକା ଷ୍ଟ୍ରାଇକର ପେଡ୍ରୋ ବ୍ରାଜିଲ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ବିଶ୍ୱର ୧୩୮ତମ ମାନ୍ୟତାପ୍ରାପ୍ତ ଘରୋଇ ଭାରତୀୟ ଦଳ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ପୋଜେସନ, ସଟ୍ ଅନ୍ ଟାର୍ଗେଟ ଓ ସଟ୍ ସମସ୍ତ କ୍ଷେତ୍ରରେ ପଛୁଆ ରହିଥିଲା। ଉଲ୍ଲେଖଯୋଗ୍ୟ ଫୁଟବଲ ଇତିହାସରେ ଭାରତ ପ୍ରଥମଥର ଲାଗି ବ୍ରାଜିଲ ସହ ମ୍ୟାଚ୍ ଖେଳିଥିଲା। ଅବସର ନେଇସାରିଥିବାରୁ ବ୍ରାଜିଲ ତାରକା ନେମାରଙ୍କୁ ଏହି ମ୍ୟାଚରେ ପ୍ରଶଂସକ ଦେଖିବାକୁ ପାଇ ନ ଥିଲେ। ଭାରତୀୟ ଫୁଟବଲ ଦଳ ଏବେ ସମାନ ଭେନ୍ୟୁରେ ଅକ୍ଟୋବର ୬ ତାରିଖରେ ଦୁଇଥରର ବିଶ୍ୱବିଜେତା ଉରୁଗୁଏ ସହ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

# ଇରାନୀ କପ୍‌ରେ ରବିଚନ୍ଦ୍ରନ୍‌ଙ୍କ ଶତକ

ଶ୍ରୀନଗର, ୩।୧୦ (ଏଜେନ୍ସି): ରଣଜୀ ଟ୍ରଫି ଚାମ୍ପିଅନ ଜମ୍ମୁ-କାଶ୍ମୀର ବିପକ୍ଷରେ ଏଠାରେ ଚାଲିଥିବା ଇରାନୀ କପ୍‌ରେ ଅବଶିଷ୍ଟ ଭାରତ ଦୃଢ଼ ବ୍ୟାଟିଂ କରିଛି। ୪୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଅବଶିଷ୍ଟ ଭାରତ ଶନିବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୯୪ ଓଭରରେ ୮ ୱିକେଟ ହରାଇ ୩୦୬ ରନ ସଂଗ୍ରହ କରିଛି। ମଧ୍ୟକ୍ରମ ବ୍ୟାଟର୍ ସ୍ମରଣ ରବିଚନ୍ଦ୍ରନ ୧୨୬ ରନର ଶତକୀୟ ପାଳି ଖେଳି କ୍ରିଜରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଋଷଭ ପନ୍ତ ୮, ମାନବ ସୁତାର ୧୬, ସାରାଂଶ ଜୈନ ୨୫, ସୁଦୀପ ଘରାମୀ ୩୩, ଓପନର୍ ସନତ ସାଙ୍ଗୱନ ୫୫ ରନର ପାଳି ଖେଳିଥିଲେ। ଘରୋଇ ଜମ୍ମୁ-କାଶ୍ମୀର ପକ୍ଷରୁ ଉମର ନାସିର ମିର ଓ ସାହିଲ ଲୋତ୍ରା ୩ଟି ଲେଖାଏ ୱିକେଟ ନେଇଛନ୍ତି। ଦ୍ୱିତୀୟ ପାଳିରେ ୨ଟି ୱିକେଟ ବଳକା ଥାଇ ଅବଶିଷ୍ଟ ଭାରତ ମୋଟ୍ ଉପରେ ୨୬୫ ରନରେ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍ ଆହୁରି ଦୁଇଦିନ ବାକିଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY